31 YEARS

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

ସମ୍ବାଦ କଳିକା

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

NS-EN ISO 9001:2008 The Only ISO Certified Odiya Newspaper

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

E-mail : sambadkalikanews@gmail.com

e-paper www.sambadkalika.in The Sambad Kalika

● ବର୍ଷ-୩୨ ● ସଂଖ୍ୟା-୩୨୭ ● ୨୫ ଡିସେମ୍ବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-327 ● 25th December 2025, Thursday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

### ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ଗଠନ ହେବ ଇକୋନୋମିକ୍ ରିଜିଅନ୍

# ସହରଗୁଡ଼ିକ 'ଗ୍ରୋଥ୍ ହବ୍' ଭାବେ ବିକଶିତ ହେବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୧୨**
**ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଇକୋନୋମିକ୍ ରିଜିଅନ୍ ଗଠନ କରାଯିବ। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ଇକୋନୋମିକ୍ ରିଜିଅନ୍ ଗଠନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ସମଗ୍ର ଅଞ୍ଚଳରେ ଥିବା ସହରଗୁଡ଼ିକୁ 'ଗ୍ରୋଥ୍ ହବ୍' ଭାବେ ବିକଶିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଥିଲେ।



ଏହି ଇକୋନୋମିକ୍ ରିଜିଅନ୍‌ରେ ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥିରେ କ୍ୟାପିଟାଲ ରିଙ୍ଗ୍ ରୋଡ୍ ଅଧୀନରେ ପାରାଦୀପରୁ ଟାଙ୍ଗୀ, ସପ୍ତଶଯ୍ୟା, ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୪୩୨ କିଲୋମିଟରର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏହାକୁ କେନ୍ଦ୍ର ସରକାରଙ୍କ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (୧୧୧ କିଲୋମିଟର) ସହିତ ସମନ୍ୱିତ କରି ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ଏହା ସହିତ କଟକ ଜିଲ୍ଲା ଜାତମୁଣ୍ଡିଆ-ତ୍ରିଶୁଳିଆ-ଉରାଳି ଦେଇ ବାଲିପାଟଣା-ପିପିଲି-ଜଟଣୀ-ଖୋର୍ଦ୍ଧା ପର୍ଯ୍ୟନ୍ତ ୧୪୮ କିଲୋମିଟରର ଏକ ଆଉଟର ରିଙ୍ଗ୍ ରୋଡ୍ ଏବଂ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡୋଠାରୁ ଚନ୍ଦକା-ପାହାଳ-ଧଉଳି ଦେଇ ୬୫ କିଲୋମିଟରର ଏକ ଇନ୍‌ର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବାର ଯୋଜନା ରହିଛି। ଏହିପରି ସମୁଦାୟ ୬୪୫ କିମିର ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ। ଏଥି ସହିତ ଏହି ଯୋଜନାରେ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ୩୨ କିଲୋମିଟର ରେଳପଥ ଏବଂ କୋଣାର୍କରୁ ଭୁବନେଶ୍ୱର ଭାୟା ନିମାପଡ଼ା ଦେଇ ୭୦ କିମିର ରେଳପଥ ନିର୍ମାଣ କରାଯିବାର ଯୋଜନା ରହିଛି।

ଯେହେତୁ ଏହା ପାରାଦୀପକୁ ସଂଯୋଗ କରୁଛି, ତେଣୁ ଏହି ଇକୋନୋମିକ୍ ରିଜିଅନ୍ ଗଠନ ହେବା ପରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ। ଏହି ରିଜିଅନ୍ ମଧ୍ୟରେ *(ପୃଷ୍ଠା ୭ରେ)*

# ଦିଲ୍ଲୀ ମେଟ୍ରୋର ବୃଦ୍ଧି ପାଇବ ପରିସର : ଖର୍ଚ୍ଚ ହେବ ୧୨ ହଜାର କୋଟି

**ନୂଆଦିଲ୍ଲୀ, ୨୪।୧୨**

ଦିଲ୍ଲୀ ମେଟ୍ରୋ ବିସ୍ତାରକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଛି। କେନ୍ଦ୍ର ସରକାର ଏହି ପ୍ରୋଜେକ୍ଟ ଉପରେ ୧୨,୦୧୫ କୋଟି ଟଙ୍କା ଖର୍ଚ୍ଚ କରିବେ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦିଲ୍ଲୀ ମେଟ୍ରୋରେ ପ୍ରତିଦିନ ପ୍ରାୟ ୬୫ ଲକ୍ଷ ଲୋକ ଯାତ୍ରା କରନ୍ତି। ସେଭଳି ପର୍ବ କିମ୍ବା କିଛି ଖାସ୍ ଅବସରରେ ଯାତ୍ରୀଙ୍କ ସଂଖ୍ୟା ବଢ଼ିକି ୮୦ ଲକ୍ଷ ପାର ହୋଇଯାଇଥାଏ।

ଏହି ପ୍ରୋଜେକ୍ଟ ଅନୁସାରେ, ୧୪ ନୂଆ ମେଟ୍ରୋ ଷ୍ଟେସନ୍ ତିଆରି କରାଯିବ। ଏଥିରେ ୧୦ ଅଣ୍ଡରଗ୍ରାଉଣ୍ଡ ଷ୍ଟେସନ୍ ଓ ୩ ଏଲିଭେଟେଡ୍ ଷ୍ଟେସନ୍ ରହିବ। ଏହି ପ୍ରୋଜେକ୍ଟ ୩ ବର୍ଷରେ ପୂରା ହେବାର



ଅନୁମାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ଦିଲ୍ଲୀ ମେଟ୍ରୋ ଷ୍ଟେସନର ଫେଜ୍ ୫ଏକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିରେ ୧୩ଟି ଷ୍ଟେସନ୍ ରହିବ। ୧୨,୦୧୫ କୋଟି ଟଙ୍କା ଖର୍ଚ୍ଚରେ ୧୬ କିଲୋମିଟର ଲମ୍ବା ନୂଆ ଲାଇନ୍ ବିଛାଇ ଦିଆଯିବ। ଏହାସହ ଦିଲ୍ଲୀ ମେଟ୍ରୋ ନେଟୱର୍କ ୪୦୦ କିଲୋମିଟରରୁ ଅଧିକ ହୋଇଯିବ।

ରାମକୃଷ୍ଣ ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ ପର୍ଯ୍ୟନ୍ତ ୯.୯ କିଲୋମିଟର ଟ୍ରାକ୍ ବଢ଼ାଯିବ। ଏହାର ଖର୍ଚ୍ଚ ୯,୫୭୦.୪ କୋଟି ଟଙ୍କା ରହିବ। ଏରୋସିଟିରୁ ଏୟାରପୋର୍ଟ ଟର୍ମିନାଲ-୧ ପର୍ଯ୍ୟନ୍ତ ୨.୩ କିଲୋମିଟର ଟ୍ରାକ୍ ବଢ଼ିବ। ଏହାର ଖର୍ଚ୍ଚ ୧,୪୧୯.୬ କୋଟି ହେବ। ତୁଗଲକାବାଦରୁ କାଳିନ୍ଦୀ କୁଞ୍ଜ ପର୍ଯ୍ୟନ୍ତ ୩.୯ କିଲୋମିଟର ଟ୍ରାକ୍ ବଢ଼ିବା ପାଇଁ ୧,୦୨୪.୮ କୋଟି ଟଙ୍କା ଖର୍ଚ୍ଚ ହେବ।

ଦିଲ୍ଲୀ ମେଟ୍ରୋ ବିସ୍ତାର ପାଇଁ କେନ୍ଦ୍ର ସରକାର ୧,୭୫୯ କୋଟି ଟଙ୍କା ଦେବ, ସେଭଳି ଦିଲ୍ଲୀ ସରକାରଙ୍କୁ ମଧ୍ୟ ଏତିକି ଟଙ୍କା ଦେବାକୁ ହେବ। ବାକି ପ୍ରାୟ ୫ ହଜାର କୋଟି ଟଙ୍କାର ଲୋନ୍ ନିଆଯିବ। କେନ୍ଦ୍ର ସରକାରଙ୍କ କହିବା ଅନୁସାରେ, ମେଟ୍ରୋ ବିସ୍ତାରରୁ ଦିଲ୍ଲୀର ପ୍ରଦୂଷଣ ଓ ଟ୍ରାଫିକ ହ୍ରାସ ପାଇବ।

# ୧୧ଟି ନିବେଶ ପ୍ରସ୍ତାବକୁ ମଞ୍ଜୁରୀ : ସୃଷ୍ଟି ହେବ ୭,୪୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି

**ଭୁବନେଶ୍ୱର, ୨୪।୧୨**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ସିଙ୍ଗିଲ ଉଇଣ୍ଡୋ କ୍ଲିଅରାନ୍ସ ଦ୍ୱାରା ୧,୩୩୩ କୋଟି ନିବେଶକୁ ଅନୁମୋଦନ କରିଛନ୍ତି। ଏହା ଦ୍ୱାରା ୭,୪୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସାତଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରି ୧୧ଟି ନିବେଶ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି ରାଜ୍ୟ ସ୍ତରୀୟ ସିଙ୍ଗଲ୍ ଉ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଓଡ଼ିଶା ସରକାର ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବା ଦୃଷ୍ଟିରୁ କାର୍ଯ୍ୟ ଆଡ଼କୁ ଯାତ୍ରା ଜାରି ରଖିଛି। ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ୧୪୩ତମ ରାଜ୍ୟ ସ୍ତରୀୟ ସିଙ୍ଗଲ୍ ଉ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ମାଧ୍ୟମରେ, ମୋଟ ୧,୩୩୨.୮୦ କୋଟି ନିବେଶ ସହିତ ୧୧ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛି, ଯାହା ୭,୪୭୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହି ଅନୁମୋଦନଗୁଡ଼ିକ ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତି-କେନ୍ଦ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆଉ ଏକ ପଦକ୍ଷେପ।

### ଇତିହାସ ରଚିଲା ଇସ୍ରୋ

# ମହାକାଶକୁ ଗଲା ଭାରତର 'ବାହୁବଳୀ'

**ନୂଆଦିଲ୍ଲୀ, ୨୪।୧୨**

ଭାରତର ମିଶନ ବ୍ଲୁବାର୍ଡ। ସରିଯିବ ଟାୱାର ଯୁଗ। ମୋବାଇଲ ଯୋଗାଯୋଗ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ। ମହାକାଶରେ ଇତିହାସ ରଚିଲା ଭାରତର 'ବାହୁବଳୀ' ରକେଟ୍। ଇସ୍ରୋର ହେଭିୱେଟ୍ ଚାମ୍ପିଅନ୍ ଲଞ୍ଚ୍ ଭେଇକଲ୍ ମାର୍କ-୩ (ଏଲ୍‌ଭିଏମ୍‌୩) ନିଜର ୮ମ ମିଶନ୍ ଉତ୍‌କ୍ଷେପଣ ହୋଇଛି। ଏଥର ଆମେରିକାର ଉଦ୍ଭାବକ ଏଏସଟି ସ୍ପେସ୍‌ମୋବାଇଲର ଆଗାମି ପିଢ଼ି କମ୍ୟୁନିକେସନ୍ ସାଟେଲାଇଟ୍ 'ବ୍ଲୁବାର୍ଡ-୬' ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ଲଞ୍ଚପ୍ୟାଡ୍‌ରୁ ମହାକାଶକୁ ପଠାଯାଇଛି। ଏହାର ଲକ୍ଷ୍ୟ- ସିଧାସଳଖ ମହାକାଶରୁ ସାଧାରଣ ସ୍ମାର୍ଟଫୋନ୍‌କୁ ବ୍ରଡ୍‌ବ୍ୟାଣ୍ଡ ପହଞ୍ଚାଇବା। ମିଶନ ସଫଳ ହେଲେ ଆଉ ମୋବାଇଲ ନେଟୱାର୍କ ପାଇଁ ଟାୱାରର ଆବଶ୍ୟକତା ପଡ଼ିବ ନାହିଁ। ଟାୱାର ଯୁଗ ସରିଯିବ। ବ୍ଲୁବାର୍ଡ ବ୍ଲକ-୨ ସାଟେଲାଇଟ୍ ପୃଥକ ହୋଇ ସଫଳତାର ସହ



କକ୍ଷପଥରେ ସ୍ଥାପିତ ହୋଇଛି। ଏହା ସହିତ, ମିଶନ୍ ସଫଳତାର ସହ ସମାପ୍ତ ହୋଇଛି। ମିଶନ୍ ଲଞ୍ଚ ନେଇ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ। ଭାରତରୁ ଆମ ଉତ୍‌କ୍ଷେପଣ ଯାନ (ରକେଟ୍) ଦ୍ୱାରା ଲଞ୍ଚ୍ ହୋଇଥିବା ଏହା ସବୁଠୁ ଓଜନଦାର ସାଟେଲାଇଟ୍। ଶ୍ରୀହରିକୋଟାରୁ ଏହା ୧୦୪ତମ ଲଞ୍ଚ୍। ମାତ୍ର ୫୨ ଦିନ ମଧ୍ୟରେ ଏଲଭିଏମ୍-୩ର ଏହା ବ୍ୟାକ ଟୁ ବ୍ୟାକ ମିଶନ ବୋଲି ଇସ୍ରୋ ଚେୟାରମ୍ୟାନ୍ ଭି. ନାରାୟଣନ୍ କହିଛନ୍ତି।

ବୁଧବାର ସକାଳ ୮.୫୫ରେ ଏହି ସାଟେଲାଇଟ୍ ଉତ୍‌କ୍ଷେପଣ ହୋଇଛି। ବ୍ଲୁବାର୍ଡ ସାଟେଲାଇଟ୍‌ର ଓଜନ ପ୍ରାୟ ୬,୧୦୦ କିଲୋ। କୌଣସି ଭାରତୀୟ ରକେଟ୍ ଦ୍ୱାରା ଲଞ୍ଚ୍ ହୋଇଥିବା ଏହା ସବୁଠୁ ଅଧିକ ଓଜନ। ଭାରତରୁ ଆମ ଉତ୍‌କ୍ଷେପଣ ଯାନ (ରକେଟ୍) ଦ୍ୱାରା ଲଞ୍ଚ୍ ହୋଇଛି। ଏହା ସବୁଠୁ ଓଜନଦାର ସାଟେଲାଇଟ୍। 'ବାହୁବଳୀ' ନାମରେ ପରିଚିତ ଏଲ୍‌ଭିଏମ୍-୩ ରକେଟ୍ ୪୩.୫ ମିଟର ଉଚ୍ଚ, ଓଜନ ୬୪୦ ଟନ୍। ଏହା ଭାରତର ସବୁଠୁ ଶକ୍ତିଶାଳୀ ରକେଟ୍। ବ୍ଲୁବାର୍ଡ-୬ ସାଟେଲାଇଟ୍‌ରେ ୨,୨୦୦ ମିଟର ସ୍କୋୟାରରେ ବିସ୍ତୃତ ଆରେ ଆଣ୍ଟିନା ସଂଲଗ୍ନ ହୋଇଛି, ଯାହା *(ପୃଷ୍ଠା ୭ରେ)*

## ଚାନ୍ଦବାଲି ନାବାଳିକା ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ସହାୟତା



**ଭୁବନେଶ୍ୱର, ୨୪।୧୨**
**ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଚାନ୍ଦବାଲି ନାବାଳିକା ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହିତ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି। ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପୀଡ଼ିତାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

# ଅନୁ ଗର୍ଗ ହେଲେ ନୂଆ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୪।୧୨**
**ନ୍ୟୁଜ୍‌ବ୍ୟୁରୋ**

ଆଇଏଏସ ଅନୁ ଗର୍ଗ ହେଲେ ମୁଖ୍ୟ ଶାସନ ସଚିବ। ୧୯୯୧ ବ୍ୟାଚର ଆଇଏଏସ ଅଫିସର ଅନୁ ଗର୍ଗ ଓଡ଼ିଶାର ନୂଆ ମୁଖ୍ୟ ଶାସନ ସଚିବ ହୋଇଛନ୍ତି। ସେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସ୍ଥାନ ନେଇଛନ୍ତି। ଡିସେମ୍ବର ୩୧ ତାରିଖରେ ତାଙ୍କର କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ଆସନ୍ତା ନୂଆବର୍ଷରୁ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ କରିବେ। ସେ ଏବେ ରାଜ୍ୟ ଉନ୍ନୟନ କମିଶନର ଅଛନ୍ତି। ଏହାଛଡ଼ା ସେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ହୋଇଛନ୍ତି।

ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୧ ବ୍ୟାଚର ଓଡ଼ିଶା କ୍ୟାଡରର ଆଇଏଏସ ଅଫିସର ହେଉଛନ୍ତି ଅନୁ ଗର୍ଗ। ୧୯୯୩ରେ ପ୍ରଥମେ ସେ ଝାରସୁଗୁଡ଼ାର ଉପ-ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିଲେ। ଏହା ପରେ କଳାହାଣ୍ଡି ଜିଲ୍ଲାର ଉପ ଜିଲ୍ଲାପାଳ ଏବଂ ପରେ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ



ଦାୟିତ୍ୱ ତୁଲାଇ ଥିଲେ। ବରଗଡ଼ ଓ ସମ୍ବଲପୁରର ଜିଲ୍ଲାପାଳ ରହିସାରିଛନ୍ତି ଅନୁ ଗର୍ଗ। ଏହାଛଡ଼ା ଦିଲ୍ଲୀରେ ଓଡ଼ିଶା ଡେପୁଟି ଆବାସିକ କମିଶନର ରହିଥିଲେ। ୨୦୦୦-୨୦୦୨ ଯାଏ ଆଇସିଡିଏସ ନିର୍ଦ୍ଦେଶକ ରହିଛନ୍ତି। ୨୦୦୨ରୁ ୨୦୦୩ ପର୍ଯ୍ୟନ୍ତ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଥିଲେ। ୨୦୦୫ରେ କେନ୍ଦ୍ର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ସୂଚାରୁ ରୂପେ ତୁଲାଇଛନ୍ତି। ସେହିପରି ମହିଳା ଓ ଶିଶୁ ବିକାଶ ସଚିବ ରହିଛନ୍ତି ଅନୁ ଗର୍ଗ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମଧ୍ୟ ରହିଛନ୍ତି। ପିଏମଓର ଯୁଗ୍ମ ସଚିବ ଥିଲେ ଅନୁ ଗର୍ଗ।

# ବଢ଼ିଲା ପିୟୁସିସି ଅବଧି

**ଭୁବନେଶ୍ୱର, ୨୪।୧୨**
**ନ୍ୟୁଜ୍‌ବ୍ୟୁରୋ**

ଆଉ ଟେନସନ୍ ନାହିଁ ! ମାସେ ବଢ଼ିଲା ପିୟୁସିସି ଅବଧି। ଫେବୃୟାରୀ ପହିଲା ଯାଏଁ ଗାଡ଼ିର ବୈଧ କାଗଜପତ୍ର କରାଇନେବାକୁ ପରାମର୍ଶ ଦିଆଯାଇଛି। ଏହି ଅବଧି ଭିତରେ ଆରସି, ଫିଟନେସ୍, ପିୟୁସି, ବୀମା ଆଦି କରାଇନେବାକୁ କୁହାଯାଇଛି। ଏନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା ନିଷ୍ପତ୍ତି ଫେବୃୟାରୀ ପହିଲାକୁ ଘୁଞ୍ଚିଯାଇଛି। ପୂର୍ବରୁ ଜାନୁଆରୀରୁ ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା। ଗାଡ଼ିର ପ୍ରଦୂଷଣ ଯାଞ୍ଚ ପାଇଁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଅବଧି ବୃଦ୍ଧି କରାଯାଇଛି। ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ଶ୍ରୀ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଫେବୃୟାରୀ ପହିଲାକୁ ଘୁଞ୍ଚାଯାଇଛି। ଏହି ଅବଧି ମଧ୍ୟରେ ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ନଥିବା ଗାଡ଼ି ପ୍ରଦୂଷଣ ଯାଞ୍ଚ *(ପୃଷ୍ଠା ୭ରେ)*

DADLS-72





ସତ୍ୟମେବ ଜୟତେ

ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର
ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ହରି ବାବୁ କମ୍ଭମପାଟି)





ଓଡ଼ିଶା ଶାସନ

ପବିତ୍ର ବଡ଼ଦିନ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1295/2526



# ଭିନ୍ନକ୍ଷମଙ୍କୁ ବ୍ୟାଟେରୀଚାଳିତ ଟ୍ରାଇସାଇକେଲ ପ୍ରଦାନ କଲେ ମନ୍ତ୍ରୀ



ବାରିପଦା, ନ୍ୟୁଜ ବ୍ୟୁରୋ: ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ୧୫ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ ପ୍ରଦାନ କରିଛନ୍ତି। ଘଟଣା ମୁତାବକ ନିକଟରେ ମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀ 'ମୋରଡ଼ା' ଯାଉଥିବା ବେଳେ କୋଷ୍ଠା ରାସ୍ତାରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ବହୁ କଷ୍ଟରେ ନିଜର ଦୁଇ ଗୋଡ଼ ଓ ଦୁଇ ହାତରେ ଚାଲି ଚାଲି ଯାଉଥିବାର ମନ୍ତ୍ରୀ ଦେଖିଥିଲେ। ନିଜ ଗାଡ଼ିରୁ ଓହ୍ଲାଇ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖକୁ ଯାଇ ତାଙ୍କର ଭଲମନ୍ଦ ବୁଝିଥିଲେ। ଏହାସହିତ ସେ ବ୍ୟାଟେରୀ ଗାଡି ଚଲାଇ ପାରିବେ କି ନାହିଁ ବୋଲି ପଚାରିଥିଲେ। ବ୍ୟକ୍ତି ଜଣଙ୍କ ହଁ' କହିବାରୁ ମନ୍ତ୍ରୀ ତାଙ୍କୁ ସେଠାରେ ବ୍ୟାଟେରୀ ଚଳିତ ଇଲେକ୍ଟ୍ରିକ୍ ଗାଡି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପର ମୁହୂର୍ତ୍ତରେ ନିଜ ନିର୍ବାଚନ ମଣ୍ଡଳୀରେ ଅନ୍ୟ କାହାର ଏହି ଗାଡିର ଅବଶ୍ୟକତା ରହିଛି ସେ ନେଇ ତଥ୍ୟ ସଂଗ୍ରହ କରି ସମସ୍ତଙ୍କୁ ଏହି ଗାଡି ଯୋଗାଇଦେବର ମନସ୍ଥ କରିଥିଲେ। ତେଣୁ ରବିବାର ତାହା ପୁରଣ କରିବା ଉଦ୍ଦେଶ୍ୟରେ ୧୫ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବାରିପଦା ସ୍ଥିତ ସର୍କିଟ୍ ହାଉସକୁ ନିମନ୍ତ୍ରଣ କରି ସମସ୍ତଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି। ଏହା ସହିତ କୋକାକଲା କମ୍ପାନୀ ତରଫରୁ ବାରିପଦା ପୋରପାଳିକାକୁ ଦିଆଯାଆଇଥିବା ୨ଟି ବେଟେରୀ ଚଳିତ ଅଟୋର ମଧ ଶୁଭାରମ୍ଭ କରିଛନ୍ତି। ଏହି ଅଟୋ ବାରିପଦା ସହର ସମସ୍ତ ରାସ୍ତାଘାଟ ବୁଲି ରାସ୍ତାର ଏଣେ ତେଣେ ପଡିଥି ପ୍ଲାଷ୍ଟିକ୍ ବତଲ ଗୋଟାଇ ତାହା ରିସାଇକେଲିଂ କରିବାରେ ସାହାଯ୍ୟ କରିବ ଏବଂ ଏହା ପରିବେଶ ସୁରକ୍ଷାର ଏକ ମାଧମ ସାଜିବ ବୋଲି କହିଛନ୍ତି ମନ୍ତ୍ରୀ।

# ବ୍ୟାସ ସରୋବର ପୀଠର ବିକାଶ ହେଉ : ପୁରାତନ ଛାତ୍ରଛାତ୍ରୀ

ବ୍ୟାସନଗର ,ନ୍ୟୁଜ ବ୍ୟୁରୋ: ଯାଜପୁର ଜିଲାର ଅନ୍ୟତମ ପୌରାଣିକ ପୀଠ ବ୍ୟାସ ସରୋବର ପୀଠର ସର୍ବାଙ୍ଗୀନ ବିକାଶ ଦାବି କରିଛନ୍ତି ବ୍ୟାସନଗର ମହା ବିଦ୍ୟାଳୟର ୧୯୯୦ ମସିହାରେ ଗ୍ରାଜୁଏସନ ବ୍ୟାଚ। କାହିଁ କେଉଁ ଅନାଦି କାଳରୁ ମହାଭାରତର ସ୍ମୃତି ବହନ କରୁଥିବା ଏହି ପୀଠକୁ ସରକାରୀ ଭାବେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରାଯାଇ ଏହାର ବିକାଶ କରାଯାଇଛି। ଏଠାକାର ସୁନ୍ଦର ପରିବେଶରେ ବଣଭୋଜି କରିବାକୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ମାନେ ଆସୁଥିବାବେଳେ ଏଠାରେ ପିଇବା ପାଣି, ସ୍ୱଚ୍ଛ ପରିବେଶ ସାଙ୍ଗକୁ ପରିମଳ ବ୍ୟବସ୍ଥା ସୁବ୍ୟବସ୍ଥିତ କରାଗଲେ ଏହାର ମାହାତ୍ମ୍ୟ ଆହୁରି ସୁଦୂର ପ୍ରସାରି ହୋଇ ପାରନ୍ତାବୋଲି ରବିବାର ଏଠାରେ ଏକତ୍ରିତ ହୋଇଥିବା ୯୦ ବ୍ୟାଚର ବନ୍ଧୁମାନେ ମତପୋଷଣ କରିଛନ୍ତି। ଏଠାରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଅତିରିକ୍ତ ଏସପି ଅତନୁ କୁମାର ରାଉତ ଉଦଘାଟନ କରିଥିଲେ। ଏମ୍ସ ମେଡିକାଲ ସୁପରିଟେଣ୍ଡେଣ୍ଟ ତଥା କ୍ୟାନ୍ସର ବିଭାଗୀୟ ମୁଖ୍ୟ ଡାକ୍ତର ଦିଲ୍ଲୀପ କୁମାର ପରିଡା କାର୍ଯ୍ୟକ୍ରମରେ ଯୋଗଦେଇ କ୍ୟାନ୍ସର ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଦୀର୍ଘ ୩୫ ବର୍ଷ ପରେ ସହପାଠୀମାନେ ଏକାଠି ହୋଇ ଛାତ୍ର ଜୀବନର ପୁରୁଣା ସ୍ମୃତିକୁ ସାଉଁଟିଥିଲେ। ସମାଜସେବୀ ଇଂ. ତପନ କୁମାର ସାହୁ, ସାମ୍ବାଦିକ ଡ଼. ଚିନ୍ତାମଣି ପାଢ଼ୀ, ଦେବାନନ୍ଦ ମାଝୀ, ଜଗନ୍ନାଥ ସାମଲ, ଲିଜାରାଣୀ ପରିଡା, ମିତାଞ୍ଜଳି ପତି, ସସ୍ମିତା ଆଚାର୍ଯ୍ୟ, ଅଜୟ କୁମାର ମହାକୁଡ଼, ସେଲି ଦାସ, କଲ୍ୟାଣୀ ପରିଡା, ଦେବସ୍ମିତା ଦେଓ,ବିଚିତ୍ର କୁମାର ବଳ, ବିଜୟ କୁମାର ଜେନା, ଶୁଭେନ୍ଦୁ ଚକ୍ର,ବିଶ୍ୱଜିତ ପଟ୍ଟନାୟକ, ଶରତ ସାମଲ, ବିଶ୍ୱରଂଜନ ଜେନା,କ୍ଷେତ୍ରବାସୀ ଘଡ଼ାଇ, ବିଏସକେ ସାମଲ, ପ୍ରଶାନ୍ତ ରାୟ, ଗୋପାଳ ସାମଲ, ରମାକାନ୍ତ ଶାନ୍ତି, ତ୍ରୈଲୋଚନ ମଲ୍ଲିକ,ରମାକାନ୍ତ ଶାନ୍ତି, ଅଶୋକ କୁମାର ଆଇଚ, ସୁଶାନ୍ତ ସାହୁ, ଅମୁଲ୍ୟ କୁମାର ପ୍ରଧାନ,ଦେବଦତ୍ତ ପାତ୍ର, ସୁରେନ୍ଦ୍ର ରାଉତରାୟ, ମାନସ ରଞ୍ଜନ ପୁହାଣ, ସଦାନନ୍ଦ ମିଶ୍ର, କୈଳାଶ ନାୟକ, ସେକ ଅଜିଜ ବକ୍ସ,ବିକାଶ ସ୍ୱାଇଁ, ଅମୁଲ୍ୟ ସାହୁ, ପ୍ରସନ୍ନ ସିଂ ସାମନ୍ତ ପ୍ରଦୀପ କୁମାର ରାଉତ,ନିରଞ୍ଜନ ପଣ୍ଡାଙ୍କ ସମେତ ଶତାଧିକ ବ୍ୟାଚମେଟ ଯୋଗଦେଇ ଏହି ପୀଠରେ ସର୍ବାଙ୍ଗୀନ ବିକାଶ ପାଇଁ ସରକାରଙ୍କ ନିକଟରେ ଦାବି କରିଥିଲେ ଥିଲେ।

# ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଚାଲିଛି ବେଧଡକ ନିଶା କାରବାର : ଅବକାରୀ ବିଭାଗ ଚୁପ୍, ପାଟ୍ରୋଲିଂ ଢିଲା



ରମ୍ଭା, ନ୍ୟୁଜ ବ୍ୟୁରୋ : ୧୬ନଂ ଜାତୀୟ ରାଜପଥର ଗାଁ ଗହଳି ଠାରୁ ଆରମ୍ଭ କରି ସହରାଞ୍ଚଳ ଗୁଡିକରେ ମଦ୍ୟପଙ୍କ ମାତାଲ, ବ୍ୟବସାୟୀ ମାଲେମାଲ, ଅବକାରୀ ବିଭାଗ ନୀରବ, ପୋଲିସ ପେଟ୍ରୋଲିଙ୍ଗ କଡାକଡି କରାଗଲେ ଏଭଳି ଦୃଶ୍ୟ ଦେଖିବାକୁ ମିଳିବ ନାହିଁ ବୋଲି ଘଟଣା ସ୍ଥଳରୁ ପ୍ରକାଶ କରାଯାଇଛି। ରମ୍ଭା ଥାନା ଇଲାକା ଛତ୍ରପୁର ଅବକାରୀ ଥାନା ଅଧୀନରେ ଯାଉଥିବା ଅନେକ ଗ୍ରାମ ଗୁଡିକରେ ବେଧଡକ ନିଶା କାରବାର ଚାଲୁଥିବା ବେଳେ ଅବକାରୀ ବିଭାଗ ସହ ଗୁପ୍ତ ବୁଝାବୁଣା କରି ବ୍ୟବସାୟୀ ମାଲେମାଲ ହେଉଛନ୍ତି। ଗାଁ ଗହଳିରେ ବେଧକଡ଼ ଦେଶୀ ମହୁଲି ମଦ, ବିଦେଶୀ ମଦ ପ୍ରଚୁର ପରିମାଣରେ ମିଳୁଅଛି। ଡବଲ ଇଂଜିନ ସରକାର ନିଶା ମୁକ୍ତ ଓଡିଶା ଗଠନ କରିବା ସ୍ୱପ୍ନ ଦେଖୁଥିବା ବେଳେ ମଦ ବ୍ୟବସାୟୀ ଅବକାରୀ ଥାନା ଅଧିକାରୀଙ୍କୁ ମୋଟା ଅଙ୍କର ପାଉଣା ଦେଇ ଉପରୋକ୍ତ ଅଞ୍ଚଳରେ ମଦ କୁଟୀର ଶିଳ୍ପରେ ପରିଣତ ହୋଇଥିବା ଲକ୍ଷ୍ୟ କରାଯାଇଛି। ସି. ଟି. ଓ ନ ଥାଇ ମଦ ଘାଟି କିଭଳି ଚାଲୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସରକାରୀ ମହୁଲି ମଦ ଘାଟି ଗୁଡିକ ଗ୍ରୋସରୀ ଦୋକାନ ଭଳି ପ୍ରତ୍ୟେକ ଗାଁରେ ଯୋଗାଇ ଦେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଜାଣିଶୁଣି ନିଦା ବିଷ୍ଣୁ ସାଜିବା ସହ ଅବଶ୍ୟ ଧର୍ମକୁ ଆଖି ଠାର ମାରିବା ଭଳି ଦୋଷ ମୁକ୍ତ ହେବା ଲାଗି ସର୍ବ ସାଧାରଣରେ କିଛି କିଛି ଲୋକଙ୍କୁ ଗିରଫ କରାଯାଉଛି। ଗାଁ ଗହଳିର ପୁରୁଷ/ଯୁବକ ମାନେ ମଦ ପି ରାସ୍ତାଘାଟ ଗଡ଼ିବା ସହ ଅବରୋଧ କରିଛନ୍ତି। ତତ ସହିତ ସଡ଼କ ଦୁର୍ଘଟଣା, ଚୋରି ଡକାୟତ ବୃଦ୍ଧି, ନିଶାଖୋର ଯୁବକ ମାନେ ପରିବାର ସହିତ ମା ଭଉଣୀ ମାନଙ୍କୁ ସଭ୍ୟ ଭାଷା ପ୍ରୟୋଗ କରୁଥିବା ଅଭିଯୋଗ ହେଉଛି। ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟକୁ ଯିବା ବାଟୋଇ, ହଟୋଇ, ପଥଚାରୀ, କନିଷ୍ଠ ଠାରୁ ବରିଷ୍ଠ ବ୍ୟକ୍ତି ମାନେ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଅବକାରୀ ବିଭାଗ ସଜାଗ ରହିବାକୁ ସାଧାରଣରେ ଦାବି ହେଉଛି।

# ମିଶନ ଶିକ୍ଷାଦାନ 'କାର୍ଯ୍ୟକ୍ରମରେ ମାଗଣା ପାଠ୍ୟ ଦାନ

ବରଗଡ଼, ନ୍ୟୁଜ ବ୍ୟୁରୋ : ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟସ୍ଥ ନାଗେନ ପାଲି ଠାରେ ମିଶନ ଶିକ୍ଷାଦାନ କାର୍ଯ୍ୟକ୍ରମ ଅବସରରେ ମାଗଣା ପାଠ୍ୟଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରେଣୀର ୪୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଶିକ୍ଷା ଗ୍ରହଣ କରିଥିଲେ । ବିଜ୍ଞାନ ଗଣିତ, ଇଂରାଜୀ ସାହିତ୍ୟ, ଭୂଗୋଳ ସଂସ୍କୃତ ଆଦି ବିଷୟରେ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ପ୍ରଦାନ କରିଥିଲେ । ଶିକ୍ଷକ ମୁହିରିଆ ପ୍ରଧାନ, କିଶୋର ବିଶ୍ୱାଳ, ଗୋପବନ୍ଧୁ ପୁରୋହିତ, ଡ. ଡୋଳା ମଣି ଶତପଥୀ, ସାମାଜିକ କର୍ମୀ ସଂଘମୀତ୍ରା ପଟେଲ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କ ମଧ୍ୟରେ ରହିଥିବା ବିଷୟ ଭିତ୍ତିକ ଶଙ୍କା ସମାଧାନ କରିଥିଲେ ।



# 'ମନରେଗା'ର ନାମ ବଦଳିବା ପ୍ରତିବାଦରେ ସିପିଏମର ବିକ୍ଷୋଭ




ଜଳେଶ୍ୱର,ନ୍ୟୁଜ ବ୍ୟୁରୋ: ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିଆଁ କଳି'-ନୀତିରେ ଚାଲିଛି ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର। ସବୁଠାରୁ ଲୋକାଭିମୁଖୀ ଏବଂ ଗ୍ରାମାଞ୍ଚଳର ଶ୍ରମଜୀବୀ ମଣିଷକୁ କାମ ଯୋଗାଇ ଦେବା ପାଇଁ ୨୦୦୫ ମସିହାରେ ସମସ୍ତ ରାଜନୈତିକ ଦଳର ସମର୍ଥନରେ ପାର୍ଲ୍ୟାମେଣ୍ଟରେ ଗୃହୀତ ନିଶ୍ଚିତ ଗ୍ରାମୀଣ ନିଯୁକ୍ତି ଯୋଜନାକୁ ବର୍ତ୍ତମାନର କେନ୍ଦ୍ର ସରକାର ବନ୍ଦ କରିଦେବା ପାଇଁ ନିଷ୍ପତ୍ତି ନେବା କେବଳ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ନୁହେଁ ଗ୍ରାମରେ ବସବାସ କରୁଥିବା ଖଟିଖିଆ ଦିନ ମଜୁରିଆଙ୍କ ପେଟକୁ ଦାନା ଦେବା ସହିତ ସମାନ ବୋଲି ସିପିଏମ ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଅଭିଯୋଗ କରାଯାଇଛି। ବାମପନ୍ଥୀ ଦଳମାନଙ୍କର ପ୍ରସ୍ତାବ କ୍ରମେ ତତ୍କାଳୀନ ୟୁପିଏ ସରକାର ଗରିବ ଲୋକଙ୍କର ଶହେ ଦିନର କାମର ଗ୍ୟାରେଣ୍ଟି ପାଇଁ ନରେଗା ଯୋଜନା ପ୍ରଣୟନ ହୋଇଥିଲା ଯାହା ୨୦୦୯ ମସିହାରେ ମନରେଗା ନାମରେ ନାମିତ ହୋଇଛି। ଏହି ଯୋଜନା ଆସିବା ପରେ ଯେଉଁମାନେ କାମ ନପାଇ ଭୋକ ଉପାସରେ ଦିନ କାଟୁଥିଲେ ସେମାନେ ଅନ୍ତତଃ ଆଶ୍ୱସ୍ତି ପାଇଥିଲେ। ଆଖିଦୃଶିଆ ନହେଲେ ମଧ ମୋଟାମୋଟି ଏକ ସନ୍ତୋଷଜନକ ମଜୁରୀ ପାଉଥିଲେ। ପରବର୍ତ୍ତୀ ସମୟରେ ଏଥିରେ ଥିବା ଶହେ ଦିନର କାର୍ଯ୍ୟ ଦିବସକୁ ବାମ ପନ୍ଥୀ ଦଳଗୁଡ଼ିକ ଦୁଇଶହ ଦିନକୁ ବୃଦ୍ଧି କରିବାକୁ ଦାବି କରିଆସୁଥିଲେ।ଏହା ହୋଇଥିଲେ ଦାଦନ ଯିବା ସମସ୍ୟାର ଅନେକାଂଶରେ ସମାଧାନ ହୋଇଥାନ୍ତା। ଆର୍ଥିକ ଅନଗ୍ରସର ରାଜ୍ୟ ଗୁଡ଼ିକର ବିକାଶ ତ୍ୱରାନ୍ୱିତ ହୋଇଥାନ୍ତା କାରଣ ଏହି ଯୋଜନାରେ ବ୍ୟୟ ହେଉଥିବା ଅର୍ଥର ନବେ ଭାଗ କେନ୍ଦ୍ର ସରକାରର ଦେବାର ବିଧି ଥିଲା। କିନ୍ତୁ ୨୦୧୪ମସିହା ଠାରୁ ବିଜେପି ସରକାର ଚକ୍ରାନ୍ତ ମୂଳକ ଭାବେ ଏହାର ଅନିୟମିତତା ହେବା ସହିତ ଜାଣିଶୁଣି ଠିକ୍ ସମୟରେ ଅର୍ଥ ଯୋଗାଇବାରେ ଅବହେଳା ଦେଖେଇ ଆସୁଛି । ଶେଷରେ ଏଭଳି ଏକ ଲୋକପ୍ରିୟ ଯୋଜନାକୁ ବନ୍ଦ କରିଦେଇ ଭିବି -ଜୀ-ରାମଜୀ ନାମରେ ଆଉ ଏକ ଯୋଜନା ପ୍ରଣୟନ କରିଛନ୍ତି ଯେଉଁଥିରେ କାମ ପାଇବାର କୌଣସି ଗ୍ୟାରେଣ୍ଟି ନାହିଁ। ଏଥିରେ କେନ୍ଦ୍ର ସରକାର ଏଣିକି ଷାଠିଏ ପ୍ରତିଶତ ଅର୍ଥ ଦେବାର ବ୍ୟବସ୍ଥା ରହିଛି । ପୁଣି କେନ୍ଦ୍ରର ବିନା ଅନୁମତିରେ ରାଜ୍ୟ କୌଣସି ସ୍କିମ ହାତକୁ ନେଇପାରିବେ ନାହିଁ ଯାହା ଆମ ସମ୍ବିଧାନ ପ୍ରତି ସିଧାସଳଖ ଆକ୍ରମଣ ବୋଲି ଦଳ ଅଭିଯୋଗ କରିଛି। ଏହାଦ୍ୱାରା ଗରିବ ଲୋକଟି କାମ ନପାଇ କମ୍ ମଜୁରୀରେ କାମ କରିବାକୁ ବାଧ ହେବ କିମ୍ବା ଦାଦନ ଯିବ। ଅପରପକ୍ଷରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଲୋକଙ୍କ ମାନସ ପଟରୁ ହଟାଇବା ପାଇଁ ଏହା ଆଉ ଏକ ଏଜେଣ୍ଡା ବୋଲି ଦଳ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାର ଏଥିରୁ କ୍ଷାନ୍ତ ରୁହନ୍ତୁ । ଜଳେଶ୍ୱର ହାଟ ଛକଠାରେ ଦଳର ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ପ୍ରତିବାଦ ସଭାରେ ବିଶିଷ୍ଟ ବାମପନ୍ଥୀ ନେତା ସୀତାଂଶୁ ସେନାପତି,ଜିଲ୍ଲା ନେତା ଦିପ୍ତିମାନ ଆଚାର୍ଯ୍ୟ ସମେତ, ପଲ୍ଟୁ ଦାସ, ଦିଲ୍ଲୀପ ପରିଡ଼ା, ଆରତୀ ପଲାଇ, ସବିତା ଭୂୟାଁ, ଅରୁଣ ଜେନା, ଲକ୍ଷ୍ମୀଧର ପଲାଇ, ସୁଶାନ୍ତ ରାଉତ, ଅବଦୁଲ ଜିଲାନୀ ଖାଁ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ତୀବ୍ର ସମାଲୋଚନା କରିବା ସହିତ ବିଧେୟକ ଜରିଆରେ ଗୃହୀତ ଏଭଳି ଜନବିରୋଧୀ ବିଲର ନକଲକୁ ପୋଡ଼ି ଦେବା ସହିତ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ।

# ସ୍ମୃତିଶିଖା ପଣ୍ଡା ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କିଶୋରୀ ଇଂରାଜୀରେ ପ୍ରଥମ



ରମ୍ଭା, ନ୍ୟୁଜ ବ୍ୟୁରୋ : ବୁଧବାର ଦିନ ଖଲ୍ଲିକୋଟ ବ୍ଲକ ସଭାଗୃହ ପରିସରରେ କିଶୋରୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମ ରେ ବ୍ଲକର ୨୯ଗୋଟି ପଂଚାୟତର ୨୮୧ ଗୋଟି ଅଙ୍ଗନୱାଡି କେନ୍ଦ୍ରର କିଶୋରୀ ବାଳିକା ମାନଙ୍କର ଭିନ୍ନ ଭିନ୍ନ ଯଥା ଝୋଟି, ନାଚ, ଗୀତ, ବକ୍ତୃତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ରେ ଶ୍ରୀମତୀ ବିଜୟଲକ୍ଷ୍ମୀ ପାଢ଼ୀ (ସିଡିପିଓ), ଦେବାଶିଷ ସାମଲ ବିଡିଓ(ମୁଖ୍ୟ ଅତିଥି), ବିଓ, ଏବିଇଓ ଖଲ୍ଲିକୋଟ ଥାନା ଆଇ ଆଇ ସିଓଓଏଲଏନର ବରିଷ୍ଠ ଅଧିକାରୀ ମାନେ ମଞ୍ଚାସିନ ହୋଇଥିଲେ। ଆର ସି ଏମ ସାଇନ୍ସ କଲେଜ ଜୁଲୋଜି ଅନରସ ର ଛାତ୍ରୀ ତଥା ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ପଣ୍ଡା ଙ୍କ କନ୍ୟା ସାବୁଲିଆର ସ୍ମୃତି ଶିଖା ପଣ୍ଡା ୭ଜଣ ପ୍ରତିଯୋଗୀ ମଧରେ ଇଂରାଜୀ ରେ ଓଜସ୍ୱିନୀ ଭାଷଣ ଦେଇ ପ୍ରଥମ ସ୍ଥାନ ଅଧିକାର କରି ମଞ୍ଚାସିନ ବ୍ୟକ୍ତିଙ୍କ ଠାରୁ ସାର୍ଟିଫିକେଟ ଓ ସିଲଡ଼ ଗ୍ରହଣ କରିଥିଲେ। ସାବୁଲିଆ ସେକ୍ଟରର ଗୌରବ ଆଣିଥିବାରୁ ସୁପରଭାଇଜର ରଞ୍ଜିତା ବିଶୋଇ ଧନ୍ୟବାଦ ଦେବା ସହ କୋଣେ ଅନୁକୋଣେରୁ କୃତକାର୍ଯ୍ୟ ଛାତ୍ରୀଙ୍କୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।

# ଶଙ୍ଖେଶ୍ୱରରେ ସମବାୟ ସଚେତନତା ଅଭିଯାନ



ତିର୍ତ୍ତୋଲ, ନ୍ୟୁଜ ବ୍ୟୁରୋ : ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତ ଶଙ୍ଖେଶ୍ୱର ଗ୍ରାମ ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ଗୋପାଳପୁର ଶଙ୍ଖେଶ୍ୱର ପ୍ରାଥମିକ ସମବାୟ ସମିତିର ପ୍ରଥମଥର ପାଇଁ ଚାଷୀମାନଙ୍କ ନିମନ୍ତେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସମବାୟ ସମିତିର ସମ୍ପାଦକ ପରମାନନ୍ଦ ଦାସ, ଆରଏମସିର କୃଷ୍ଣ ଚନ୍ଦ୍ର ବାରିକ, ନିହାର ରଞ୍ଜନ ସାମଲ, ଶୁଭ କାନ୍ତ ବେହେରା ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହିଥିବା ଦେଖାଯାଇଥିଲା । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବିଜୟ କୁମାର ବିଶ୍ୱାଳ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିରଜା ମୋହନ ମହାପାତ୍ର, ବିମ୍ବାଧର ପୃଷ୍ଟି, ମନୋରଞ୍ଜନ ଦାସ, ବିଳାସ ସେନାପତି, ରମେଶ ଚନ୍ଦ୍ର ପୃଷ୍ଟି, ସୁନୀଲ ମହାପାତ୍ର, ଅନାମ ଚରଣ ବେହେରା, ବିକଳି ବାରିକ, ସୁଶାନ୍ତ ସେନାପତି, ରୁଦ୍ର ମହାପାତ୍ର, ଅଜୟ ମଲ୍ଲିକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ ସମବାୟ ସମ୍ପର୍କିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ୧୩ ତମ ବାର୍ଷିକ କ୍ରୀଡା ଉତ୍ସବ



ରମ୍ଭା, ନ୍ୟୁଜ ବ୍ୟୁରୋ: ଶୁକ୍ରବାର ଦିନ ଗଂଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ରଘୁନାଥପୁର ଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ମୟୂର ବିହାର ଠାରେ ୧୩ ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ବିଦ୍ୟାପୀଠ ଗଂଜାମ ର ଖେଳ ଶିକ୍ଷକ ତଥା ହାସ୍ୟ ଅଭିନେତା ଶ୍ରୀଯୁକ୍ତ ପ୍ରିତୀ ରଞ୍ଜନ ପ୍ରଧାନ ଯୋଗ ଦେଇ ଶିଶୁ ଭାଇ ଭଉଣୀ ମାନଙ୍କୁ ସୁସ୍ଥ ଶରୀର ନିମନ୍ତେ ଖେଳ ମୁଖ୍ୟ ଭୂମିକା ଗ୍ରହଣ ବୋଲି ବକ୍ତବ୍ୟ ଦେଇଥିଲେ । ସମ୍ମାନୀତ ଅତିଥି ରୂପେ ଶ୍ରୀଯୁକ୍ତ ଯସବନ୍ତ ସ୍ୱାଇଁ ଯୋଗ ଦେଇ ଶିଶୁ ଭାଇ ଭଉଣୀ ମାନଙ୍କୁ ଖେଳକୁ ଭଲ ପାଇବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ବୀରଭଦ୍ର ହାଇସ୍କୁଲ ହୁମ୍ମା ଖେଳ ଶିକ୍ଷକ ଶ୍ରୀଯୁକ୍ତ ରୋହିତ କୁମାର ସାହୁ ଯୋଗ ଦେଇ ପିଲାମାନଙ୍କୁ ଖେଳ ଜିବନକୁ କିପରି ସରସ ସୁନ୍ଦର କରିଥାଏ ତାହା ଶିଶୁ ଭାଇ ଭଉଣୀ ମାନଙ୍କୁ ଅବଗତ କରାଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ S.SD ହୁମ୍ମା ଖେଳ ଶିକ୍ଷକ ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁ ଉତ୍ସାହିତ କରିଥିଲେ। ଗାଣ୍ଡୁ ନାହାକ ହାଇସ୍କୁଲ ଝାରେଡ଼ିର ଖେଳ ଶିକ୍ଷକ ସଞ୍ଜିବ କୁମାର ନାୟକ ଯୋଗ ଦେଇ ଖେଳ ଦ୍ୱାରା ଶାରୀରିକ ଓ ମାନସିକ ବୃଦ୍ଧି ହୋଇଥିବା କଥା ଉଲ୍ଲେଖ କରିଥିଲେ। ବିଦ୍ୟାଳୟର ସଭାପତି ତଥା ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଜୟ କୁମାର ବିଶ୍ୱାଳ ଯୋଗ ଦେଇ failure is the piller of success ବିଷୟରେ ଶିଶୁ ଭାଇ ଭଉଣୀ ମାନଙ୍କୁ ବୁଝାଇ ଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ମଶାଲ ଯାତ୍ରା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ। ସମସ୍ତ ଅତିଥି ମହୋଦୟ, ଗୁରୁଜୀ ଗୁରୁମା ଏବଂ ଛାତ୍ର ଛାତ୍ରୀ ମାନେ ଶପଥ ପାଠ କରି ଶିଶୁ ଭାଇ ଭଉଣୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୨୦୦ ମି. ଦୌଡ଼, ଅଖା ଡିଆଁ, ଲେମ୍ବୁ ଚାମଚ, ମ୍ୟୁଜିକ୍ ଚେୟାର, ଅଙ୍କ ଦୌଡ଼, ବେଙ୍ଗ ଡିଆଁ, କବାଡି ଏବଂ ଭଲିବଲ୍ ଆଦି ଖେଳ ପ୍ରତିଯୋଗିତା କରାଯାଇଥିଲା ଖେଳର ଜଜ୍‌ଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁରୁମା ଅଞ୍ଜନା ମୁଦୁଲି ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ମହୋଦୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ସସ୍ମିତା ମହାରଥୀ, ଜ୍ୟୋତିର୍ମୟୀ ଦାଶ, ଦୀପା ସାହୁ, ସ୍ୱପ୍ନାରାଣୀ ପାତ୍ର, ପି ସଂଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳି, ପୂଜା ସ୍ୱାଇଁ, ଧୂଷାସନ ସାହୁ, ସୁନିତା ସାହୁ, ସୂର୍ଯ୍ୟ କାନ୍ତି ନାହାକ, ସ୍ମୃତି ରେଖା ବେହେରା, ଦେବାଶିଷ ବେହେରା ସମତେ ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

# ବାଲି ମାଫିଆଙ୍କ ନିର୍ଯାତନା: ଶେଷ ନିଶ୍ୱାସରେ ବୈତରଣୀ, ନଦୀ ଶଯ୍ୟାରେ ଚାଲିଛି କ୍ରିକେଟ ଖେଳ



ଧାମନଗର, ନ୍ୟୁଜ ବ୍ୟୁରୋ : ଧାମନଗର ଓ ଭଦ୍ରକକୁ ଭାଗ କରୁଥିବା ବୈତରଣୀ ନଦୀ ଶୀତ ମାସରେ ଶୁଖିଗଲାଣି। ଖରାଦିନେ ଯେ ଅବସ୍ଥା କଣ ହେବ ତାହା ଏବେଠୁ ସ୍ପଷ୍ଟ ଜଣାପଡୁଛି। ବର୍ଷକ ବାର ମାସ ଅଥଳ ପାଣି ରହୁଥିବା ବୈତରଣୀ ଏବେ ଚାରଣ ଭୂମି ପାଲଟିଛି। ପିଲାମାନେ ନଦୀ ଗର୍ଭରେ କ୍ରିକେଟ ଖେଳୁଛନ୍ତି। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ସୀମାରେ ପୁଣ୍ୟତୋୟା ବୈତରଣୀର ଏ ଅବସ୍ଥା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲ୍ଲାରୁ ଉତ୍ପତ୍ତି ହୋଇଥିବା ବୈତରଣୀ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର ହୋଇ ଭଦ୍ରକ ଜିଲ୍ଲାର ଧାମରାରେ ବଙ୍ଗୋପ ସାଗରରେ ମିଶିଛି। ଦିନେ ସାଂସ୍କୃତିକ ଓ ଐତିହାସିକ ଗୁରୁତ୍ୱ ବହନ କରୁଥିବା ବୈତରଣୀ ଯାଜପୁର ମଣ୍ଡଳରେ ଗୁପ୍ତ ଗଙ୍ଗା ଭାବେ ପରିଚିତ ଥିଲା। ଯାଜପୁର, ଦଶରଥପୁର, ଭଣ୍ଡାରିପୋଖରୀ ଓ ଧାମନଗରବାସୀଙ୍କ ପାଇଁ ବୈତରଣୀ ଜୀବନଧାରା ଥିଲା। ପର୍ବପର୍ବାଣି, ତୀର୍ଥଯାତ୍ରା ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ନଦୀ କୂଳରେ ହିଁ ସମ୍ପାଦିତ ହୋଇଥାଏ। ଏପରିକି ନବେ ଦଶକରେ ନଈ କୂଳିଆ ଲୋକେ ନଈରୁ ପାଣି ନେଇ ଭାତ ପଖାଳି ଥାନ୍ତି। ନଈ ପାଣିରେ ପଖାଳ କଲେ ଭାତ ଭଲ ବାସେ ଓ ଭଲ ରହେ। ଏବେ ନଈ ପାଣି ପାଟିରେ ମାରି ହେଉନି। ପଖାଳିବେ କ'ଣ ବୋଲି ନଦୀକୂଳବାସୀ ଦେବବ୍ରତ ମଥାନ କହିଛନ୍ତି। ନଦୀର ବିଭିନ୍ନ ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ବୃଦ୍ଧି ପାଇବାରେ ଲାଗିଛି। ଧାମନଗର ବ୍ଲକର ଆନନ୍ଦପୁର, ଉତ୍ତେଇପୁର, ସୋହଡ଼ା, ଅର୍ଜ୍ଜୁନପୁରରେ ୨୦୦୦ ମସିହା ପରେ ପରେ ବାଲି ଚୋରି ଆରମ୍ଭ ହୋଇଥିଲା। ଆଉ ୨୦୦୭ ପରଠାରୁ ବାଲି ଚୋରି ବେଧଡ଼କ ବଢ଼ି ଚାଲିବାରୁ ନଦୀ ଗଭୀର ହେବାରେ ଲାଗିଲା। ବାଲି ସରିଯିବାରୁ ପଙ୍କ ଦେଖାଗଲା। ଯାହା ଫଳରେ ନଦୀର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହେଲା। ଆଉ ଜଳ ସ୍ତର କମି କମି ଗଲା। ତା ସାଙ୍ଗକୁ ଉପରମୁଣ୍ଡରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଲୌହ ଇସ୍ପାତ କାରଖାନାଗୁଡ଼ିକ ନଦୀରୁ ପାଣି ନେଲେ। ବର୍ଜ୍ୟବସ୍ତୁ ଛାଡ଼ିଲେ। ସେହିପରି ଯାଜପୁର ଟାଉନ ଓ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସହରର ମଇଳା ପାଣି ବୈତରଣୀକୁ ଛାଡ଼ି ଦିଆଯାଉଛି। ଯାହା ଯୋଗୁଁ ବୈତରଣୀ ଜଳ ପ୍ରଦୂଷିତ ହେଉଛି। ଶୈବାଳ ବଢୁଛି। ବାଲି ନଥିବାରୁ ନଦୀ ଗର୍ଭରେ ଗଛଲତା ଉଠି ବଣ ହୋଇଗଲାଣି। ଧାମନଗରର ଉପରମୁଣ୍ଡରେ ଯାଜପୁର ଟାଉନ ଦଶାଶ୍ୱମେଧ ଘାଟ ପାଖରେ ବୈତରଣୀର ଦୁଇ ଧାରରେ ବ୍ୟାରେଜ କରି ନଦୀର ତଣ୍ଟି ଚିପି ଦିଆଗଲା। ଯାହା ଫଳରେ ଗୋଟିଏ ଧାର ନଦୀ ସଂପୂର୍ଣ୍ଣ ମରିଗଲା। ଆନନ୍ଦପୁର ବାବୁସାହି ପାଖରେ ନଦୀ ଗର୍ଭରୁ ଏକ କୂଅର ଭଗ୍ନାବଶେଷ ମିଳିଛି। ସ୍ଥାନୀୟ ବାସିନ୍ଦା ମନୋଜ କୁମାର ଦାସଙ୍କ କହିବା ଅନୁସାରେ, ନବେ ଦଶକରେ ମାର୍ଚ୍ଚ ମାସରେ ସେହି କୂଅ ଚାନ୍ଦିନି ଉପରେ ୬ ଫୁଟ୍ ପାଣି ରହୁଥିଲା। ଏବେ ସେହି ଚାନ୍ଦିନୀ ଖୋଲା ପଡ଼ିଆରେ ପଡ଼ିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ, ବୈତରଣୀର ଅର୍ଥ ପାରି କରାଇବାର ନଦୀ ବୋଲି ମହାଭାରତରେ କୁହାଯାଇଛି। ଏଥିଲାଗି ରାଜନୀତି ଓ ନିର୍ବାଚନରେ ମୈଦାନକୁ ଓହ୍ଲାଉଥିବା ପ୍ରାର୍ଥୀଙ୍କ ବିଜୟ ସମ୍ଭାବନାକୁ ନିର୍ବାଚନ ବୈତରଣୀ ପାର କରିବା କଥା କୁହାଯାଏ। ଐତିହାସିକ ପ୍ରମାଣ ଅନୁଯାୟୀ, ବୈତରଣୀ କୂଳରେ ଅବସ୍ଥିତ ଯାଜପୁର ସହର ଏକଦା ଓଡ଼ିଶାର ପ୍ରାଚୀନ ରାଜଧାନୀ ଓ ଧାର୍ମିକ କେନ୍ଦ୍ର ଥିଲା। ଏହିଠାରେ ମା' ବିରଜାଙ୍କ ମନ୍ଦିର ଅବସ୍ଥିତ, ଯାହାକୁ ଶକ୍ତିପୀଠ ଭାବେ ଗଣାଯାଏ। ବର୍ତ୍ତମାନ ବୈତରଣୀ ନଦୀ ପରିବେଶଗତ ଓ ମାନବକୃତ ସମସ୍ୟାର ସମ୍ମୁଖୀନ ହେଉଛି।

# ଛାତ୍ରଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣା: ରୁଜୁ ହେଲା ହତ୍ୟା ମାମଲା

ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ: ତିନିଦିନ ତଳେ ଜିଲ୍ଲାର ତରଭା ବ୍ଲକ୍ ଅନ୍ତର୍ଗତ ଚାରଭଟା ଆଦିବାସୀ ଆଶ୍ରମ ବିଦ୍ୟାଳୟରେ ଜଣେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଘଟଣାସ୍ଥଳକୁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବାସହ ପ୍ରଥମରୁ ହିଁ ଆଶ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଅଧିକ୍ଷକ ଅରବିନ୍ଦ ମହାକୁରଙ୍କୁ ନିଲମ୍ବନ ଆଦେଶ ଦେଇଥିଲେ। ମୃତ ଛାତ୍ରଙ୍କ ବାପା ଡୁଙ୍ଗୁରିପାଲି ଥାନା ଚେରୁପାଲି ନିକଟସ୍ଥ ବଡ଼ ନୁଆପାଲି ଗାଁର ବିଷ୍ଣୁ ସୁନା ଘଟଣା ଦିନ ଖବର ପାଇ ଆସିବାପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ପୁଅର ସ୍ୱାଭାବିକ ମୃତ୍ୟୁ ହୋଇଛି କହିଥିଲେ ହେଲେ ତାଙ୍କ ପୁଅର ବାମ ପାଖ କାନ୍ଧରେ ରକ୍ତ ଜମାଟ ବାନ୍ଧିଥିବା, ଅଣ୍ଡକୋଷ ଫୁଲିଥିବା, ପିଠି ଓ ଜଂଘ ରେ ବାଡି ଦ୍ୱାରା ଆଘାତ ଚିହ୍ନ ଥିବା ଜାଣିବାପରେ ଗତକାଲି ଦିନ ୪ଟା ସମୟରେ ତାଙ୍କ ପୁଅକୁ କେହି ପିଟିପିଟି ହତ୍ୟା କରିଛି ଓ ଏହା ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗତକାଲି ତରଭା ଥାନାରେ ଲିଖିତ ଅଭିଯୋଗ ଦେବାପରେ ଘଟଣାଟି ଭିନ୍ନ ମୋଡ଼ ନେଇଥିଲା। ତାଙ୍କ ପୁଅ ଆର୍ଯ୍ୟନ ସୁନା (୧୭) ଅନ୍ୟ କାରଣରୁ ନୁହେଁ ବରଂ ତାଙ୍କର କିଛି ଜଣ ସହପାଠୀ ମିଶି ରାତିସାରା ଆର୍ଯ୍ୟନ୍‌କୁ ବିଭିନ୍ନ ପ୍ରକାରର ଶାରିରୀକ ନିର୍ଯ୍ୟାତନା ଦେବାସହ ମାରପିଟ୍ କରିବା ଦ୍ୱାରା ତାହାର ମୃତ୍ୟୁ ହୋଇଛି। ଏହାର ଉପଯୁକ୍ତ ତଦନ୍ତ କରି ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ କରିବା ପାଇଁ ସେ ଏତାଲାରେ ଦର୍ଶାଇଛନ୍ତି। ଏତାଲାକୁ ଭିତ୍ତିକରି ଏକ ହତ୍ୟା ମାମଲା ନଂ ୩୫୧/ ୨୦୨୫ ରୁଜୁ ହୋଇଛି । ତଦନ୍ତ ଭାର ଆଇଆଇସି ଅନିତା କିଡୋ ନେଇ ଅଧିକ ତଦନ୍ତ ଜାରି ରଖିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଗତକାଲି ୪ଟାରେ ସୁବର୍ଣ୍ଣପୁର ଜିଲ୍ଲା ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ତରଭା ଥାନା ସମ୍ମୁଖରେ ଆର୍ଯ୍ୟନର ମୃତ୍ୟୁର ସଠିକ ତଦନ୍ତ କରାଯାଇ ଦୋଷୀ ମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଥିଲା। ଏହି ବିକ୍ଷୋଭରେ ଜିଲ୍ଲା ସଭାପତି ମାଧବ କୁମ୍ଭାର, ବ୍ଲକ ସଭାପତି ସୁଶିଲ ମଲ୍ଲିକ, ପ୍ରକାଶ ହରିପାଲ, ତରଣିସେନ୍ ବାରିକ, କୋଶଳେଶ୍ୱର ସୁନା, ଲକ୍ଷ୍ମଣ ଭରାସାଗର, ମହେନ୍ଦ୍ର ସୁନା, ସୁବାଷ ସୁନା ପ୍ରମୁଖ ନେତୃତ୍ୱ ନେଇଥିଲେ। ଘଟଣା ସ୍ଥଳକୁ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ପହଞ୍ଚି ଘଟଣାକୁ ତୀକ୍ଷ୍ଣ ନଜର ରଖିଥିବା ବେଳେ ଅଧିକ ତଦନ୍ତ କରାଯାଇ ଦୋଷୀମାନଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଡିସେମ୍ବର ୨୦୨୫ ଗୁରୁବାର





### ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜରେ ଅନିୟମିତତା ମାମଲା

# ରାଜ୍ୟ ସରକାରଙ୍କୁ ଜବାବ ତଲବ କଲେ ହାଇକୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ସ୍ଥିତ ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ୍ ସହିତ ଶରଦେଶ୍ୱରୀ ସରକାରୀ ଆୟୁର୍ବେଦିକ ହସ୍ପିଟାଲ୍‌ରେ ବ୍ୟାପକ ଅନିୟମିତା ଓ ଦୁର୍ନୀତି ଅଭିଯୋଗ ନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ୍ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଶୁତୋଷ ଷଡ଼ଙ୍ଗୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଜାନୁଆରୀ ୨୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ ଶରଦେଶ୍ୱରୀ ସରକାରୀ ଆୟୁର୍ବେଦିକ ହସ୍ପିଟାଲ୍ ସହିତ ସରକାରୀ




ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ୍‌ରେ ବ୍ୟାପକ ଅନିୟମିତା ଓ ଦୁର୍ନୀତି ନେଇ ବାରମ୍ବାର ଅଭିଯୋଗ ହୋଉଥିଲେ ମଧ୍ୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଦର୍ଶାଇ ଏହି ମାମଲା ଦାୟର ହୋଇଛି । କେବଳ କଲମ କାଗଜରେ ଔଷଧ କିଣାଯାଉଥିବା କାରଣରୁ ସବୁବେଳେ ହସ୍ପିଟାଲ୍‌ରେ ଔଷଧର ଅଭାବ ଦେଖିବାକୁ ମିଳୁଛି । ରୋଗୀଙ୍କୁ ସରକାରୀ ବ୍ୟବସ୍ଥାରେ ଔଷଧ ମିଳିପାରୁନାହିଁ । ଏ ବାବଦ ଅର୍ଥ ତୋଷାରପାତ କରାଯାଉଥିବା ଅଭିଯୋଗ ରହିଛି । ଏଥିସହିତ ଇନ୍‌ଡୋର୍ ରୋଗୀଙ୍କ ଖାଦ୍ୟ ଯୋଗାଣ କ୍ଷେତ୍ରରେ ଟେଣ୍ଡର କରାଯାଉନାହିଁ । ବିଗତ ୭/୮ ବର୍ଷ ହେବ ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତିଙ୍କୁ ଇନ୍‌ଡୋର୍ ରୋଗୀଙ୍କ ଖାଦ୍ୟ ଯୋଗାଣ ପାଇଁ ଦାୟିତ୍ୱ ଦିଆଯାଇଛି । ଟେଣ୍ଡର ନକରି ଜଣେ ବ୍ୟକ୍ତିଙ୍କୁ ଏପରି କାର୍ଯ୍ୟ ଦିଆଯାଇ ବ୍ୟାପକ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଛି । କ୍ୟାମ୍ପସ୍‌ରେ ଧନ୍ୱନ୍ତରୀ ମନ୍ଦିର ନିର୍ମାଣ ନାଁରେ ଜୋର୍ ଜବରଦସ୍ତ ୟୁଜି, ପିଜି ଓ ପିଏଚ୍‌ଡି ପିଲାଙ୍କ ନିକଟରୁ ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ରହିଛି । ଏହି ଅର୍ଥ ଆତ୍ମସାତ୍ କରାଯାଉଛି । ଛାତ୍ରଛାତ୍ରୀଙ୍କ ରହିବା ପାଇଁ ହଷ୍ଟେଲ୍ ଲାଗି ଘରୋଇ କୋଠା ଭଡ଼ାସୂତ୍ରରେ ନିଆଯାଇଛି । ଏଭଳି ହଷ୍ଟେଲ୍‌ରେ ବାସ୍ତବରେ କୌଣସି ବିଦ୍ୟାର୍ଥୀ ରହୁନାହାନ୍ତି । ଏପରି କରି ଭଡ଼ା ବାବଦ ଅର୍ଥ ଆତ୍ମସାତ୍ କରାଯାଉଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଏପରି ଅନିୟମିତତା ଓ ଦୁର୍ନୀତି ଅଭିଯୋଗର ତଦନ୍ତ ବିଚାରବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଗଲେ ସତ ପଦାକୁ ଆସିବ ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରଶ୍ମିନାରାୟଣ ପଟ୍ଟନାୟକ ଓ ସରକାରଙ୍କ ପକ୍ଷରୁ ଏଜିଏ ଶାଶ୍ୱତ ଦାସ ମାମଲା ପରିଚାଳନା କରୁଛନ୍ତି ।

## ହ୍ୟୁମାନ୍ ସାଗର ମୃତ୍ୟୁ ଘଟଣା:ପୋଲିସର ଖୋଳତାଡ଼ ଆରମ୍ଭ

**କଟକ, ନ୍ୟୁଜ୍ ବ୍ୟୁରୋ**

ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅକାଳ ମୃତ୍ୟୁକୁ ନେଇ ତାଙ୍କ ମାଆ ଶେଫାଳି ସୁନାଙ୍କ ଏତଲା ଆଧାରରେ ମର୍କତନଗର ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତଦନ୍ତରେ ପ୍ରମୁଖ ତଥ୍ୟ ପ୍ରମାଣ କୁହାଯାଉଥିବା ସିସିଟିଭି ଫୁଟେଜ୍, ବ୍ୟାଙ୍କର ଅର୍ଥ ଦେଣନେଣ ତଥ୍ୟ ଓ ମୋବାଇଲ୍ ଫୋନ୍ କଲ୍ ରେକର୍ଡ (ସିଡିଆର୍) ଆଣିବା ପାଇଁ ପୋଲିସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ମର୍କତନଗର ଥାନା ଅଧିକାରୀ ନିଜେ ମାମଲାର ତଦନ୍ତ ଦାୟିତ୍ୱ ନେଇଛନ୍ତି । ତେବେ ଏତେ ଗୁଡ଼ିଏ ତଥ୍ୟ ଆସିବାକୁ ସମୟ ଲାଗିବ ଓ ଏହାକୁ ତର୍ଜମା କରିବା ପରେ ଅଭିଯୁକ୍ତମାନଙ୍କୁ ନୋଟିସ୍ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ହ୍ୟୁମାନ୍‌ଙ୍କ ସିଡିଏ ସ୍ଥିତ ଘରେ ସିସିଟିଭି ନାହିଁ । ତେଣୁ ତାଙ୍କ ଘର ଆଖପାଖରୁ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯିବ । ହେଲେ ହ୍ୟୁମାନ୍‌ଙ୍କ ମୃତ୍ୟୁକୁ ମାସେରୁ ଅଧିକ ସମୟ ହେଲାଣି, ଏତେ ସମୟର ଫୁଟେଜ୍ ସାଧାରଣ ଲୋକଙ୍କ ଘରୁ ମିଳିବା ସହଜ ନୁହେଁ ବୋଲି ପୋଲିସ କହୁଛି । ତଥାପି ଏକ ଟିମ୍ ଫୁଟେଜ୍ ସଂଗ୍ରହ ପାଇଁ ନିୟୋଜିତ ହୋଇଛି । ମା' ଶେଫାଳି ସୁନା ତାଙ୍କ ଏତଲାରେ ବୋହୂ ସମେତ ମୋଟ୍ ୯ ଜଣଙ୍କୁ ଅଭିଯୁକ୍ତ କରିଛନ୍ତି । ବୋହୂ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର, ଚିକିତ୍ସା କରୁଥିବା ଡାକ୍ତର ଶୁଭେନ୍ଦୁ ମିଶ୍ର, ସହ-କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସଂଗୀତ ନିର୍ଦ୍ଦେଶକ ସୋମେଶ ଶତପଥୀ, ମ୍ୟାନେଜର ଦିନେଶ ବେହେରା, ମ୍ୟାନେଜର ଏମ୍‌ଡି ଆବିଦ (ବବ୍ଲୁ), ମ୍ୟାନେଜର ପ୍ରଶାନ୍ତ ବେହେରା, ସହଯୋଗୀ ଲୁଲୁ ମହାନ୍ତି ଓ ଜଗଦୀଶ ମହାନ୍ତି ଏହି ମାମଲାରେ ଅଭିଯୁକ୍ତ ଅଛନ୍ତି । ସମସ୍ତ ଅଭିଯୁକ୍ତଙ୍କ ବ୍ୟାଙ୍କ୍ ତଥ୍ୟ, ମୋବାଇଲ୍ କଲ୍ ରେକର୍ଡ ଓ ସୋସିଆଲ୍ ମିଡିଆ ଚାଟ୍ ରେକର୍ଡ ଆଣିବାକୁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି । ହେଲେ ଏତେ ଅଭିଯୁକ୍ତଙ୍କର ଟିକିନିକି ତଥ୍ୟ ଆଣିବା ସମୟ ସାପେକ୍ଷ । ସୀମିତ ସାଧନ ମଧ୍ୟରେ ଏସବୁ ତଥ୍ୟକୁ ଆଣି ତର୍ଜମା କରିବାରେ ସମୟ ଲାଗିବ ବୋଲି ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି । ଏହି ମାମଲାରେ ଏସବୁ ତଥ୍ୟର ଗୁରୁତ୍ୱ ରହିଛି । ତେଣୁ ସେସବୁ ଆସିବା ପରେ ହିଁ ଅଭିଯୁକ୍ତମାନଙ୍କୁ ନୋଟିସ୍ କରାଯିବ । ଯଦି ଅତି ଆବଶ୍ୟକ ହୁଏ ତାହେଲେ ତା ପୂର୍ବରୁ ମଧ୍ୟ କିଛି ଅଭିଯୁକ୍ତଙ୍କୁ ହାଜର ପାଇଁ ପୋଲିସ ନୋଟିସ୍ କରିପାରେ ବୋଲି ସୂଚନା ଦିଆଯାଇଛି । ବିଶେଷକରି ପତ୍ନୀ ଶ୍ରେୟା ମିଶ୍ର, ମ୍ୟାନେଜର ଦିନେଶ ବେହେରା, ମ୍ୟାନେଜର ଏମ୍‌ଡି ଆବିଦ ଓ ସହ-କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀଙ୍କୁ ପ୍ରଥମେ ନୋଟିସ୍ କରାଯାଇପାରେ ବୋଲି ପୋଲିସ କହିଛି । ତେବେ ଅଭିଯୋଗର ଫର୍ଦ୍ଦ ଲମ୍ବା ହୋଇଥିବାରୁ ତଦନ୍ତ ମଧ୍ୟ ଦୀର୍ଘ ସମୟ ଲାଗିବ ବୋଲି ପୋଲିସ କହିଛି । ଏବେ ଅଭିଯୁକ୍ତମାନଙ୍କ ଅଡୁଆ ବଢ଼ିପାରେ ବୋଲି କୁହାଯାଉଛି ।

## ୭୨୦ ବୋତଲ କଫ୍ ସିରପ୍ ସହ ଅଭିଯୁକ୍ତ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାତି ବୁର୍ଡା ରାସ୍ତାର ସର୍ଗୁଣାମୁଣ୍ଡା ଛକ ପାଖରୁ ଯୁବକଙ୍କ ପାଖରୁ ଜବତ ହେଲା ବିପୁଳ ପରିମାଣର କଫ୍ ସିରପ୍ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ କୌଣସି ସୂତ୍ରରୁ କଫ୍ ସିରପ୍ ଚୋରା ଚାଲାଣ ହେଉଥିବା ଖବର ପାଇଥିଲେ ଓ ତାହା ଅର୍ଜୁନପୁର-ବୁର୍ଡା ରାସ୍ତାରେ ସୋନପୁର ପଟକୁ ଆସୁଥିବା ଖବରପାଇ ତୁରନ୍ତ ପୋଲିସ ଟିମ୍‌କୁ ଏବଂ ହରଡଖୋଲ ଆଉଟ୍ ପୋଷ୍ଟ ଅଧିକାରୀ ରାଜକିଶୋର ବାରିକଙ୍କୁ ଏକତ୍ରିତ ହୋଇ ପାଟ୍ରୋଲିଂ କରିବା ସହ କଡ଼ା ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୁର୍ଡା ପଟରୁ ଆସୁଥିବା ଏକ ସ୍କୁଟିକୁ ଅଟକାଇ ଯାଞ୍ଚ କରିବାରୁ ୨ଟି ଧଳା ବ୍ୟାଗ୍‌ରେ ୭୨୦ ବୋତଲ କଫ୍ ସିରପ୍ ବୋତଲ ସହିତ ଅଭିଯୁକ୍ତ ହେମାନନ୍ଦ ବେହେରା (୨୮) ବର୍ଷକୁ ପୋଲିସ ଧରିବାରେ ସଫଳ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ସୂଚନା ଦେଇଛନ୍ତି । ଚୋରା କଫ୍ ସିରପ୍‌ର ଆନୁମାନିକ ମୂଲ୍ୟ ୩ ଲକ୍ଷ ୬୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି । ଅଭିଯୁକ୍ତ ହେମାନନ୍ଦ ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅନ୍ତର୍ଗତ ମଲମୁଣ୍ଡା ଗ୍ରାମର ପୁରସ୍ତମ ବେହେରାଙ୍କ ପୁଅ ବୋଲି ସୂଚନା ମିଳିଛି । ଏ ନେଇ ସୋନପୁର ଥାନାରେ ୨୨.୧୨.୨୫/୩୨୪ NDPS ଆକ୍ଟରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ରାସ୍ତା ପାର୍ଶ୍ୱରୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ ଦାସପୁର ଠାରୁ ଜଲଙ୍ଗପାରାକୁ ସଂଯୋଗ କରୁଥିବା ପୁରୁଣା ଦାସପୁର ଗ୍ରାମ ଠାରୁ ପ୍ରାୟ ୧ କିମି ଦୂର ରାସ୍ତା କଡ଼ରୁ ଜଣେ ଅଜଣା ମହିଳାଙ୍କ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର ହୋଇଛି । ନୀଳଗିରି ଗଛ ଛାଲିରେ ନିଆଁରେ ପୋଡିହୋଇ ମୃତ୍ୟୁବରଣ କରିଛନ୍ତି । ଅଗ୍ନିଶ୍ରମ ବାହିନୀ ନିଆଁକୁ ଆୟତ କରିଛନ୍ତି, ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଛନ୍ତି । ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି । ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ଜଣାପଡିଛି । କେହି ଏହିଠାରେ ଯୁବତୀଙ୍କୁ ନିଆଁରେ ଜାଳି ହତ୍ୟା କରିବାକୁ ଉଦ୍ୟମ କରିଥାଇପାରନ୍ତି । ଏହି ଅଞ୍ଚଳ ଛତିଶଗଡ ସୀମାନ୍ତକୁ ଲାଗି ରହିଥିବା ବେଳେ ହୁଏତ ଛତିଶଗଡ କିମ୍ବା ଓଡ଼ିଶାର କେହି ଏହି ହତ୍ୟାକାଣ୍ଡ ଘଟାଇଥିବା ଅନୁମାନ କରାଯଉଛି । ରାଇଘର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛନ୍ତି । କୋରାପୁଟରୁ ଏକ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି । କେହି ଉକ୍ତ ମହିଳା କିମ୍ବା ଯୁବତୀଙ୍କୁ ଅନ୍ୟ ସ୍ଥାନରେ ହତ୍ୟା କରି ଏହିଠାରେ ଆଣି ପୋଡି ପ୍ରମାଣ ନଷ୍ଟ ପାଇଁ ଚେଷ୍ଟା କରିଥାଇପାରନ୍ତି ବୋଲି ସ୍ଥାନୀୟ ଲୋକମାନେ ଆଶଙ୍କା କରିଛନ୍ତି । ପୋଲିସ ଶବ ଜବତ ପରେ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି, ଶବ ଚିହ୍ନଟ ସକାଶେ ୭୨ ଘଣ୍ଟା ଶବ ସଂରକ୍ଷିତ କରି ରଖାଯିବ । କେହି ଦାବିଦାର ନମିଳିଲେ ଅନ୍ତିମ ସଂସ୍କାର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଏହି ଅଞ୍ଚଳରେ ଏହିପରି ଘଟଣା ପ୍ରଥମ ଥର ଘଟିଥିବା ଯୋଗୁ ଲୋକେ ଆତଙ୍କିତ ହୋଇଛନ୍ତି । ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରକାଶ କରିଛନ୍ତି ।

## ଇଙ୍ଗା ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଇଙ୍ଗାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସ୍ଥାନୀୟ କଳାପ୍ରକାଶିନୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଇଙ୍ଗା ଚୌଦ୍ୱାର ପାୱାରପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଓ କଳାପ୍ରକାଶିନୀ କ୍ଲବ ସଭାପତି ବିଷ୍ଣୁଚରଣ ପରିଡା ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । କ୍ଲବ ସଦସ୍ୟ ସୌମ୍ୟ ରଞ୍ଜନ ପରିଡା, ନିତ୍ୟାନନ୍ଦ ସ୍ୱାଇଁ, ସୁଧାଂଶୁ ପରିଜା ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଅସ୍ଥିଶଲ୍ୟ, ଭେଷଜ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୁତି, କର୍ଣ୍ଣ, ନାସା ଓ ଗଳା ବିଭାଗର ୬ ଜଣ ଅଭିଜ୍ଞ ଡାକ୍ତର ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ମାଗଣା




ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବଣ୍ଟନ କରିଥିଲେ । ଇଙ୍ଗାର ଅଧିକାରୀମାନଙ୍କ ମଧ୍ୟରେ ବବିତ ନନ୍ଦ, ଦେବାଶିଷ ତ୍ରିପାଠୀ, ମାନସ ପଣ୍ଡା, ପ୍ରଶାନ୍ତ ସାହୁ, ସଂଜୀବ ପୁରୋହିତ, ରମେଶ ସାହୁ, ସରୋଜ ସାହୁ, ଅଭିଷେକ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ । ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଇଙ୍ଗାର ଅଧିକାରୀ ମାନସ ରଞ୍ଜନ ପ୍ରଧାନ, ବିଆଇପିଏଫ୍‌ର ସ୍ଥିତପ୍ରଜ୍ଞା ଦାସ, ବିଶ୍ୱଜିତ ମିଶ୍ର, ମନୋଜ ମହାପାତ୍ରଙ୍କ ସମେତ ୧୦ ଜଣ ସ୍ୱେଚ୍ଛାସେବୀ ପରିଚାଳନା କରିଥିବାବେଳେ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ ସଂଯୋଜନା କରିଥିଲେ ।

### ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ

## ପୁସ୍ତକ ମହୋତ୍ସବ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କ ବୌଦ୍ଧିକ ବିକାଶ ଘଟାଏ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ କୁସୁମା ସମ୍ମୁଖ ପ୍ରଶାସନିକ ଭବନ ପଡ଼ିଆରେ ପୁସ୍ତକ ମହୋତ୍ସବର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟକ ଭାବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ପ୍ରଦୀପ ପ୍ରଜ୍ୱଳନ କରିବା ସହ ମା' ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ । ଅନନ୍ୟା ସାହିତ୍ୟ ସଂସଦର ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିବାବେଳେ ଉପସଭାପତି ବିଭୂତିଭୂଷଣ ମହାପାତ୍ର ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ସଂଗଠନ ସମ୍ପାଦକ ହୃଷିକେଶ ପତି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ଡ଼. କାହ୍ନୁ ଚରଣ ମିଶ୍ର ପୁସ୍ତକ ମହୋତ୍ସବ ସମ୍ପର୍କରେ ବିବରଣୀ ପ୍ରଦାନ



କରିଥିଲେ । ମୁଖ୍ୟ ଅତିଥି ଭାବେ ଯାଜପୁରର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାମଲ ଯୋଗଦେଇ ପୁସ୍ତକ ମହୋତ୍ସବ ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭକରି ସମସ୍ତଙ୍କର ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷାବିତ ପଣ୍ଡିତ ଭୂପତିଭୂଷଣ ଯୋଗଦେଇ ପୁସ୍ତକ ସମସ୍ତଙ୍କ ବନ୍ଧୁ, ପୁସ୍ତକ ଚଟଶାଳୀ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଆବଶ୍ୟକ । ପୁସ୍ତକ ମଣିଷର ଜୀବନକୁ ଅନ୍ଧାରରୁ ଆଲୋକକୁ ନେଇଯାଏ ବୋଲି ବକ୍ତବ୍ୟ ଦେଇଥିଲେ । ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଉଦୟନାଥ ପରିଡ଼ା, ଡଃ ବିରଞ୍ଚିନାରାୟଣ ମହାପାତ୍ର, ବିଶିଷ୍ଟ ସମାଜସେବୀ ପଦ୍ମାକର ଗୁରୁ, ଶିକ୍ଷାବିତ ଦଶରଥ ସାମଲ, ଶିକ୍ଷାବିତ୍ ବିନୋଦ ଚନ୍ଦ୍ର ନାୟକ ଯୋଗଦେଇ ପୁସ୍ତକକୁ ସାରା ବିଶ୍ୱରେ ଜ୍ଞାନର ଉପଯୋଗିତା କ୍ଷେତ୍ରରେ ସର୍ବଶ୍ରେଷ୍ଠ ଆୟୁଧ ବୋଲି ବର୍ଣ୍ଣନା କରିବା ସହ ନିରକ୍ଷରକୁ ସ୍ୱାକ୍ଷର କରିବାରେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ବର୍ଣ୍ଣନା କରିଥିଲେ । ଆହ୍ୱାନ୍ ନାଟ୍ୟ ସଂସ୍ଥା ପକ୍ଷରୁ ବିଶ୍ୱଜିତ ସାହୁ ନେତୃତ୍ୱରେ "ବନ୍ଦେ ଉତ୍କଳ ଜନନୀ" ଗାନ କରିଯାଇଥିଲା । କୋରାପୁଟର ନୃତ୍ୟକଳା ସଂସ୍ଥା ପକ୍ଷରୁ କୁଳମଣି ଜେନାଙ୍କ ନେତୃତ୍ୱରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା । ନୃତ୍ୟଶିଳ୍ପୀ ଯାଜ୍ଞସେନୀ ବାରିକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଏହି ଉତ୍ସବରେ ଗଣ ମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଶୋକ କୁମାର ଦାଶ, ଅଧ୍ୟକ୍ଷ ଅନିଲ୍ କୁମାର ମହାନ୍ତି, ସୁଧାଂଶୁ ଶେଖର ରଥ, ଅଧ୍ୟକ୍ଷ ବଳରାମ ମହାନ୍ତି, ସନ୍ତୋଷ କୁମାର ମିଶ୍ର, ଡକ୍ଟର ହରିଶ ଚନ୍ଦ୍ର ପଣ୍ଡା, ଡ. ଗିରିଶ ବିହାରୀ ମିଶ୍ର, ତପନ କୁମାର ମହାରଣ୍ୟ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ । ସାମ୍ବାଦିକ ମନୀଷା ରାଉତ ସାଂସ୍କୃତି କାର୍ଯ୍ୟକ୍ରମ ପରିଚାଳନ କରିଥିଲେ ।

### ସମ୍ବଲପୁର ରେଳମଣ୍ଡଳ ସାଂସଦଙ୍କ ବୈଠକ

# ରେଳ ଭିତ୍ତିଭୂମି ଓ ଯାତ୍ରୀମାନଙ୍କ ସୁବିଧା ଉପରେ ଗୁରୁତ୍ୱ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରରେ ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ସାଂସଦମାନଙ୍କ ଏକ ବିଭାଗୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଛତିଶଗଡ଼ ଏବଂ ଓଡ଼ିଶାର ବିଶିଷ୍ଟ ସାଂସଦମାନଙ୍କ ସହ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀଙ୍କ ସହିତ ବିଭିନ୍ନ ଭିତ୍ତିଭୂମି ଓ ଯାତ୍ରୀ ସେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ସାଂସଦମାନେ ସର୍ବସମ୍ମତିକ୍ରମେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏବଂ ସାଂସଦ/ସମ୍ବଲପୁର ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭାଗୀୟ କମିଟିର ସଭାପତି ଭାବରେ ମନୋନୀତ କରିଥିଲେ । ଏହି ବୈଠକରେ ସଂଗୀତା କୁମାରୀ ସିଂହଦେଓ, ସାଂସଦ / ବଲାଙ୍ଗୀର, ପ୍ରଦୀପ ପୁରୋହିତ, ସାଂସଦ / ବରଗଡ଼, ମାଳବୀକା ଦେବୀ, ସାଂସଦ / କଳାହାଣ୍ଡି, ରୂପ କୁମାରୀ ଚୌଧୁରୀ, ସାଂସଦ / ମହାସମୁନ୍ଦ ଯୋଗଦାନ କରିଥିଲେ । ସାଂସଦମାନେ ସମ୍ବଲପୁର ରେଳ ଡିଭିଜନ୍ ଦ୍ୱାରା ଗ୍ରହଣ କରାଯାଇଥିବା ବିକାଶମୂଳକ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ ଏବଂ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଯାତ୍ରୀ ସୁବିଧା ବୃଦ୍ଧି, ଟ୍ରେନ୍ ଏବଂ ଷ୍ଟେସନ୍‌ଗୁଡ଼ିକର ସଫାସୁତୁରା, ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦା ମେଣ୍ଟାଇବା ପାଇଁ ଟ୍ରେନ୍ ଚଳାଚଳ ଦିବସ ବୃଦ୍ଧି ଏବଂ ଉପାନ୍ତ ଅଞ୍ଚଳକୁ ଟ୍ରେନ୍ ସେବା ସମ୍ପ୍ରସାରଣ କରିବା, ନୂତନ ରେଳ ଲାଇନ୍, ଦୁର୍ଗମ ଅଞ୍ଚଳକୁ ଉନ୍ନତ ସଂଯୋଗୀକରଣ, ରୋଡ଼ ଅଣ୍ଡର ବ୍ରିଜ୍ (ଉପମାର୍ଗ) ଏବଂ ରୋଡ୍ ଓଭର୍ ବ୍ରିଜ୍‌ର ବିକାଶ, ଚାଲୁରହିଥିବା ରେଳ



ପ୍ରକଳ୍ପ ଗୁଡିକୁ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା, ଟ୍ରେନ୍ ଷ୍ଟପେଜ୍ ଏବଂ ଅଞ୍ଚଳରେ ଅଧିକ ରାଜସ୍ୱ ଏବଂ ନିଯୁକ୍ତି ସୃଷ୍ଟିର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା । ସାଂସଦ ମାନେ ଗଠନମୂଳକ ଆଲୋଚନାରେ ଭାଗନେଇ ରେଳ ଭିତ୍ତିଭୂମି ବୃଦ୍ଧି ତଥା ଏହି ଅଞ୍ଚଳରେ ଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ସମ୍ବଲପୁର ରେଳମଣ୍ଡଳ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ପାଇଁ ସେମାନେ କୃତଜ୍ଞତା ଜଣାଇବା ସହ ଚାଲୁରହିଥିବା ପ୍ରକଳ୍ପର ଗୁରୁତ୍ୱକୁ ଦର୍ଶାଇ ଟ୍ରେନ୍ ସେବା, ଟ୍ରେନ୍ ରହଣି ଏବଂ ଯାତ୍ରୀ ସୁବିଧା ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିଥିଲେ । ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସାଂସଦମାନଙ୍କୁ ସ୍ୱାଗତ କରିଥିଲେ ଏବଂ ସେମାନଙ୍କର ଗଠନମୂଳକ ମତାମତ ଏବଂ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ । ସେ ପୂର୍ବତଟ ରେଳପଥର କାର୍ଯ୍ୟଦକ୍ଷତା, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ ଯାତ୍ରୀ ସେବାକୁ ଉନ୍ନତ କରିବା ଏବଂ ଆଞ୍ଚଳିକ ମାଲ୍ ପରିବହନ ଆବଶ୍ୟକତା ପୂରଣ କରିବା ପାଇଁ କରାଯାଉଥିବା ନିରନ୍ତର ପ୍ରୟାସ ବିଷୟରେ କମିଟିକୁ ସୂଚନା ଦେଇଥିଲେ । ଏହି ବୈଠକରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀଙ୍କ ସମେତ ରେଳପଥ ମୁଖ୍ୟାଳୟର ପ୍ରମୁଖ ବିଭାଗୀୟ ଅଧିକାରୀ ଓ ସମ୍ବଲପୁର ରେଳମଣ୍ଡଳର ଅଧିକାରୀମାନେ ଯୋଗଦେଇଥିଲେ ।




## ସେଞ୍ଚୁରିଆନ୍ ମହାବିଦ୍ୟାଳୟର ୧୫ତମ ବାର୍ଷିକୋତ୍ସବ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ସହର ନିକଟରେ ଥିବା ପିତାମହଲ ଠାରୁ ମାତ୍ର କିଛି ଦୂରତା ଗଢି ଉଠିଥିବା ସେଞ୍ଚୁରିଆନ ମହାବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝି ଓ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ଼. ରାଜେଶ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅତିଥିମାନେ ନିଜ ଉଦ୍‌ବୋଧନରେ ଗୁଣାତ୍ମକ ଶିକ୍ଷା, ନୀତି-ନୈତିକତା ଓ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ମେଧାବୀ ଓ କ୍ରୀଡ଼ା, ସାଂସ୍କୃତିକ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷଣ କରି ଦର୍ଶକମାନଙ୍କୁ ମନୋରଞ୍ଜନ କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ / ୭ବୃ | ୫ | ୪ଶୁ / ୩ଚରା |
| ୮ | ୨୩ / ୧୧ | ୨ |
| ୯କେ / ୧୦ | ୧୧ | ୧ରାମଙ୍ଗୁ / ୧୨ବୁ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୫।୧୨।୨୦୨୫, ପୌଷ ଦି୧୦ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ୬।୧୮।୫୨ ଚନ୍ଦ୍ରୋଦୟ- ରାଘ୨।୦୩।୦୮**
**ପଞ୍ଚମୀ-** ଦିଘ୧।୪୩ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ଦିଘ ୮।୧୮ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୧।୪୩ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୩ ଗତେ ଘ ୭।୪୮ ମଧ୍ୟେ । ସଂଘ ୬।୦୪ ଗତେ ରାଘ ୯।୩୪ ମଧ୍ୟେ । **ପର୍ବୋତ୍ସବ-** ଗୁରୁ ପଞ୍ଚମୀ ବ୍ରତ, ବଡ଼ଦିନ, ଖ୍ରୀଷ୍ଟ ଜନ୍ମ, ପଣ୍ଡିତ ମଦନ ମୋହନ ମାଳବୀ ଓ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ, ସୁଶାସନ ଜୟନ୍ତୀ ।


**ମେଷ:** ଆଜି ଆପଣଙ୍କର ଆୟ ଯୋଗ । ସୁସମ୍ବାଦ ପାଇ ଖୁସି ହେବେ । ସତ୍ କର୍ମରେ ନିଜକୁ ନିୟୋଜିତ କରନ୍ତୁ । ଦୂରଯାତ୍ରା କରି ସଫଳ ହେବେ । ମହିଳାମାନେ ସୁଖୀ ହେବେ । ଗୃହେ ଆନନ୍ଦ ଲାଭ ।


**ବୃଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ନୂତନ ବନ୍ଧୁ ଦର୍ଶନର ସୁଯୋଗ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।


**ମିଥୁନ:** ଦେବ ଦର୍ଶନ ସାଙ୍ଗକୁ ସେବା ପୂଜାର ସୁଯୋଗ ସୃଷ୍ଟି ହେବ । ଲାଗି ରହିଥିବା ବିବାଦର ସମାଧାନ ଘଟିବାକୁ ବିଳମ୍ବ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଘରେ ଅଶାନ୍ତି ଦେଖାଦେବାର ସୂଚନା ।


**କର୍କଟ:** ଶାରୀରିକ କଷ୍ଟ ଅନୁଭବ କରିବେ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଶତ୍ରୁ ନାଶ ହେବେ । ଦୂରଯାତ୍ରାର ସୁଯୋଗ ସୃଷ୍ଟି ହୋଇପାରେ । ଘରେ ସୁଖ ଶାନ୍ତି ରହିବ । ବ୍ୟୟର ମାତ୍ରା ବଢ଼ିବ ।


**ସିଂହ:** ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ ।


**କନ୍ୟା:** ଶତ୍ରୁଙ୍କ ଭୟ ଲାଗି ରହିବ । ଶୁଭ କାର୍ଯ୍ୟ କରିବେ । ମାନସିକ ଶାନ୍ତି ରହିବ ନାହିଁ । ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବେ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ଲାଗି ରହିବାର ସୂଚନା ।


**ତୁଳା:** ଉପଯୁକ୍ତ ପରାମର୍ଶ ଗ୍ରହଣ କରି କାର୍ଯ୍ୟ କଲେ ଉପକୃତ ହେବେ । ଅର୍ଥ ପ୍ରାପ୍ତିର ସୁଯୋଗ ରହିଛି । ଶୁଭ ଖବର ପାଇ ଖୁସି ହେବେ । ପାରିବାରିକ ସୁଖ ସନ୍ତୋଷ ଲାଭ ହେବାର ସୂଚନା ।


**ବିଛା:** କେତେକ କ୍ଷେତ୍ରରେ ଭୁଲ୍ ବୁଝାମଣାର ଶିକାର ହୋଇପାରନ୍ତି । ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ଧୈର୍ଯ୍ୟ ହାନି ଘଟିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଲାଭ ହେବ ।


**ଧନୁ:** ସାମାଜିକ ସ୍ତରରେ ସମ୍ମାନୀତ ହୋଇପାରନ୍ତି । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦିଅଁ ଦର୍ଶନର ସୁଯୋଗ । ଆୟରେ ଉନ୍ନତି ହେବ । ପରିବାରରେ ଆନନ୍ଦ ଲାଗି ରହିବ । ଦେହ ଭଲ ରହିବ ।


**ମକର:** ଆଶା ରଖି କାର୍ଯ୍ୟ କଲେ ସଫଳ ହେବେ । ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ । ରୋଜଗାରର ପରିମାଣ ବଢ଼ିବ । ପ୍ରତ୍ୟୁଷର ଯାତ୍ରା ସଫଳ ହେବ । ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ କଟିବ ।


**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ଦେହ ଓ ମନ ଭଲ ରହିବ । ଉତ୍ତମ ଭୋଜନ ମିଳିବ । ଭଲ ଆୟ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଆୟ ପୂର୍ବ ପରି ସ୍ଥିର ରହିବ ।


**ମୀନ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ବଢ଼ିବ । ପରିବାରରେ ଅଶାନ୍ତି ଦେଖାଦେବ । ଯାହା ପାଇବାର ଆଶା ରଖିଛନ୍ତି ତାହା ବିଳମ୍ବରେ ପ୍ରାପ୍ତ ହେବ । ଅଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବାର ସୂଚନା ।

## କୋର୍ଟ ପରିସରରୁ ବାଇକ୍ ଚୋରି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା କୋର୍ଟ ପରିସରରୁ ଦିନ ୧ଟା ସମୟରେ ଏକ ବାଇକ୍ ଚୋରି ହୋଇଥିବା ଘଟଣା ଟାଉନ୍ ଥାନାରେ ଏତଲା ହୋଇଛି । ଏତଲାରୁ ପ୍ରକାଶ ଯେ, ବରିଷ୍ଠ ଆଇନଜୀବୀ ରଞ୍ଜନ କୁମାର ପଣ୍ଡା ପୁରୁଣା କୋର୍ଟ ପରିସରରେ ତାଙ୍କର ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ବାଇକ୍ ରଖି ନିଜ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଖରାବେଳେ ଖାଇବାକୁ ଗଲାବେଳେ ତାଙ୍କ ବାଇକ୍‌ଟି ସେଠାରେ ନଥିବାର ଦେଖିବାକୁ ପାଇ ଟାଉନ୍ ଥାନାରେ ଏତଲା ଦେବାପରେ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବାର ଜଣାପଡିଛି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୬।୧୨।୨୦୨୫, ପୌଷ ଦି୧୧ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ୬।୧୯।୧୮ ଚନ୍ଦ୍ରୋଦୟ- ଦିଘ୧୦।୪୦।୧୩**
**ଷଷ୍ଠୀ-** ଦିଘ୧।୪୪ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ଦିଘ ୮।୫୯ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ରାଘ ୩।୦୯ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୩।୦୯ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ ୩।୦୯ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୧।୪୪ ଗତେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୩ ଗତେ ଘ ୭।୦୬ ମଧ୍ୟେ । ଦିଘ ୧୨।୦୯ ଗତେ ଘ ୩।୦୨ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ ।

31 YEARS
ସମ୍ବାଦ କଳିକା

# H-1B ଭିସା ନିୟମରେ ବଡ଼ ପରିବର୍ତ୍ତନ

ମଙ୍ଗଳବାର ଦିନ ଆମେରିକାରେ କାମ କରିବାକୁ ଚାହୁଁଥିବା ବିଦେଶୀ ବୃତ୍ତିଗତଙ୍କ ପାଇଁ H-1B ଭିସାରେ ବଡ଼ ପରିବର୍ତ୍ତନ କରାଯାଇଛି। ଏଣିକି ଅଧିକ ଦକ୍ଷତା ଏବଂ ଅଧିକ ଦରମା ଥିବା ଲୋକଙ୍କୁ ଦିଆଯିବ ପ୍ରାଥମିକତା। ଏହି ଭିସା ନିୟମରେ ବଡ଼ ପରିବର୍ତ୍ତନପାଇଁ ସରିଲା ଲଟେରୀ ବ୍ୟବସ୍ଥା । ଏଣିକି ଅଧିକ ଦକ୍ଷତା ଏବଂ ଅଧିକ ଦରମା ଥିବା ଲୋକଙ୍କୁ ଦିଆଯିବ ପ୍ରାଥମିକତା। ମଙ୍ଗଳବାର ଦିନ ଆମେରିକାରେ କାମ କରିବାକୁ ଚାହୁଁଥିବା ବିଦେଶୀ ବୃତ୍ତିଗତଙ୍କ ପାଇଁ H-1B ଭିସାରେ ବଡ଼ ପରିବର୍ତ୍ତନ କରାଯାଇଛି। ଏପର୍ଯ୍ୟନ୍ତ, ଏକ ଅନିୟମିତ ଲଟେରୀ ବ୍ୟବସ୍ଥା ପ୍ରଚଳିତ ଥିଲା, କିନ୍ତୁ ଏହାକୁ ଉଚ୍ଛେଦ କରାଯାଇଛି। ଏହା ବଦଳରେ, ଏକ 'ୱେଟେଡ୍ ସିଲେକ୍ସନ ପ୍ରୋସେସ' କାର୍ଯ୍ୟକାରୀ କରାଯିବ, ଯାହା ଉଚ୍ଚ-କୁଶଳୀ ଏବଂ ଅଧିକ ଦରମା ପାଉଥିବା ବିଦେଶୀ ବୃତ୍ତିଗତଙ୍କୁ ପ୍ରାଥମିକତା ଦେବ। ଆମେରିକୀୟ କର୍ମଚାରୀଙ୍କ ଚାକିରିକୁ ସୁରକ୍ଷା ଦେବା ପାଇଁ ଆମେରିକାର ଗୃହ ସୁରକ୍ଷା ବିଭାଗ ଦ୍ୱାରା ନୂତନ H-1B ଭିସା ନିୟମାବଳୀ ଜାରି କରାଯାଇଛି। ଗୃହ ସୁରକ୍ଷା ବିଭାଗ କହିଛି ଯେ, ପୁରୁଣା H-1B ଭିସା ଲଟେରୀ ବ୍ୟବସ୍ଥାର ବହୁ ଦିନ ଧରି ଅପବ୍ୟବହାର କରାଯାଉଛି। ଅନେକ ଆମେରିକୀୟ କମ୍ପାନୀ ଏହି ପ୍ରକ୍ରିୟାର ଫାଇଦା ଉଠାଇ କମ ଦରମାରେ ବିଦେଶୀ କର୍ମଚାରୀଙ୍କୁ ଆଣି ଆମେରିକୀୟ କର୍ମଚାରୀମାନଙ୍କୁ କ୍ଷତି ପହଞ୍ଚାଇଥିଲେ। USCIS ମୁଖପାତ୍ର ମାଥ୍ୟୁ ଟ୍ରାଗେସର କହିଛନ୍ତି ଯେ, ଏହି ଅନିୟମିତ ବ୍ୟବସ୍ଥା କଂଗ୍ରେସର ମୂଳ ଉଦ୍ଦେଶ୍ୟ ପୂରଣ କରିବାରେ ବିଫଳ ହେଉଛି। ନୂତନ ନିୟମ ନିଶ୍ଚିତ କରିବ ଯେ H-1B ଭିସା କେବଳ ଉଚ୍ଚ ଯୋଗ୍ୟତା ଏବଂ ଦରମା ସ୍ତର ଥିବା ବିଦେଶୀ ବୃତ୍ତିଗତମାନଙ୍କୁ ପ୍ରଦାନ କରାଯିବ। ନୂତନ ଚୟନ ବ୍ୟବସ୍ଥା ଆମେରିକୀୟ କମ୍ପାନୀଗୁଡ଼ିକୁ ଅଧିକ ଦରମାପ୍ରାପ୍ତ ଏବଂ ଉଚ୍ଚ ଦକ୍ଷ ବିଦେଶୀ ବୃତ୍ତିଗତମାନଙ୍କୁ ନିଯୁକ୍ତି ଦେବାକୁ ଉତ୍ସାହିତ କରିବ। ଏହା ଆମେରିକୀୟ କର୍ମଚାରୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ସହିତ ଆମେରିକାର ପ୍ରତିଯୋଗିତାମୂଳକତାକୁ ସୁଦୃଢ଼ କରିବ। H-1B ଭିସା ସଂଖ୍ୟା ଅପରିବର୍ତ୍ତିତ ରହିଛି। ପ୍ରତିବର୍ଷ ୬୫,୦୦୦ H-1B ଭିସା ପ୍ରଦାନ କରାଯାଏ। ଆମେରିକାରେ ଉଚ୍ଚଶିକ୍ଷା ଡିଗ୍ରୀଧାରୀମାନଙ୍କ ପାଇଁ ଅତିରିକ୍ତ ୨୦,୦୦୦ ଭିସା ଉପଲବ୍ଧ ରହିଛି। ତେବେ ଏହି ନୂତନ ନିୟମ ଫେବୃଆରୀ ୨୭, ୨୦୨୬ ରୁ କାର୍ଯ୍ୟକାରୀ ହେବ ଏବଂ ଆର୍ଥିକ ବର୍ଷ ୨୦୨୭ H-1B କ୍ୟାପ୍ ପଞ୍ଜୀକରଣ ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟକାରୀ ହେବ। DHS କହିଛି ଯେ, ଏହି ପରିବର୍ତ୍ତନ H-1B କାର୍ଯ୍ୟକ୍ରମର ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଖ୍ରୀଷ୍ଟମାସ – ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ

ଶ୍ରୀ ବ୍ରଜକାନ୍ତ ସିଂ
ଜାଗମରା, ଭୁବନେଶ୍ୱର – ୩୦
ମୋବାଇଲ ନମ୍ବର – ୭୩୮୧୮୧୭୮୧୮

ସମଗ୍ର ବିଶ୍ୱରେ ଆଜି ଡିସେମ୍ବର ୨୫ ତାରିଖ ହେଉଛି ଅତି ଆନନ୍ଦର ଦିନ କାରଣ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ତଥା 'ବଡଦିନ' ଭାବରେ ପାଳନ କରାଯାଏ । ଇଂରାଜୀରେ ଆଜିର ଦିନକୁ 'ଖ୍ରୀଷ୍ଟମାସ' ବୋଲି ମଧ୍ୟ କୁହାଯାଏ । ବିଶେଷତଃ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକମାନଙ୍କ ନିମନ୍ତେ ଏହା ଏକ ପ୍ରମୁଖ ଓ ବଡ ପବିତ୍ର ପର୍ବ ଅଟେ । ସେମାନେ ନିଜ ଗୃହ ଓ ଚର୍ଚ୍ଚଗୃହକୁ ଅତି ସୁନ୍ଦରଭାବେ ସଜାଇଥାନ୍ତି । ସେମାନେ ଏହି ଦିନରେ ଚର୍ଚ୍ଚରେ ସମବେତ ହୋଇ ପ୍ରାର୍ଥନା, ଉପାସନା କରନ୍ତି, ଧର୍ମୀୟ ଉପଦେଶ ଶୁଣନ୍ତି, ପିଠାପଣା, ଭୋଜିଭାତ କରି ଆନନ୍ଦରେ ପାଳନ କରନ୍ତି । ଏପରିକି ଅନ୍ୟମାନଙ୍କୁ ପିଠାପଣା, ବିଭିନ୍ନ ଉପହାର, ଖାଦ୍ୟ ବଣ୍ଟନ ଆଦି କରି ଆନନ୍ଦୋତ୍ସବ ମନାନ୍ତି ।

ପବିତ୍ର ଧର୍ମଗ୍ରନ୍ଥ ବାଇବଲ ଅନୁସାରେ, ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ସମଗ୍ର ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଲେଖାଯାଏ – କାରଣ ଈଶ୍ୱର ଜଗତକୁ ଏଡେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହେବ । ଯେଣୁ ଜଗତର ବିଚାର କରିବାକୁ ଈଶ୍ୱର ଆପଣା ପୁତ୍ରଙ୍କୁ ପ୍ରେରଣ ନ କରି, ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ । ପୁଣି ଲେଖାଯାଏ – ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ । ଯୀଶୁ ନାମ ଶବ୍ଦଟି ମୂଳ ଶବ୍ଦ ହିବ୍ରୁ ଭାଷାରୁ ଆସିଛି ଯାହାର ଅର୍ଥ 'ସଦାପ୍ରଭୁ ଉଦ୍ଧାରକର୍ତ୍ତା' ବା ପ୍ରଭୁ ମୁକ୍ତିଦାତା' ।

ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଅତି ଆଶ୍ଚର୍ଯ୍ୟ ଅଟେ, କାରଣ ଜଣେ ଅନୁଢା କନ୍ୟା ବା କୁମାରୀ ମରିୟମ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇ ତାଙ୍କୁ ଜନ୍ମ ଦେଲେ । ମରିୟମ ସହିତ ବିବାହ ନିର୍ବନ୍ଧ ହୋଇଥିବା ପୁରୁଷ ଯୋଶେଫ ଜଣେ ଧାର୍ମିକ ବ୍ୟକ୍ତି ଥିବାରୁ, ମରିୟମଙ୍କ ଗର୍ଭବତୀ ହେବା ଖବର ଜାଣି, ତାଙ୍କୁ ପ୍ରକାଶରେ ନିନ୍ଦା ନ କରି ଗୋପନରେ ତ୍ୟାଗପତ୍ର ଦେବାକୁ ଇଚ୍ଛା କରୁଥିବା ସମୟରେ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇଲେ ଯେ, ମରିୟମ ପବିତ୍ରା କନ୍ୟା, ସେ ପବିତ୍ର ଆତ୍ମାଙ୍କ ଦ୍ୱାରା ଗର୍ଭବତୀ, ଏଣୁ ତାଙ୍କୁ ପରିତ୍ୟାଗ ନ କର । ଆଉ ସେ ମରିୟମଙ୍କୁ ପରିତ୍ୟାଗ କଲେ ନାହିଁ କିମ୍ବା ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ନ ହେବା ପର୍ଯ୍ୟନ୍ତ ମରିୟମଙ୍କ ସହିତ ସହବାସ କଲେ ନାହିଁ । ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ସମୟରେ ରୋମୀୟ ସାମ୍ରାଜ୍ୟରେ ସମ୍ରାଟ ଅଗଷ୍ଟସଙ୍କ ଘୋଷଣା ଅନୁଯାୟୀ ଜନଗଣନା ସକାଶେ



ଭବିଷ୍ୟତକୁ ଦୃଷ୍ଟିରେ ରଖି ମରିୟମଙ୍କ ସହିତ ବିବାହ ନିର୍ବନ୍ଧ ହୋଇଥିବା ପୁରୁଷ ଯୋଷେଫ ସହିତ ଗାଲିଲୀର ନାଜରିତ ନଗରରୁ ଯୀହୁଦା ପ୍ରଦେଶର ବେଥଲିହିମ ଦାଉଦଙ୍କ ନଗରକୁ ସେମାନେ ଯାଇଥିବା ବେଳେ, ସେସ୍ଥାନରେ ମରିୟମଙ୍କ ପ୍ରସବକାଳ ଉପସ୍ଥିତ ହେଲା, ପୁଣି ସେ ଯୀଶୁଖ୍ରୀଷ୍ଟଙ୍କୁ ଜନ୍ମ ଦେଲେ ଏବଂ ତାହାଙ୍କୁ ଲୁଗାରେ ଗୁଡାଇ ଗୁହାଳ କୁଣ୍ଡରେ ଶୁଆଇଲେ କାରଣ ବସା ଘରେ ସେମାନଙ୍କ ପାଇଁ ସ୍ଥାନ ନ ଥିଲା ।

ସମଗ୍ର ମାନବଜାତି ନିମନ୍ତେ ପ୍ରଭୁଯୀଶୁଙ୍କ ଜନ୍ମର ଆଉ ଏକ ଆନନ୍ଦର ବିଷୟ ହେଲା ଯେ ସେ ମନୁଷ୍ୟମାନଙ୍କ ସହବର୍ତ୍ତୀ ହେବେ । ଯେପରି ତାହାଙ୍କ ଅନ୍ୟନାମ 'ଇମ୍ମାନୁଏଲ' ଯାହାର ଅର୍ଥ 'ଆମ୍ଭମାନଙ୍କ ସହିତ ଈଶ୍ୱର' । ମନୁଷ୍ୟ ଜୀବନରେ ତାହାଙ୍କ ଉପସ୍ଥିତି ଶାନ୍ତିଦାୟକ ଓ ଆନନ୍ଦଦାୟକ କାରଣ ତାହାଙ୍କୁ 'ଶାନ୍ତିର ରାଜକୁମାର' ବା 'ଶାନ୍ତିଦାତା' ବୋଲି ମଧ୍ୟ କୁହାଯାଏ । ପ୍ରଭୁ ଯୀଶୁଖ୍ରୀଷ୍ଟ କହିଲେ, 'ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରି ଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଅଛି; ଜଗତ ଯେପରି ଦାନ କରେ, ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁନାହିଁ। ତୁମ୍ଭମାନଙ୍କ ହୃଦୟ ଉଦବିଗ୍ନ କି ଭୟଗ୍ରସ୍ତ ନ ହେଉ ।

ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ଆଉ ଏକ କାରଣ ହେଲା – ଅନ୍ଧକାର ଜୀବନରେ ଆଲୋକ ପ୍ରଦାନ କରିବା । ଜଗତର ଲୋକମାନେ ଜ୍ୟୋତିଃ ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମସବୁ ମନ୍ଦ । ଯେକେହି କୁକର୍ମ କରେ, ସେ ଜ୍ୟୋତିଃକି ଘୃଣା କରେ, ପୁଣି କାଳେ ତାହାର କର୍ମର ଦୋଷ ପ୍ରକାଶିତ ହୁଏ, ଏଥିପାଇଁ ସେ ଜ୍ୟୋତିଃ ନିକଟକୁ ଆସେ ନାହିଁ । କିନ୍ତୁ ଯେକେହି ସତ୍ୟ ଆଚରଣ କରେ, ସେ ଜ୍ୟୋତିଃ ନିକଟକୁ ଆସେ, ଯେପରି ତାହାର କର୍ମସବୁ ଈଶ୍ୱରଙ୍କଠାରେ ସାଧିତ ବୋଲି ପ୍ରକାଶିତ ହୁଏ । ସେ କହିଲେ, ମୁଁ ଜଗତର ଜ୍ୟୋତିଃ; ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତିଃ ପାଇବ । ରଙ୍ଗରସ ଓ ମତ୍ତତା, ଲମ୍ପଟତା ଓ କାମୁକତା, ବିବାଦ ଓ ଈର୍ଷା ଆଦି କୁକର୍ମ ବା ପାପଗୁଡିକୁ ବାଇବଲ ଅନ୍ଧକାରର କର୍ମ ବୋଲି ପ୍ରକାଶ କରେ । ଯେ ପାପ କରେ, ସେ ଶୟତାନରୁ ଜାତ; ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରଭୁଯୀଶୁ ଖ୍ରୀଷ୍ଟ ପ୍ରକାଶିତ ହେଲେ । ଜ୍ୟୋତିଃ ଅନ୍ଧକାରରେ ଜାଜ୍ୱଲ୍ୟମାନ ହୁଏ। ତୁମ୍ଭେମାନେ ଅନ୍ଧାକାରର ସନ୍ତାନ ନ ହୋଇ ଆଲୋକର ସନ୍ତାନ ହୁଅ ।

ଦୁର୍ଭାଗ୍ୟବଶତଃ ଆଜି ମନୁଷ୍ୟମାନଙ୍କ ସମସ୍ୟାଗୁଡିକ ମଧ୍ୟରୁ ପ୍ରମୁଖ ସମସ୍ୟା ହେଲା – ପାପ । ପବିତ୍ର ଧର୍ମଗ୍ରନ୍ଥ ବାଇବଲରେ ଲେଖାଯାଏ – ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି । ସତ୍କର୍ମ ନ କଲେ ପାପ ଦ୍ୱାରରେ ଛକିଥାଏ । ପାପ ହିଁ ମନୁଷ୍ୟ ଓ ଈଶ୍ୱର ମଧ୍ୟରେ ସମ୍ପର୍କ ଛିନ୍ନ କରେ ଏବଂ ମନୁଷ୍ୟ ଈଶ୍ୱରଙ୍କ କ୍ରୋଧର ପାତ୍ର ହୁଏ । ଫଳତଃ ଏହାର ପରିଣାମସ୍ୱରୂପେ ମନୁଷ୍ୟ ଈଶ୍ୱରଙ୍କ ଦ୍ୱାରା ଅଭିଶପ୍ତ ହୋଇ ବିଭିନ୍ନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୁଏ । ପାପ ଆଧ୍ୟାତ୍ମିକ ଜୀବନ ପ୍ରତି ଅନାସକ୍ତ କରାଇ ଶାରୀରିକ ଓ ଜାଗତିକ ଜୀବନ ଆଡକୁ କଢାଇ ନିଏ । ମନୁଷ୍ୟ ଶାରୀରିକ ଅଭିଳାଷ ଅନୁସାରେ ଜୀବନଯାପନ କରି ଉଭୟ ଶାରୀର ଓ ମନର କାମନା ପୂର୍ଣ୍ଣ କରି ସ୍ୱଭାବତଃ ଈଶ୍ୱରଙ୍କ କ୍ରୋଧର ପାତ୍ର ଓ ଅଭିଶପ୍ତ ହୁଏ; କାରଣ ଶରୀରର କାର୍ଯ୍ୟଗୁଡିକ ହେଲା – ବ୍ୟଭିଚାର, ନରହତ୍ୟା, ମତ୍ତତା, ଶତ୍ରୁତା, ସ୍ୱାର୍ଥପରତା, କ୍ରୋଧ, ରଙ୍ଗରସ, ଈର୍ଷା, ବିବାଦ ଇତ୍ୟାଦି । ବାଇବଲରେ ଲେଖାଯାଏ – ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁଯୀଶୁଙ୍କ ସହଭାଗିତାରେ ଅନନ୍ତଜୀବନ ।

# ଆମ ଓଡ଼ିଆ ଭାଷା (୧)

ଭାଷା କଥା



ଡଃ. ଦେବାଶିଷ ମହାପାତ୍ର
ବରିଷ୍ଠ ଗବେଷକ
ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର
ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର,
ସର୍ଦ୍ଦାର ପଟେଲ ହଲ୍,
ଭୁବନେଶ୍ୱର-୭୫୧୦୦୯
ମୋ-୬୩୭୨୦୮୨୬୯୦

ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ତଥା ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନ ପାଇଥିବା ଆମ ଓଡ଼ିଆ ଭାଷା, ଆମର ଗୌରବ। ଆମ ଅସ୍ମିତାର ପରିଚୟ ଆମ ଓଡ଼ିଆ ଭାଷା ବିଷୟରେ କିଛି କଥା-

ଓଡ଼ିଆ ଭାଷାରେ ସମୁଦାୟ ଅଣଚାଷ (୪୯)ଟି ଅକ୍ଷର ବା ବର୍ଣ୍ଣ ବ୍ୟବହାର କରାଯାଇଥାଏ। ଏହି ବର୍ଣ୍ଣ ଦୁଇ ପ୍ରକାରର- ୧) ସ୍ୱରବର୍ଣ୍ଣ, ୨) ବ୍ୟଞ୍ଜନବର୍ଣ୍ଣ। ସ୍ୱରବର୍ଣ୍ଣକୁ ଇଂରାଜୀରେ Vowel। ବ୍ୟଞ୍ଜନବର୍ଣ୍ଣକୁ Consonant କୁହାଯାଏ। ସ୍ୱରବର୍ଣ୍ଣ ଉଚ୍ଚାରଣ ପାଇଁ ଅନ୍ୟ ବର୍ଣ୍ଣର ସାହାଯ୍ୟ ନେବାକୁ ପଡ଼ିନଥାଏ, କିନ୍ତୁ ବ୍ୟଞ୍ଜନବର୍ଣ୍ଣ, ସ୍ୱରବର୍ଣ୍ଣର ବିନା ସହଯୋଗରେ କହି ହୁଏ ନାହିଁ। ଉଦାହରଣ- ଅ, ଆ, ଇ, ଈ, ଉ, ଊ,.....ସ୍ୱରବର୍ଣ୍ଣ (Vowel)

କ, ଖ, ଗ, ଚ, ଛ, ଜ.... ବ୍ୟଞ୍ଜନବର୍ଣ୍ଣ (Consonat)

ବାକ୍ୟରେ ବ୍ୟବହାର କରାଯାଉଥିବା ପ୍ରତ୍ୟେକ ଶବ୍ଦକୁ ଆମେ 'ପଦ' କହୁ। ଏହି ପଦ ପାଞ୍ଚ ପ୍ରକାରର। ଯଥା-

୧) ବିଶେଷ୍ୟ, ୨) ସର୍ବନାମ, ୩) କ୍ରିୟା, ୪) ବିଶେଷଣ ଓ ୫) ଅବ୍ୟୟ।

ବିଶେଷ୍ୟ ପଦ:- ଯେଉଁ ପଦ କୌଣସି ଏକ ନାମକୁ ବୁଝାଇଥାଏ, ତାହାକୁ ବିଶେଷ୍ୟ ପଦ କୁହାଯାଏ।

ପ୍ରାପ୍ତି ଖାଇଅଛି।

ଚଢ଼େଇମାନେ ଉଡ଼ିଯାଉଛନ୍ତି।

ଲୁହା କଠିନ ଅଟେ।

ସେ ଭଦ୍ରତା ଜାଣେ ନାହିଁ।

ପାଠପଢ଼ାରେ ମନ ଦିଅ।

ଦିଆଯାଇଥିବା ପାଞ୍ଚଟି ବାକ୍ୟରେ ବିଶେଷ୍ୟ ପଦ ବ୍ୟବହାର କରାଯାଇଛି। ପ୍ରଥମ ବାକ୍ୟରେ ପ୍ରାପ୍ତି ବ୍ୟକ୍ତି ବା ନାମବାଚକ ବିଶେଷ୍ୟ, ଦ୍ୱିତୀୟ ବାକ୍ୟରେ ଚଢ଼େଇମାନେ ଜାତିବାଚକ ବିଶେଷ୍ୟ, ତୃତୀୟ ବାକ୍ୟରେ ଲୁହା ବସ୍ତୁବାଚକ ବିଶେଷ୍ୟ, ଚତୁର୍ଥ ବାକ୍ୟରେ ଭଦ୍ରତା ଗୁଣବାଚକ ବିଶେଷ୍ୟ ଏବଂ ପଞ୍ଚମ ବାକ୍ୟରେ ପାଠପଢ଼ା କ୍ରିୟାବାଚକ ବିଶେଷ୍ୟକୁ ବୁଝାଉଛି।

ସର୍ବନାମ ପଦ:- ବିଶେଷ୍ୟ ପଦ ବଦଳରେ ଯେଉଁ ପଦ ବ୍ୟବହାର କରାଯାଏ ତାହାକୁ ସର୍ବନାମ ପଦ କୁହାଯାଏ। ମୁଁ, ଆମ୍ଭେ, ଆମ୍ଭେମାନେ, ସେ, ସେମାନେ, ତୁ, ତୁମ୍ଭେ, ଏମାନଙ୍କର, ଏମାନେ, ସେମାନଙ୍କର, ଏଗୁଡ଼ିକ, ସେଗୁଡ଼ିକ, ଇତ୍ୟାଦିକୁ ସର୍ବନାମ ପଦ କୁହାଯାଏ।

ସେ ଜଣେ ବାଳିକା।

ତା'ର ଖଣ୍ଡିଏ ଖାତା ଅଛି।

ସେ ତା' ଭାଇ ସହିତ ଖେଳେ।

କ୍ରିୟା ପଦ:- ଯେଉଁ ପଦ କୌଣସି କାର୍ଯ୍ୟ ବା କ୍ରିୟାକୁ ବୁଝାଇଥାଏ, ତାହାକୁ କ୍ରିୟାପଦ କୁହାଯାଏ। ଏହା ଦୁଇ ପ୍ରକାରର- ୧) ସମାପିକା କ୍ରିୟ, ୨) ଅସମାପିକା କ୍ରିୟା। ଯେଉଁ କ୍ରିୟାପଦ ଯୋଗ କରିଲେ ବାକ୍ୟର ଅର୍ଥପୂର୍ଣ୍ଣ ଭାବରେ ପ୍ରକାଶ ପାଇଥାଏ, ତାହାକୁ ସମାପିକା କ୍ରିୟା କୁହାଯାଉଥିବାବେଳେ ଯେଉଁ କ୍ରିୟାପଦଟି ଯୋଗ କରିଲେ ବି ବାକ୍ୟର ଅର୍ଥପୂର୍ଣ୍ଣ ଭାବରେ ପ୍ରକାଶ ପାଏ ନାହିଁ, ତାହାକୁ ଅସମାପିକା କ୍ରିୟା କୁହାଯାଏ।

ସମାପିକା- ସେ ପାଠ ପଢ଼ାଇ ଚାଲିଗଲେ।

ଅସମାପିକା- ସେ ପାଠପଢ଼ାଇ ଫେରିବେ।

ବିଶେଷଣ ପଦ:- ଯେଉଁପଦ ଅନ୍ୟର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ, ଉତ୍କର୍ଷ କିମ୍ବା ଅପକର୍ଷକୁ ବୁଝାଇଥାଏ, ତାହାକୁ ବିଶେଷଣ ପଦ କୁହାଯାଏ।

ଆଦ୍ୟା ଭଲ ଗୀତ ଗାଏ।

ଶ୍ରେଣୀରେ ଅନେକ ଛାତ୍ରୀ ଥିଲେ।

ମିଛୁଆ ଲୋକଠାରୁ ଦୂରରେ ରହ।

ଅବ୍ୟୟ ପଦ:- ବାକ୍ୟରେ ବ୍ୟବହାର କରାଯାଉଥିବା ଓ, କିମ୍ବା, କିନ୍ତୁ, ଓହୋ, ଏବଂ, ତେବେ, ତଥାପି, ଅଥଚ ଇତ୍ୟାଦି ପଦକୁ ଅବ୍ୟୟ ପଦ କୁହାଯାଇଥାଏ।

ଧର୍ମପଦ ସାନ, କିନ୍ତୁ ବୁଦ୍ଧିମାନ।

କଣ୍ଢେଇ ଓ ରାକ୍ଷୀ ବଜାରକୁ ଯାଉଛନ୍ତି।

ବାପି ବିଦ୍ୟାଳୟକୁ ଯିବ ଏବଂ ପାଠ ପଢ଼ିବ।

ଓହୋ ! କି କଥା ସତେ ନହେଲା।

ତୁମେ କିମ୍ବା ତୁମର ସାଙ୍ଗ ଆଜି ଆସିପାରନ୍ତି।

ଲିଙ୍ଗ:- ଓଡ଼ିଆ ଭାଷାରେ ବ୍ୟବହାର କରାଯାଇଥିବା ପଦ ପାଇଁ ତିନିପ୍ରକାରର ଲିଙ୍ଗ ବ୍ୟବହାର ହୋଇଥାଏ- ୧) ପୁଲିଙ୍ଗ, ୨) ସ୍ତ୍ରୀଲିଙ୍ଗ ଓ ୩) କ୍ଲୀବଲିଙ୍ଗ। ଯେଉଁପଦ ପୁରୁଷ ଜାତିକୁ ବୁଝାଇଥାଏ ତାହା ପୁଂଲିଙ୍ଗ। ଉଦାହରଣ:- ପୁରୁଷ, ଶିକ୍ଷକ, ଗାୟକ, ଘୋଡ଼ା, ଯୁବକ, କୁକୁର ଇତ୍ୟାଦି ପୁଲିଙ୍ଗ। ଯେଉଁପଦ ସ୍ତ୍ରୀଜାତି କିମ୍ବା କୌଣସି ସ୍ତ୍ରୀଜାତିର ନାମକୁ ବୁଝାଏ ତାହା ସ୍ତ୍ରୀଲିଙ୍ଗ। ଉଦାହରଣ- ସ୍ତ୍ରୀ, ବାଳିକା, ମାଈ, ଗାଈ, ବାଘୁଣୀ, ଗାୟିକା ଇତ୍ୟାଦି ସ୍ତ୍ରୀଲିଙ୍ଗ। ଯେଉଁପଦ ସ୍ତ୍ରୀ ଜାତି କିମ୍ବା ପୁରୁଷ ଜାତିର ନାମକୁ ବୁଝାଇ ନଥାଏ, ତାହା କ୍ଲୀବଲିଙ୍ଗ।

ଉଦାହରଣ-

ଲିଙ୍ଗ ପରିବର୍ତ୍ତନ:-

| | |
|---|---|
| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
| ବାଳକ | ବାଳିକା |
| ଛାତ୍ର | ଛାତ୍ରୀ |
| ସଖା | ସଖୀ |
| ନର | ନାରୀ |
| ପାଠକ | ପାଠିକା |
| ଲେଖକ | ଲେଖିକା |
| ଦେବ | ଦେବୀ |
| ଯୁବକ | ଯୁବତୀ |
| ସୁନ୍ଦର | ସୁନ୍ଦରୀ |
| କୁମାର | କୁମାରୀ |

ବଚନ:- ଯାହାଦ୍ୱାରା ବସ୍ତୁ, ବ୍ୟକ୍ତି କିମ୍ବା ପ୍ରାଣୀର ସଂଖ୍ୟା ଜଣାପଡ଼େ, ତାହାକୁ ବଚନ କୁହାଯାଏ। ଏହା ଦୁଇ ପ୍ରକାରର- ଏକବଚନ ଓ ବହୁବଚନ। ଯେଉଁ ବିଶେଷ୍ୟ କିମ୍ବା ସର୍ବନାମ ପଦ ସଂଖ୍ୟା ଏକ (୧) ବୋଲି ସୂଚାଇଥାଏ ତାହା ଏକବଚନ। ମଧୁ ଜଣେ ବାଳିକା। ଗାଈଟି ଚରୁଅଛି। ରାଜୁର ଖଣ୍ଡଏ ଖାତା ଅଛି। ଯେଉଁ ବିଶେଷ୍ୟ କିମ୍ବା ସର୍ବନାମ ପଦସଂଖ୍ୟା ଏକରୁ ଅଧିକ ବୋଲି ସୂଚାଇଥାଏ, ତାହା ବହୁବଚନ। ସେମାନେ ସବୁ ବାଳିକା। ଗାଈ ଗୁଡ଼ିକ ଚରୁଛନ୍ତି। ସେମାନେ ଅନେକ କଥା ଶିଖିଲେ।

ପୁରୁଷ:- ଓଡ଼ିଆ ଭାଷାରେ ବ୍ୟବହାର ହେଉଥିବା ପୁରୁଷ ତିନି ପ୍ରକାରର- ୧) ପ୍ରଥମ ପୁରୁଷ- ମୁଁ, ଆମ୍ଭେ, ଆମ୍ଭେମାନେ, ମୋର, ଆମ୍ଭର, ଆମ୍ଭମାନଙ୍କର, ୨) ଦ୍ୱିତୀୟ ପୁରୁଷ- ତୁ, ତୋର, ତୁମ୍ଭର, ତୁମ୍ଭେମାନେ, ତୁମ୍ଭମାନଙ୍କୁ, , ୩) ତୃତୀୟ ପୁରୁଷ- ସେ, ସେମାନେ, ସେମାନଙ୍କ, ସେମାନଙ୍କର, ଏମାରେ, ଏମାନଙ୍କର, ଏହାର, ତାହାର।

ବିଭକ୍ତି:-ସ୍ଥାନ ଉପଯୋଗୀ ଅର୍ଥ ପ୍ରକାଶ ପାଇବା ପାଇଁ ବିଶେଷ୍ୟ କିମ୍ବା ସର୍ବନାମ ପଦରେ ଯେଉଁସବୁ ଚିହ୍ନ ବ୍ୟବହାର କରାଯାଇଥାଏ ସେଗୁଡ଼ିକୁ ବିଭକ୍ତି କୁହାଯାଏ। ଏହା ସାତ ପ୍ରକାରର- ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ। ପ୍ରଥମା ବିଭକ୍ତିରେ ସାଧାରଣତଃ କୌଣସି ଚିହ୍ନ ନଥାଏ। ଅବଶ୍ୟ କେତେକ କ୍ଷେତ୍ରରେ ଟି, ଟା, ଟାଏ, ଟିଏ, ଗୁଡ଼ିଏ, ସମୂହ, ଗଣ, ବର୍ଗ ବ୍ୟବହାର ହୋଇଥାଏ। ଦ୍ୱିତୀୟା ବିଭକ୍ତିରେ କୁ, ଙ୍କୁ, ମାନଙ୍କୁ ଚିହ୍ନ ବ୍ୟବହାର କରାଯାଏ। ତୃତୀୟା ବିଭକ୍ତିରେ ଦ୍ୱାରା, ଦେଇ, ମାନଙ୍କରେ, ମାନଙ୍କଦ୍ୱାରା ଚିହ୍ନ ବ୍ୟବହାର କରାଯାଏ। ଚତୁର୍ଥୀ ବିଭକ୍ତିରେ କୁ, ଙ୍କୁ, ମାନଙ୍କୁ, ଗୁଡ଼ିକୁ, ଚିହ୍ନ ବ୍ୟବହାର କରାଯାଏ। (କ୍ରମଶଃ ...)

# ଦିନେ ନାହିଁ, କାଳେ ନାହିଁ ...



ସୁବାସ କୁମାର ତାରଣିଆ
ମୋ : ୮୩୨୮୮୪୦୨୧୪
କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର

ସାମ୍ପ୍ରତିକ ସମୟରେ କ୍ରମାଗତ ଭାବରେ ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ କ୍ଷୟ ଯୋଗୁ ତାପମାତ୍ରା ବୃଦ୍ଧି ଏବଂ ପରିବେଶ ପ୍ରଦୂଷଣ ଫଳରେ ମନୁଷ୍ୟ ଠାରୁ ଆରମ୍ଭ କରି ଜୀବଜଗତ ବିଶେଷ ପ୍ରଭାବିତ ହେଉଛନ୍ତି। ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟ ହେଉ କିମ୍ବା ରାସ୍ତା ସମ୍ପ୍ରସାରଣ ଅବା ବହୁତଳ ପ୍ରାସାଦ ନିର୍ମାଣ ହେଉ, ପ୍ରତିଦିନ ଶହ ଶହ ଗଛ ବଳି ପଡୁଛନ୍ତି। ଯେଉଁ ପରିମାଣରେ ଗଛ କଟାଯାଉଛି, ସେହି ପରିମାଣରେ ଗଛ ଲଗାଯାଉ ନଥିବାରୁ ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ସେହିପରି ପ୍ଲାଷ୍ଟିକ ଦୈନନ୍ଦିନ ଚଳଣିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ସମୟ ଏପରି ଉପନୀତ ହୋଇଛି ଯେ, ଗାଁ ଠାରୁ ସହର, ଜଳଭାଗ, ସ୍ଥଳଭାଗ ସବୁଠି ପ୍ଲାଷ୍ଟିକର ଉପକାରିତା ଦେଖିବାକୁ ମିଳୁଛି। ଫଳରେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଅପରପକ୍ଷରେ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସାରା ରାଜ୍ୟର ଗଳିକନ୍ଦି ଏବେ କଂକ୍ରିଟମୟ। ଫଳରେ ପ୍ରତିବର୍ଷ ତାପମାତ୍ରା ବୃଦ୍ଧି ପାଉଛି, ଏହାକୁ ରୋକିବା ପାଇଁ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ସୁସ୍ଥ, ସୁନ୍ଦର ଓ ସବୁଜ ପରିବେଶର ନାରା ଦିଆଯାଉଥିଲେ ମଧ୍ୟ ତାହା ଭାଷଣବାଜିରେ ସୀମିତ ରହିଯାଉଛି। 'ଆଇପିଆଇ ଗ୍ଲୋବାଲ'ର ଏକ ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମଗ୍ର ଭାରତରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଓ ବୃଷ୍ଟିପାତ ବ୍ୟାପକ ଭାବେ ବୃଦ୍ଧି ପାଇବ ଏବଂ ୨୦୩୦ ସୁଦ୍ଧା ଅଧିକାଂଶ ମହାନଗରରେ ଗ୍ରୀଷ୍ମପ୍ରବାହ ଦ୍ୱିଗୁଣିତ ହେବାର ସମ୍ଭାବନା ରହିଛି। ୧୯୮୦ ତୁଳନାରେ ୨୦୨୩୦ ମସିହା ସୁଦ୍ଧା ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ସୁରଟ, ଥାନେ, ହାଇଦ୍ରାବାଦ, ପାଟନା ଓ ଭୁବନେଶ୍ୱର ଭଳି ସହରରେ ଗ୍ରୀଷ୍ମପ୍ରବାହ ଦ୍ୱିଗୁଣିତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି। ୨୦୩୦ ସୁଦ୍ଧା ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମଗ୍ର ଭାରତରେ ଅତ୍ୟଧିକ ବୃଷ୍ଟିପାତର ତୀବ୍ରତା ୪୩% ବୃଦ୍ଧି ପାଇବ ଏବଂ ଦେଶରେ ଅଧିକ ଗରମ ଓ ଆର୍ଦ୍ର ହେବ ବୋଲି ରିପୋର୍ଟରେ କୁହାଯାଇଛି। ଏସବୁରୁ ମୁକୁଳିବାକୁ ହେଲେ ବୃକ୍ଷରୋପଣ ହିଁ ଏକମାତ୍ର ମାଧ୍ୟମ। ସବୁଜ ପରିବେଶ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବୃକ୍ଷରୋପଣକୁ ଗୁରୁତ୍ୱ ଦେଇଛନ୍ତି। କେତେକ ମାମଲାରେ ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତଙ୍କୁ ଜାମିନ ଦେବା ସମୟରେ ବୃକ୍ଷରୋପଣ କରିବାକୁ ସର୍ତ୍ତ ରଖିଛନ୍ତି। ଗ୍ରୀଷ୍ମ ଅବକାଶକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟର ବିଚାରପତି ଶତାଧିକ ମାମଲାରେ ଶହେରୁ ଆରମ୍ଭ କରି ପାଞ୍ଚ[illegible]ଶହ ପର୍ଯ୍ୟନ୍ତ ବୃକ୍ଷରୋପଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜାମିନରେ ମୁକୁଳିବା ପରେ ଅଭିଯୁକ୍ତମାନେ ନିଜ ଗ୍ରାମ ନିକଟ ଅଞ୍ଚଳରେ ଚାରା ରୋପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମଣିଷ ସୃଷ୍ଟି ହେବା ଦିନଠାରୁ ପ୍ରକୃତି ଓ ପରିବେଶ ଯୋଗୁଁ ଆଜି ପର୍ଯ୍ୟନ୍ତ ବଞ୍ଚିରହିଛି। ମାତ୍ର ମଣିଷ ପ୍ରକୃତିକୁ ଧ୍ୱଂସ କରିବାକୁ ଲାଗିଥିବାରୁ ଜଳବାୟୁ ପରିବର୍ତ୍ତନ ପରି ଭୟଙ୍କର ସ୍ଥିତିକୁ ସାମନା କରୁଛି। ଫଳରେ ଛଅ ଋତୁ ଆଜି ସାତ ସପନ। ଖରା, ବର୍ଷା, ଭୂସ୍ଖଳନ, ମରୁଡ଼ି, ବାତ୍ୟା ଆଦି ବୃଦ୍ଧି ପାଉଛି। ଓଡ଼ିଶାକୁ ପ୍ରକୃତି ଖଣି, ନଦୀ, ସମୁଦ୍ର, ଜଙ୍ଗଲ ଓ ଉର୍ବର ଜମି ଆଦି ବରଦାନ ଦେଇଛି। ତେବେ ଏହା ସହିତ ବନ୍ୟା, ମରୁଡ଼ି, ବାତ୍ୟା ପ୍ରାକୃତିକ ବିପତ୍ତି ମଧ୍ୟଦେଇଛି। ପ୍ରାକୃତିକ ସମ୍ପଦର ସଦ୍‌ବ୍ୟବହାର କରି ଭଲ ଭାବେ ବଞ୍ଚି ରହିବା ପାଇଁ ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରିହେବ ତାହା ସାଧାରଣ ଜନତାଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଆବଶ୍ୟକ ଅନୁସାରେ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି। ସେହିପରି ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି। ତେଣୁ ଆଗାମୀ ଦିନରେ ବାହାରକୁ ଗଲେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି। ଆଉ କିଛିବର୍ଷ ପରେ ଦିଲ୍ଲୀ ମୁମ୍ବାଇ ଭଳି ଭୁବନେଶ୍ୱରରେ ମଧ୍ୟ ଅକ୍ସିଜେନ ପାର୍ଲରମାନ ଖୋଲଇ ଅମ୍ଳଜାନ ବିକ୍ରି ହେବ, ଏହାକୁ ଏଡ଼ାଇ ଦିଆଯାଇ ନପାରେ? ଜନସଂଖ୍ୟା ବୃଦ୍ଧି, ଅଧିକ ସଂଖ୍ୟାରେ ଗାଡ଼ିମୋଟର ଚଳାଚଳ, ଖଣି ଖନନ, ଶିଳ୍ପ ଓ କୋଠାବାଡ଼ି ନିର୍ମାଣ ଯୋଗୁଁ ବାୟୁ ପ୍ରଦୂଷଣ ଓ ତାପମାତ୍ରା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବିଶ୍ୱର ସର୍ବାଧିକ ଜନବସତି ସହର ଜାପାନର ରାଜଧାନୀ ଟୋକିଓରୁ ଫେରିଯାଇ ଗ୍ରାମାଞ୍ଚଳରେ ସ୍ଥାୟୀ ଭାବରେ ବସବାସ କରିବାକୁ ଜାପାନ ସରକାର ସେଠାକାର ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଯେଉଁମାନେ ଏହି ନିୟମକୁ ପାଳନ କରି ଟୋକିଓରୁ ଯାଇ ଗ୍ରାମାଞ୍ଚଳରେ ସ୍ଥାୟୀ ଭାବରେ ବସତି ସ୍ଥାପନ କରିବେ ସେମାନଙ୍କୁ ମୁଣ୍ଡପିଛା ଆର୍ଥିକ ସହାୟତା ଦେବାକୁ ମଧ୍ୟ ଘୋଷଣା କରିଛନ୍ତି।

ସମ୍ପ୍ରତି ସାରା ବିଶ୍ୱରେ ବାୟୁ ପ୍ରଦୂଷଣ ଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଯେଉଁ ସହରକୁ ଦେଖିଲେ ଉଡୁଛି ଧୂଳିକଣା। ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରକୁ ଯାଉଛି ଏହି ଧୂଳିକଣା। ଫଳରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଛୋଟ ଛୋଟ ଶିଶୁମାନେ ଅଧିକ ଯନ୍ତ୍ରଣା ଭୋଗୁଛନ୍ତି। ଏକ ତଥ୍ୟ ଅନୁସାରେ କଟକ, ଭୁବନେଶ୍ୱର, କଳିଙ୍ଗ ନଗର, ବାଲେଶ୍ୱର, ଅନୁଗୋଳ, ତାଳଚେର, ଦାମନଯୋଡ଼ି ଏବଂ ରାଜଗାଙ୍ଗପୁର ଆଦି ୮ଟି ସହର ବିଷାକ୍ତ ବାୟୁ ବଳୟରେ ରହିଛି। ସେହିପରି ବିଶ୍ୱର ୧୦୦ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୩୯ଟି ସହର ସ୍ଥାନ ପାଇଛି। ଭାରତର ରାଜଧାନୀ ଦିଲ୍ଲୀର ପ୍ରଦୂଷଣସ୍ତର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ରହିଛି। କଟକ ଓ ଭୁବନେଶ୍ୱରରେ ବିଶେଷ କଳ କାରଖାନା ନଥାଇ ବି ବାୟୁ ପ୍ରଦୂଷଣ ହାର ଅଧିକ ରହିଛି। ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ଡିଜେଲ ଓ ପେଟ୍ରୋଲ ଗାଡ଼ିମୋଟରର ସଂଖ୍ୟା ବୃଦ୍ଧି ଓ ଅଳିଆ ଆବର୍ଜନାରେ ନିଆଁ ଲଗାଇବା ଏହାର ପ୍ରମୁଖ କାରଣ। ଯେଉଁ ଅଞ୍ଚଳରେ ଅଧିକ ଗାଡ଼ି ମୋଟର ଯାତାୟତ କରୁଛି, ସେହି ଅଞ୍ଚଳରେ ବାୟୁ ପ୍ରଦୂଷଣ ହାର ସର୍ବାଧିକ ରହୁଛି। ଯେଉଁଥିପାଇଁ ରାଜଧାନୀ ଭୁବନେଶ୍ୱରରେ ୬ଟି ସ୍ଥାନରେ ବାୟୁ ପ୍ରଦୂଷଣ ମାନକ ମାପ କରାଯାଉଛି। କ୍ୟାପିଟାଲ ଥାନା, ଖଣ୍ଡଗିରି ଥାନା, ଏସ୍‌ପିସିବି କାର୍ଯ୍ୟାଳୟ, ପଟିଆସ୍ଥିତ କେନ୍ଦ୍ରୀୟ ପରୀକ୍ଷାଗାର ଏବଂ ଆଇଆରସି ଭିଲେଜରେ ବାୟୁ ପ୍ରଦୂଷଣ ମାପ ମେସିନ ଖଞ୍ଜାଯାଇଛି। ମାତ୍ର ସଚେତନତାର ଅଭାବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରିବା ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଯେପରି ରାସ୍ତାରେ ଦୁର୍ଘଟଣା ଘଟି କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ସାଧାରଣ ଜନତା ଉତ୍ତେଜିତ ହୋଇ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ନିର୍ମାଣ ପାଇଁ ଦାବି କରନ୍ତି, ମୁକୁଳା ଡ୍ରେନରେ ପଡ଼ି ଛୋଟ ଶିଶୁଟିଏ ପ୍ରାଣ ହରାଇଲା ପରେ ଡ୍ରେନ୍ ନିର୍ମାଣ ପାଇଁ ଦାବି ହୁଏ, କୌଣସି ମହାପୁରୁଷଙ୍କ ଜନ୍ମଜୟନ୍ତୀ ଆସିଲେ, ତାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପକାଇ ଦେଇ, ତାଙ୍କ ବଳିଦାନ ବିଷୟରେ ଲୋକଙ୍କୁ ସଚେତନ କରିବା ପରେ ପରବର୍ତ୍ତୀ ସମୟରେ ସେସବୁକୁ ଭୁଲିଯାଆନ୍ତି, ଠିକ୍ ସେହିପରି ବିଶ୍ୱ ପରିବେଶ ଦିବସ ଆସିଲେ ନେତା ଠାରୁ ସାଧାରଣ ଜନତା ଏବଂ ବିଭିନ୍ନ ଅନୁଷ୍ଠାନମାନେ ସେହି ଗୋଟିଏ ଦିନ କିଛି ଗଛ ଲଗାଇ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥାନ୍ତି ଏବଂ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଂକଳ୍ପ ନେଇଥାନ୍ତି, ମାତ୍ର ପରବର୍ତ୍ତୀ ସମୟରେ ସେସବୁ ସଂକଳ୍ପକୁ ଭୁଲି ଯାଆନ୍ତି। ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳମାନଙ୍କରେ ସବୁଠି ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନ କରୁଥିବାର ଭିଡ଼ିଓ ସାମାଜିକ ଗଣମାଧ୍ୟମରୁ ଜଣାପଡ଼ିଥିଲା। ପ୍ରଦୂଷିତ ପୃଥିବୀର ଭୟବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିକୁ ସୁରକ୍ଷିତ ରଖିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଣୁ ରାଜ୍ୟ ସରକାର ଗୋଟିଏ ବର୍ଷରେ ୭.୫ କୋଟି ଚାରାରୋପଣ କରାଯିବ ବୋଲି ଘୋଷଣା କରିଛନ୍ତି ଓ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି କହିଛନ୍ତି। ଏଥିସହିତ ପ୍ଲାଷ୍ଟିକ ନିଷେଧ କରି ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ, ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ପ୍ରକୃତିର ସମ୍ମାନ ପାଇଁ ଚଳିତବର୍ଷ ସର୍ବ ବୃହତ୍ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ 'ମା'ଙ୍କ ନାମରେ ଗୋଟିଏ ଗଛ'ର ଶୁଭାରମ୍ଭ ହୋଇଥିଲା ଏହି ଅଭିଯାନ ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ମାସ ୩୦ ତାରିଖ ମଧ୍ୟରେ ୧୦ କୋଟି ଗଛ ଲଗାଇବାକୁ ଛାତ୍ରଛାତ୍ରୀ ତଥା ଦେଶବାସୀଙ୍କୁ ନିବେଦନ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଗଛଟିଏ ଲଗାନ୍ତୁ ଏବଂ ଏହାର ସୁରକ୍ଷା ଓ ଯତ୍ନ ନେଇ ସେହି ଗଛକୁ ବଡ଼ ହେବାକୁ ଦିଅନ୍ତୁ ବୋଲି ସଚେତନ କରାଯାଇଥିଲା।

ଆତ୍ମକେନ୍ଦ୍ରୀକ ଓ ସ୍ୱାର୍ଥପରତା ଯୋଗୁ ପରିବେଶ ସୁରକ୍ଷାରେ ବ୍ୟାଘାତ ସୃଷ୍ଟି ହେଉଛି। ମଣିଷ ଭୌତିକ ସୁଖରେ ରହିବା ପାଇଁ ସମାଜ ଓ ପରିବେଶ ଉପରେ ତାର ପ୍ରତିକୂଳ ପ୍ରଭାବ ପାଇଁ ଆଦୌ ଦୃଷ୍ଟି ଦେଉନାହିଁ। ତେଣୁ ସୁସ୍ଥ, ସୁନ୍ଦର ଓ ସବୁଜ ପରିବେଶ ପାଇଁ ପ୍ରତ୍ୟେକ ମନୁଷ୍ୟର ସନ୍ତୁଳିତ ଜୀବନଚର୍ଯ୍ୟା ଆବଶ୍ୟକ ବୋଲି ବିଶ୍ୱ ପରିବେଶ ଦିବସରେ ବାର୍ତ୍ତା ଦିଆଯାଇଥିଲା। ମାତ୍ର ବିଶ୍ୱ ପରିବେଶ ଦିବସର ଗୋଟିଏ ଦିନ ନ ପୁରୁଣୁ ଜୟଦେବ ବିହାର ନନ୍ଦନକାନନ ବାମପାର୍ଶ୍ୱ ସମାନ୍ତରାଳ ୨୦୦ ଫୁଟିଆ ରାସ୍ତାକାମ ଯୋଗୁଁ ୨୭ଟି ଘର ମାଟିରେ ମିଶିବା ସହିତ ୫୪ଟି ଗଛ ବଳି ପଡ଼ିବାକୁ ଯାଉଛି। ସାଲିଆ ସାହି ଭିତରେ ରାସ୍ତା ନିର୍ମାଣ କରିବାକୁ ଏକ ପ୍ରକାର ନଷ୍ପତ୍ତି ନିଆଯାଇ ସର୍ଭେ କାମ ଆଗେଇ ଚାଲିଛି। ଏହି ରାସ୍ତା ନିର୍ମାଣ ଦ୍ୱାରା ସହରବାସୀ ଉପକୃତ ହେବ ସତ ମାତ୍ର ପ୍ରକୃତି ଓ ପରିବେଶ ଉପରେ ଏକ ବଡ଼ ପ୍ରଭାବ ପଡ଼ିବାକୁ ଯାଉଛି। ଏଥିଯୋଗୁ ପିଜୁଳି, ନଡ଼ିଆ, ଆତ, ବେଲ ଆଦି ବିଭିନ୍ନ ଫଳନ୍ତି ଗଛ ମାଟିରେ ମିଶିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏହି ଅଞ୍ଚଳଟି ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଗଛଗୁଡ଼ିକର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।

ପରିବେଶ ସୁରକ୍ଷା ଦିଗରେ ବନ ବିଭାଗ ଓ ବିଏମ୍‌ସି ୨୦୨୪ ମସିହାରେ ଏକଲକ୍ଷ ଗଛ ଲଗାଇବାକୁ ଯୋଜନା କରିଥିଲେ ମଧ୍ୟ ୪୦ ପ୍ରତିଶତରେ ପହଞ୍ଚିବାକୁ ସକ୍ଷମ ହୋଇପାରି ନାହାଁନ୍ତି। ଯେଉଁସବୁ ଗଛ ଲାଗିଛି, ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁରକ୍ଷା ଅଭାବରୁ ଗଛଗୁଡ଼ିକ ମରିଯାଉଛି। ଅନ୍ୟପକ୍ଷରେ ସହର ନିକଟରେ ଥିବା ଜଙ୍ଗଲ ଦିନକୁ ଦିନ କମିବାରେ ଲାଗିଛି। ଯୁଆଡ଼େ ଦେଖିବ ସହରସାରା କୁଢ କୁଢ ଅଳିଆ ଆବର୍ଜନା। ଭଙ୍ଗା ପ୍ଲାଷ୍ଟିକ, ଆସବାବ ପତ୍ର, ପ୍ଲାଷ୍ଟିକ, ପଲିଥିନ୍, ବୋତଲ, ଭୋଜିଭାତରେ ବ୍ୟବହୃତ ଅଇଁଠା ପତ୍ର, କାଚ, ହୋଟେଲରୁ ବାହାରୁଥିବା ବାସିଖାଦ୍ୟ ପାହାଡ଼ ଭଳି ଜମା ହୋଇ ପଡ଼ିରହିଛି। ଏଥିପ୍ରତି ପ୍ରଶାସନର ନିଘା ନାହିଁ କି କେହି ଏହାକୁ ଉଠାଉ ନାହାଁନ୍ତି। ଫଳସ୍ୱରୂପ ରାଜଧାନୀରେ ଏବେ ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି। ଦିନେ ନାହିଁ, କାଳେ ନାହିଁ ଗହ୍ଳା ପୁନେଇଁରେ ମାଇଁ ମାଇଁ ନ୍ୟାୟରେ କେବଳ ପରିବେଶ ଦିବସ ଆସିଲେ ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ସେହି ଗୋଟିଏ ଦିନ ଗଛ ଲଗାଇ ପରିବେଶ ସୁରକ୍ଷା ଦିଗରେ ସଚେତନ କରାନ୍ତି ଏବଂ ଏହି ସଚେତନ, ସଚେତନରେ ହିଁ ରହିଯାଉଛି। ମଣିଷ ଭୌତିକ ସୁଖରେ ରହିବା ଓ ଦୀର୍ଘକାଳର ଅଭ୍ୟାସ ଯୋଗୁ ପରିବେଶକୁ ସୁରକ୍ଷିତ ରଖିବା ସମ୍ଭବ ହେଉନାହିଁ। ତେଣୁ ରାଜ୍ୟ ସରକାର ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଯଦି ତାଙ୍କ ଘୋଷଣାକୁ କାର୍ଯ୍ୟକାରୀ ନ କରନ୍ତି, ତେବେ ସୁସ୍ଥ ଓ ସବୁଜ ପରିବେଶ ସୃଷ୍ଟି କରିବା ଅସମ୍ଭବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# ପିଲାଙ୍କ ମହାଭାରତ-୬୩

## ଶ୍ରୀକୃଷ୍ଣଙ୍କର ମହାକ୍ଷୁଧା-୧

ନିତ୍ୟାନନ୍ଦ ପଣ୍ଡା

ପାଣ୍ଡବମାନେ ଅରଣ୍ୟରେ ଅବସ୍ଥାନ କରୁଥିବା କାଳର କଥା।

ଦୁର୍ଯ୍ୟୋଧନ ତାଙ୍କର ପରାମର୍ଶଦାତାଙ୍କୁ କହିଲେ- ମୁଁ ରାଜସୂୟ ଯଜ୍ଞ କରିବି। ତୁମ ମତ ?

ରାଜସୂୟ ଯଜ୍ଞ କ'ଣ ନବୁଝି ପରାମର୍ଶଦାତାମାନେ କହିଲେ - ତୁମେ କରିବନାହିଁ ତ କରିବ କିଏ! ବହୁତ ଭଲ ହେବ। ହସ୍ତିନାପୁର ବିଖ୍ୟାତ ହୋଇଯିବ।

ଦୁର୍ଯ୍ୟୋଧନ ବ୍ରାହ୍ମଣମାନଙ୍କୁ ଡାକିଲେ ଓ ମନର କଥା କହିଲେ।

ବ୍ରାହ୍ମଣମାନେ କିନ୍ତୁ ନାହିଁ କରିଦେଲେ। କହିଲେ- ଯୁଧିଷ୍ଠିର ଓ ଧୃତରାଷ୍ଟ୍ର ଥାଉ ଥାଉ ତୁମେ କେମିତି ରାଜସୂୟ ଯଜ୍ଞ କରିବ ? ଯଦି କରିବ "ବୈଷ୍ଣବ ଯଜ୍ଞ' କର। ପ୍ରସିଦ୍ଧି ଆଣିଦେବ।

ସେଇଆ ହେଲା। ହସ୍ତିନାପୁରରେ ବୈଷ୍ଣବ ଯଜ୍ଞ ମହା ସମାରୋହରେ ପାଳିତ ହେଲା। କାହିଁ କେତେ ଦୂରକୁ ଦୁର୍ଯ୍ୟୋଧନର ଖ୍ୟାତି ପ୍ରସରିଗଲା।

ପ୍ରଜାମାନେ କଥା ହେଉଥିଲେ- କାହିଁଥାଏ! ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ କେତେ ଗୁଣ ଉଚ୍ଚକୋଟୀର ଥିଲା!

ମାତ୍ର ଦୁର୍ଯ୍ୟୋଧନର ଖୋସାମତିଆ ବନ୍ଧୁ ମିଳିତ ଭାବେ କହିଲେ- କି ମହାନ୍ ଯଜ୍ଞ! ଏଭଳି ଯଜ୍ଞ ଜମ୍ବୁଦ୍ୱୀପରେ ଶୁଣାଯାଇନଥିଲା। ତୁମ ପୂର୍ବପୁରୁଷ ଯଯାତି ଓ ମାନ୍ଧତାଙ୍କ ସହ ତୁମେ ତୁଳନୀୟ। ଜୟହୋ!

ଦୁର୍ଯ୍ୟୋଧନର ଖୁସିର ସୀମାନାହିଁ।

କର୍ଣ୍ଣ କହିଲେ- ରାଜସୂୟ ଯଜ୍ଞ ବନ୍ଦ ରହିଛି! ପାଣ୍ଡବମାନଙ୍କୁ ଯୁଦ୍ଧରେ ପରାସ୍ତକଲେ ପୁଣିଥରେ ରାଜସୂୟ ଯଜ୍ଞ ହେବ।

ଦୁର୍ଯ୍ୟୋଧନର ଦରବାରରେ ପ୍ରବଳ ତାଳିମାଡ ହେଲା।

ଉତ୍ସାହିତ ହେଲେ କର୍ଣ୍ଣ। ସେହି ସମାବେଶରେ ଘୋଷଣାକଲେ- ମୁଁ ଶପଥ କରି କହୁଛି, ଅର୍ଜୁନଙ୍କୁ ଯୁଦ୍ଧରେ ନମାରିବା ପର୍ଯ୍ୟନ୍ତ ମାଂସ ମଦ୍ୟ ଗ୍ରହଣ କରିବିନାହିଁ। ଏବଂ ... ଏବଂ ... ଯିଏ ଯେତେବେଳେ ଯେଉଁ ଦାନ ମାଗିବ, ମୁଁ ନାହିଁ କରିବି ନାହିଁ। ଏହା ମୋର ବଜ୍ରଶପଥ।

ଦୁର୍ଯ୍ୟୋଧନ ଓ ତା'ର ଭାଇମାନେ ଏତେ ଖୁସି ହୋଇଗଲେ ଯେ ଯୁଦ୍ଧପୂର୍ବରୁ ପାଣ୍ଡବମାନେ ପରାସ୍ତ ହୋଇଥିବା ସେମାନେ ଅନୁଭବକଲେ।

ଦିନେ- ଋଷି ଦୁର୍ବାସା ତାଙ୍କର ଦଶ ହଜାର ଶିଷ୍ୟଙ୍କୁ ଧରି ହସ୍ତିନାପୁରରେ ପହଞ୍ଚିଲେ। ଦୁର୍ବାସାଙ୍କ କ୍ରୋଧ ବିଷୟରେ ଅବହିତ ଥିଲେ ଦୁର୍ଯ୍ୟୋଧନ। ସେ ଦୁର୍ବାସାଙ୍କ ସେବାରେ ନିଜକୁ ହଜେଇ ଦେଲେ। ସାମାନ୍ୟ ହେଳା ହେଲାନାହିଁ। ଖୁସି ହେଲେ ଦୁର୍ବାସା। ଦୁର୍ଯ୍ୟୋଧନଙ୍କୁ ତାଙ୍କର ଇଚ୍ଛା ପ୍ରକାଶ ପାଇଁ ସେ କହିଲେ।

ମୋର ଇଚ୍ଛା ପ୍ରକାଶ କରିବି ? ଦୁର୍ବାସା ପୂରଣ କରିବେ! ମନମଧ୍ୟରେ ହସିଲେ ଦୁର୍ଯ୍ୟୋଧନ। ଏହି ସୁଯୋଗକୁ ସେ ଅପେକ୍ଷା କରିଥିଲେ।

ମୁଁ କିଛି ପାଇବା ଅପେକ୍ଷା ମୋ ଶତ୍ରୁଙ୍କ କ୍ଷତି ଚାହିଁବା ଭଲ। ମୁଁ ଯେବେ ଦୁର୍ବାସା ଏବଂ ତାଙ୍କ ଦଶହଜାର ଶିଷ୍ୟଙ୍କୁ ଯୁଧିଷ୍ଠିର ପାଖକୁ ପଠେଇଦିଏ ସେ ଠିକ୍‌ରେ ଚର୍ଚ୍ଚା କରିପାରିବେନାହିଁ। ଫଳତଃ, ଦୁର୍ବାସାଙ୍କ କ୍ରୋଧରେ ଜଳିଯିବେ। ଏହିପରି ଭାବି ମିଛ ଦୁଃଖ କରି ଦୁର୍ଯ୍ୟୋଧନ କହିଲା- ହେ ମହାତ୍ମା! ଆମେ କୌରବ ଭାଇମାନେ ଏଠାରେ ଭଲରେ ଅଛୁ। ଯୁଧିଷ୍ଠିର ଆଦି ଆମର ଭାଇମାନେ ଅରଣ୍ୟରେ ଦୁଃଖରେ ଅଛନ୍ତି। ସେମାନଙ୍କ ପାଖକୁ ଦୟାକରି ଯାଆନ୍ତୁ ଓ ଆଶୀର୍ବାଦ ଦିଅନ୍ତୁ! ଏତିକି ମୋର ଇଚ୍ଛା।

ଦୁର୍ବାସା କହିଲେ- ସାଧୁ ସାଧୁ।

ସେ ତାଙ୍କର ଶିଷ୍ୟଙ୍କ ସହ ଯୁଧିଷ୍ଠିରଙ୍କୁ ଭେଟିବାକୁ ଅରଣ୍ୟକୁ ଗଲେ ଓ ଯଥାସମୟରେ ସେମାନଙ୍କ ଆଶ୍ରମରେ ପହଞ୍ଚିଲେ।



ଯୁଧିଷ୍ଠିର ଦୁର୍ବାସାଙ୍କୁ ଦେଖି ପ୍ରଣାମ ଜଣେଇଲେ। ସେ କିଛି କହିବା ପୂର୍ବରୁ ଦୁର୍ବାସା କହିଲେ- ଆମ ପାଇଁ ଭୋଜନର ବ୍ୟବସ୍ଥା କରନ୍ତୁ। ଆମେ ନଈରେ ଗାଧୋଇ ଶୀଘ୍ର ଆସୁଛୁ!

ସମସ୍ତେ ସ୍ନାନ କରିବାକୁ ନଈକୁ ଚାଲିଲେ।

ଯୁଧିଷ୍ଠିର ଚିନ୍ତାରେ ପଡ଼ିଲେ। ଦଶହଜାର ବ୍ରାହ୍ମଣଙ୍କୁ କେମିତି ଆପ୍ୟାୟିତ କରିବେ!

ଅରଣ୍ୟବାସର ଆରମ୍ଭରେ ସୂର୍ଯ୍ୟଦେବତା ଯୁଧିଷ୍ଠିରଙ୍କୁ ଏକ 'ଅକ୍ଷୟପାତ୍ର' ଉପହାର ଦେଇଥିଲେ। 'ଅକ୍ଷୟପାତ୍ର'ର ଗୁଣହେଲା, ଯେତେସଂଖ୍ୟକ ଅତିଥି ହୁଅନ୍ତୁ ସମସ୍ତଙ୍କୁ ପୂର୍ଣ୍ଣ ଭୋଜନ ତାହା ଯୋଗଇଦେବ। କିନ୍ତୁ ଦ୍ରୌପଦୀ ଭୋଜନ କରିସାରିବା ପରେ 'ଅକ୍ଷୟପାତ୍ର' ସେଦିନ ପାଇଁ ଶୂନ୍ୟ ହୋଇଯିବ।

ଯେତେବେଳେ ଦୁର୍ବାସା ଆଶ୍ରମରେ ପହଞ୍ଚିଲେ, ସମସ୍ତେ ଖାଇସାରିଥିଲେ। ଏବଂ ଶେଷକୁ ଦ୍ରୌପଦୀ ମଧ୍ୟ ଭୋଜନ କରିସାରିଥିଲେ। ଫଳତଃ, ଅକ୍ଷୟପାତ୍ର ଶୂନ୍ୟଥିଲା।

ରୋଷେଇ ଘରେ ଦ୍ରୌପଦୀ ଭାବୁଥିଲେ- କ'ଣ କରିବି! କିଛି ସମୟରେ ଋଷିମାନେ ପହଞ୍ଚିଯିବେ। ହେ କୃଷ୍ଣ, ହେ ସଖା! ମୋର ସହାୟ ହୁଅ! ମନମଧ୍ୟରେ ଗୁଣଗୁଣ ହେଲେ ଦ୍ରୌପଦୀ। **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୭୯୩୦୮*

# ବରଷ ଶେଷରେ ବଡ଼ ଦିନ

*ପ୍ରଫୁଲ୍ଲ କୁମାର ସାହୁ*



ବରଷ ଶେଷରେ ବଡ଼ ଦିନ ପାଇଁ
ଦେଖରେ ସବୁଠି ଆଜି ଗହଳି,
ସାଙ୍ଗ ସାଥି ମେଳେ ହୁଏ ଭୋଜି ଭାତ
ବଣ ମୁଲକ ଯେ ପଡ଼େ ଉଚ୍ଛୁଳି ।୧।

ପ୍ରଭୁ ଯୀଶୁଙ୍କର ଜନ୍ମ ଦିନ ଆଜି
ସାରା ବିଶ୍ୱେ ଏହା ହୁଏ ପାଳନ,
ଅନୁଗତ ଜନେ ପାଳନ୍ତି ଆନନ୍ଦେ
ଖୁସିରେ ନାଚଇ ସଭିଙ୍କ ମନ ।୨।

ବଡ଼ ଦିନ ପାଇଁ ସରକାରୀ ଛୁଟି
ଛୁଟି ପାଇ ଖୁସି ସଭିଏଁ ଆଜି,
ପ୍ରଭୁ ଯୀଶୁଙ୍କର ଜନ୍ମ ଦିନ ପାଇଁ
ଚର୍ଚ୍ଚ ଘର ହୋଇଛି ସଜା ସଜି ।୩।

ସମାଜକୁ ଦେଇ ନିଜ ଦିଗ୍‌ଦର୍ଶନ
(ଯୀଶୁ) ସର୍ବ ପୂଜ୍ୟ ଆଜିର ସମାଜରେ,
ଯାହାଙ୍କ ବ୍ୟକ୍ତିତ୍ୱ ଅଲିଭା ବାରତା
ସାରା ବିଶ୍ୱ ଆଜି ଏବେବି ଝୁରେ ।୪।

ସଭିଏଁ ପାଳନ୍ତି ଆନନ୍ଦ ମନରେ
ଆଜିର ଦିନକୁ ଦେଖରେ ମିଶି,
ସାରା ବିଶ୍ୱ ପାଇଁ କରୁଛୁ କାମନା
ତାହାଙ୍କ ଆଶିଷ ଯାଉ ବରଷି ।୫।

ମଣିଷ ମନରୁ ହିଂସା ବାଦ ଦ୍ୱେଷ
ଆଜିର ଦିନରେ ହେଉରେ ଦୂର,
ସମାଜ ଭିତରେ ପରିବାର ମେଳେ
ଶାନ୍ତି ମୈତ୍ରୀ ଭାବ ଜାଗ୍ରତ କର ।୬।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ -୭୬୦୯୦୪୩୮୩*



# ବଡ଼ଦିନ ଉତ୍ସବ

*ହୃଦାନନ୍ଦ ସୁନାନୀ*

ବଡଦିନ ହେଲା ଯୀଶୁଙ୍କ ଜନ୍ମଦିନ
ବର୍ଷକୁ ମାତ୍ର ଏକ ଥର ପଡେ
ଯୀଶୁଖ୍ରୀଷ୍ଟ ମତେ ଅଦ୍ୟ ଏ ବର୍ଷ ଶେଷ
ଦେହରୁ ଥଣ୍ଡା ଅଙ୍କ ବି ନଛାଡେ -(୦)
ଇଂରାଜୀରେ ଏହା ଖ୍ରୀଷ୍ଟ ମାସ କହନ୍ତି
ଏ ଦିନ ଅଫିସ ଛୁଟି ପଡଇ
ଏକ୍ସ-ମାସ ମଧ୍ୟ କହନ୍ତି ଏ ଦିନକୁ
ଖ୍ରୀଷ୍ଟିୟମାନେ ଆନନ୍ଦେ ମନେଇ -(୧)
ଆମ ଦେଶ ଓ ପାଶ୍ଚତ୍ୟ ଦେଶ ବାହାରେ
ଧୁମଧାମରେ ଉତ୍ସବ କରନ୍ତି
ଉପହାର ଆଦାନ ପ୍ରଦାନ ହୁଅଇ
ପ୍ରାୟ ଘରେ ଯେ ଆଲୋକ ଜଳାନ୍ତି -(୨)
ଜଗତର ପାପ ମୋଚନ କରିବାକୁ
ଧରା ପୃଷ୍ଠରେ ଜନ୍ମ ହୋଇଥିଲେ
ଯୀଶୁ ଭଗବାନ ଅବତାର ରୂପରେ
ଆଜି ସେ ଦିନ ବୋଲି ମାନିନେଲେ-(୩)

*କଳାହାଣ୍ଡି*
*ମୋ- ୯୧୭୮୫୪୪୮୫୯*



# ଆଜି ପରା ବଡ଼ଦିନ...

*ରାମଚନ୍ଦ୍ର ବେହେରା*



ଆସ ମୋର ମିତ ପିନ୍ଧି ଶୀତ ବସ୍ତ୍ର
ଆଜି ପରା ବଡଦିନ
ସାଥିମେଳ ହୋଇ ଶ୍ରଦ୍ଧାରେ ପାଳିବା
ଯୀଶୁଙ୍କ ଜନମ ଦିନ
ହସିବ ଗାଆଁ ସହର
ରଂଗ ବେରଂଗର ଆଲୋକ ମାଳାରେ
ଚମକିବ ଗିର୍ଜା ଘର।
ଡିସେମ୍ବର ମାସ ପଚିଶି ତାରିଖ
ସମଗ୍ର ବିଶ୍ୱେ ବିଖ୍ୟାତ
ଈଶାଈ ଧର୍ମର ଏ ମହାନ ପର୍ବ
ଖୁସି ବାଣ୍ଟେ ଅପ୍ରମିତ
ସାନ୍ତା ଦିଏ ଉପହାର
ଖ୍ରୀଷ୍ଟମାସ ବୃକ୍ଷ ଅପୂର୍ବ ସଜ୍ଜାରେ
ଗିର୍ଜା ଲାଗେ ସ୍ୱର୍ଗପୁର।
ପ୍ରଭୁ ଯୀଶୁ ଥିଲେ ଦେବତା ସମାନ
ବିଚାର ତାଙ୍କ ମହାନ
ତାଙ୍କ ନୀତି କୁହେ ଅସହାୟ ସେବା
ଦେଇଥାଏ କୋଟି ପୂଣ୍ୟ
ଦୟା ହିଁ ମାନବ ଧର୍ମ
ସ୍ନେହ ଶ୍ରଦ୍ଧା ଭାବ ଆପଣାଏ ଯିଏ
ପାଏ ସେ ଜଗତେ ମାନ।
ଆତ୍ମୀୟତା ଭାବ ହୃଦୟରେ ଭରି
ଆସ ଏ ବଡଦିନରେ
ଦୁଃଖୀ ଦରିଦ୍ରଙ୍କ ଛୋଟ ଛୋଟ ଆଶା
ପୂର୍ଣ୍ଣ କରିବା ଶ୍ରଦ୍ଧାରେ
ସଭିଏଁ ଆମ ନିଜର
ତାଙ୍କ ଖୁସି ଦେଖି ଆମେ ଖୁସି ହେବା
ପର ହେବେ ଆପଣାର।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# ବଡ଼ଦିନ ପର୍ବ ଆସିଛି

*ନଳିନୀ ଦାଶ*

ବରଷକ ପରେ ବଡଦିନ ପର୍ବ
ହସ ଖୁସି ନେଇ ଆସିଛି
ସବୁଠି ଗିର୍ଜାରେ ଯୀଶୁଙ୍କ ପାଇଁକି
ଆନନ୍ଦ ଉତ୍ସବ ଲାଗିଛି ।
ଡିସେମ୍ବର ମାସ ପଚିଶି ତାରିଖ
ଯୀଶୁଙ୍କ ଜନମ ଦିନରେ
ଆସନ୍ତି ଓହ୍ଲେଇ ମରତ ଭୁଇଁକୁ
ପୂଜିନ୍ତି ସରବେ ଖୁସିରେ ।
ସ୍ନେହ ଦୟା କ୍ଷମା ପ୍ରେମ ଓ ଜ୍ଞାନର
ବାରତା ଦେଉଥିଲ ଯୀଶୁ
ତୁମର ଆଶିଷ ଢାଳଏ ଧରାରେ
ହସନ୍ତୁ ଏ ଦେଶର ଶିଶୁ ।
ଇସାଇ ଧର୍ମର ମହାନ ପରବ
ବଡଦିନ ଏବେ ଆସିଛି
ତୁମରି ଆଦର୍ଶେ ଅନୁପ୍ରାଣିତ ଯେ
ତାଭାଗ୍ୟ ବଦଳି ଯାଇଛି ।
ଖ୍ରୀଷ୍ଟମାସ ଗଛ ଆଲୋକ ସଜାରେ
ଦିଶୁଅଛି କେଡେ ସୁନ୍ଦର
ଶିଶୁଙ୍କ ହାତରେ ଫୁଲତୋଡ଼ାଟିଏ
ଦିଅ ତୁମେ ଉପହାର ।
ତୁମର ସେନେହ ଆଦରେ ଏଦେଶ
ଶିଶୁ ହୋଇଥାନ୍ତି ହରଷ
ବୁଦ୍ଧି ଜ୍ଞାନ ବାଣ୍ଟି ଦୟା କ୍ଷମା ଗୁଣ
ଦେଇ ଢାଳିଦିଅ ଆଶିଷ ।
ଈର୍ଷା ହିଂସା ଘୃଣା ମନରେ ନରହୁ
ମୁଖେ ଭରିଦିଅ ହରଷ
ଜନମ ତିଥିରେ ପୃଥିବୀ ପୃଷ୍ଠରେ
ଆଶିଷ ଅମୃତ ବରଷ ।

*ଭିକାରିପଦା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*

# ଡିସେମ୍ବରର ପର୍ବପର୍ବାଣୀ

*ନିରଞ୍ଜନ ସାହୁ*

ଡିସେମ୍ବର ମାସେ ଅନେକ ପରବ
ପାଳନ ଯେ କରାଯାଏ
ପରବ ପାଳନେ ସଭିଙ୍କ ମନରେ
ହସଖୁସି ଭରିଥାଏ ।
ଗୀତା ଜୟନ୍ତୀରେ ଗୀତା ଯଜ୍ଞ ହୋଇ
ହୋଇଥାଏ ଗୀତା ପାଠ
ଲୋଡ଼ା ହୋଇଥାଏ ଅକ୍ଷତ ସହିତେ
ଘୃତ ଓ ସମିଧ କାଠ ।
ପଣ୍ଡୁ ପୂର୍ଣ୍ଣିମାରେ ପଣ୍ଡୁ ଓଷା ହୁଏ
ଏକଥା ସଭିଙ୍କୁ ଜଣା
ବାଟ ଓଷା କରି ଦାଣ୍ଡ ପହଁରନ୍ତି
ଯମ ଓଷା ନାମେ ଗଣା ।
ଧନୁ ସଙ୍କରାନ୍ତି ଧନୁ ମୁଆଁ ଭୋଗ
ଧନୁଯାତ୍ରା ବରଗଡ଼େ
ଦ୍ୱାପର ଯୁଗରେ କଂସର ଶାସନ
ଏ ଯାତ୍ରାରେ ମନେପଡ଼େ ।
ବକୁଳ ଉଆଁସ ତିଥି ଆସିଗଲେ
ଆମ୍ବ ଗଛ ପୂଜା କରି
ଏସନ ବହୁତ ରସାଳ ଫଳିବ
ଆଶା ମନେ ଯାଏ ଭରି ।
ପଠାଣି ସାମନ୍ତ ଜୟନ୍ତୀ ପାଳନେ
କରି ତାଙ୍କ ଗୁଣ ଗାନ
ଜ୍ୟୋତିର୍ବିଜ୍ଞାନର ଜୟଗାନ ହୁଏ
ଶୁଣଇ ସଭିଙ୍କ କାନ ।
ବଡ଼ଦିନ ହେଲେ ଯୀଶୁଖ୍ରୀଷ୍ଟ ଜନ୍ମ
ଚର୍ଚ୍ଚରେ ପାଳନ କରି
ଖ୍ରୀଷ୍ଟଧର୍ମ ଭାଇଭଉଣୀ ହୃଦୟୁ
ଖୁସି ପଡୁଥାଏ ଝରି ।
ଶାମ୍ବଦଶମୀରେ ସୂର୍ଯ୍ୟ ପୂଜା ହୁଏ
ପିଠାପଣା ଘରେ ଘରେ
ଡିସେମ୍ବରେ ଏହି ପରବ ପାଳିବା
ଖୁସି ମନେ ଗରବରେ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଆଶିଷ ଦିଅ ଯୀଶୁ

*ପ୍ରଶାନ୍ତ କୁମାର ଦାଶ*





ଆଶିଷ ଦିଅ ଭଲମଣିଷ
ହେବୁତ ଆମେ ଯୀଶୁ
ସୁନାଦେଶର କୁସୁମକଢି
ଆମେତ ସବୁ ଶିଶୁ ॥

କେଡେ ସୁନ୍ଦର ଭାରି ମଧୁର
ତୁମରି ହିତବାଣୀ
ନେଉଥିଲ ତ ଜନମନକୁ
ତୁମ ପାଖକୁ ଟାଣି ॥

ଦୁଃଖ ସହୁଥିଲ ଶୋଚନା ନଥିଲା
ହସଥିଲା ତୁମ ଓଠେ
ତୁମ ଚଲାପଥେ ଫୁଲ ଫୁଟିଉଠେ
ପଥଧାରୁ କଣ୍ଟା ହଟେ ॥

ସୁନ୍ଦର ଧରାରେ ରଖିଥିଲ ପାଦ
ମହତ ପୁରୁଷ ସାଜି
ତୁମରି ସ୍ମୃତିକୁ ମନେ ପକାଉଛୁ
ଆମ ଧରଣୀରେ ଆଜି ॥

ବଡଦିନ ଆଜି ତୁମ ପାଦପୂଜି
ଭଲମଣିଷ ହେବୁ
ଅଦେଖା ଦେବତା ତୁମପାଇଁ ଆମ
ଆଖିଲୁହ ଢାଳିଦେବୁ ॥

ତୁମପରି ନେବୁ ଧରାରେ ଜନମ
କରିବୁ ସରଗ ଧରା
ହେବତ ଦୁନିଆ ସୁଖ ଶାନ୍ତି ହସ
ଯଶ ଗଉରବ ଭରା ॥

*କୁଞ୍ଜର -ସଙ୍ଗଳାଇ, ପିପିଲି -ପୁରୀ*
*ମୋ-୯୭୬୮୮୨୨୧୯୦*

# ଛୁଟି ହେଲା...

*ଗୋପୀନାଥ ଦାଶ*

ଖ୍ରୀଷ୍ଟ ମାସ ଛୁଟି ହେଲା ପିଲାଏ
ବାହାରକୁ ବୁଲିଯିବ
ଦର୍ଶନୀୟ ସ୍ଥାନ ଦେଖିକି ଆସିବା
ନୂଆ ଅନୁଭୂତି ହେବ।
ବଣଭୋଜିର ସମୟ ଆସିଛି
ସାଙ୍ଗ ସାଥି ମିଶି ଯିବା
ଜଙ୍ଗଲଜନ୍ତୁଙ୍କୁ ହଇରାଣ ନକରି
ପରିବେଶ ସଫା ରଖିବା।
ଝଲସି ଉଠୁଛି ଗୀର୍ଜା ଘର ସବୁ
ଆଲୋକ ମାଳାରେ ସଜ୍ଜିତ
ବରଷକୁ ଥରେ ମହା ଆନନ୍ଦେ ହେଉଛି
ଖ୍ରୀଷ୍ଟ ମାସ ପର୍ବ ପାଳିତ।
ଡିସେମ୍ବର ମାସ ପଚିଶି ତାରିଖ
ଜନମ ପ୍ରଭୁ ଯୀଶୁଙ୍କର
ଖ୍ରୀଷ୍ଟିୟ ଭାଇ ଭାଉଣୀ ଧୁମ୍‌ଧାମ୍‌ରେ
ସଜାଇ ରଖିଛନ୍ତି ଘର
ଏଇ ଦିନ ପୁଣି ଜନମି ଥିଲେ
ପୂଜ୍ୟ ଅଟଳ ବିହାରୀ
ଜନମ ଭୂଇଁର ସେବା କରିଗଲେ
ହୋଇ ପ୍ରଧାନ ମନ୍ତ୍ରୀ।
ଆଗକୁ ଆସୁଛି ନୂଆ ବରଷ ଯେ
ସଭିଏଁ ଶପଥ ନେବା
ଦେଶ ହିତ ପାଇଁ ଭଲ କାମ କରି
ସୁନାମ ଅର୍ଜନ କରିବା।

*ବଲାଙ୍ଗିର*



# ଶୀତୁଆ ସକାଳ

*ସୁରମା ମିଶ୍ର*



ଶୀତୁଆ ସକାଳେ କଅଁଳ ଖରାରେ
ଅଜା ବସିଥାନ୍ତି ଦାଣ୍ଡରେ
ଆଈକୁ ସରାଗେ ଡ଼ାକି ସେ କହିଲେ
କଅଣ ରଖିଛୁ ଘରେ ॥
ଭୋକ ଲାଗିଲାଣି ସହି ପାରୁନାହିଁ
ସଅଳ ଆଣଲୋ ଯାଇ
ତରତରେ ଆଈ ମ୍ୟାଗି କରିଦେଇ
ଅଜାଙ୍କୁ ଦେଲା ଧରାଇ ॥
ରାଗ ତମତମ ହୋଇ ଅଜା ଗଲେ
ମ୍ୟାଗି ତକ ଫିଙ୍ଗି ଦେଲେ
ଏ ଖାଦ୍ୟକୁ କେବେ ଖାଇଛି କି ମୁହିଁ
ରାଗି ଆଈକୁ କହିଲେ ॥
ଏପରି ଖାଦ୍ୟ ମୁଁ ଖାଏ ନାହିଁ ବୋଲି
ଜାଣି ନାହୁଁ କି ଲୋ ତୁହି
ଅମାନିଆଁ ହୋଇ ଦଉଛୁ କାହିଁକି
ବୁଝି ମୁଁ ତ ପାରୁ ନାହିଁ ॥
ଶୀତଦିନେ ପୋଡ଼ ପିଠାଟିର ମଜା
ଖାଇଛି ଜାଣିବ ସିଏ
ମାଆ ମୋ ରାତିରୁ ପୋଡପିଠା କରି
ସକାଳେ ଖୁଆଇ ଦିଏ ॥
ହଳଦୀପତର ପିଠାର ବାସନା
ମନେ ମୋ ପଡ଼ି ଯାଉଛି
ସପନ ଦେଖୁଛି ମାଆ କରିଥିବା
ମଣ୍ଡାପିଠା ମୁଁ ଖାଉଛି ॥
କିଛି ନ ପାରିଲେ ଚୁଡ଼ାମୁଢ଼ି ଗଣ୍ଡେ
ମୋ ପାଖେ ଦେବୁ ଲୋ ଥୋଇ
ସେଇ ଖାଦ୍ୟରେ ମୁଁ ଶାନ୍ତି ପାଇବି ଲୋ
ଆଉ କିଛି ଲୋଡା ନାହିଁ ॥

*ବି ଏଲ- ୩୯, ଭି ଏସ୍ ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ବଣ ଭୋଜିର ମଜା



**ମହେନ୍ଦ୍ର କୁମାର ଘଡ଼େଇ**

ବୁଦ୍ଧିଆର ବୁଲାବୁଲି ଓ ଭୋଜିଭାତ ସବୁବେଳେ ମନ। ପଚାରିଲେ କହେ: ଏଥିରେ ଦେହ ମନ ଭଲ ରହିବ। ଏହି ଭଲ ଦେହ ମନ ତ ପାଠୁଆ ପିଲାର ବେଶୀ ଦରକାର। ବୁଦ୍ଧି ବିବେକ ନେଇ ଦେଖିଥିବା ସପନ ପାଖରେ ଯାଇ ପହଞ୍ଚିଯିବ। ଧୈର୍ଯ୍ୟ ଓ ସାହସ ବି ଆଣିଦେବ। ପିତା ମାତା ଓ ଗୁରୁଜୀଙ୍କ ଯିଏ ଦେବତା ଭଳି ପୂଜିଲା। ତା' ଭାଗ୍ୟ ଟେକ ହେବ। ସେଥିପାଇଁ ଆଜି ଏ ସଭା। କୁହ, ଭାଇମାନେ! ଏ ବର୍ଷ ବଣଭୋଜି କେବେ କରିବା ?

ସମସ୍ତେ ଏକ ସ୍ୱରରେ ହଁ ବୋଲି କହିଲେ।

ବୁଦ୍ଧିଆ କହିଲା: ଦିନ ଓ ସ୍ଥାନ ଠିକ୍ କର।

କିଏ କୁଆରିଆ ନଦୀ, ହ୍ରଦ ଓ ସାଗରର ନାଁ ତ କିଏ ପର୍ବତ ଘେରା ବଣଜଙ୍ଗଲ ନାଁ କହିଲା। କୋଉଟା କାଟ ଖାଇଯାଉଥାଏ ତ କୋଉଟାକୁ ବେଶୀ ମତ ମିଳିଥାଏ। ବଣଜନ୍ତୁଙ୍କୁ ଦେଖି ଛାଇରେ ଝରଣା ଜଳରେ ଭୋଜି ଭାତର ମଜା ପାଇଁ ଅଧିକ ମତ ଆସିଲା। ତା' ଭିତରୁ କେହି ଜଣେ କହିଲା, ଟି.ଭି. ଓ ଫିଲ୍ମରେ ଏମିତି ସ୍ଥାନ ଦେଖି ଖୁସି ହେବ। ଏମିତି ସତ ହଜିଯାଇ କାହାଣୀ ପେଡିରେ ରହିଲାଣି। ଦୂର ପର୍ବତର ସୌନ୍ଦର୍ଯ୍ୟ ପରି ଆଜି କାହାଣୀ ପେଡ଼ି ସେମିତି ଆନନ୍ଦ ଦେଉଛି। ସତ ସବୁବେଳେ କାମ ବାହିନିଏ।

ଅମର ବୋଲି ପିଲାଟିଏ ବାହାରିପଡ଼ି କହିଲା, ଚାଲ, ବିବାଦ ଛାଡ଼ି କୋଉ ହୋଟେଲରେ ନାଚଗୀତ ଭୋଜି ଭାତରେ ମଜା ନେବା।

ବୁଦ୍ଧିଆ କହିଲା, ନାରେ ! ପ୍ରକୃତି ଆମ ମାଆ। ସିଏ ଆମକୁ ପାଳି ପୋଷି ଠିଆ କରିଛି। ତାକୁ ହସେଇଲେ ଆମେ ହସିବା, କନ୍ଦେଇଲେ ଆଖିରୁ ଲୁହ ଗଡ଼େଇବା। ଆମେ ଜଟିଳ ଜୀବନରେ ଉଗ୍ର ଓ ହିଂସ୍ର ହୋଇ ଉଠୁଛେ। ଅବିଚାରରେ ପ୍ରକୃତି ନଷ୍ଟ କରୁଛେ। ପରିବେଶର ସ୍ୱଚ୍ଛତାକୁ ନିଜ ହାତରେ ଉଜାଡୁଛେ। କୂଟ କପଟରେ ମିତ୍ରତାକୁ ଭୁଲି ଯାଉଛେ। ଜୀବେଦୟା ଓ ମଣିଷପଣିଆ ଠାରୁ ଦୂରେଇ ଯାଉଛେ। ଆମ ହାତର ଅକାମ ଜଳବାୟୁକୁ ବିଗାଡ଼ି ଦେଲାଣି। ତା' ପାଇଁ ଋତୁଚକ୍ର ମୁହଁରୁ ହସଖୁସି ପୋଛି ନେଲାଣି। ରୋଗ ଯନ୍ତ୍ରଣାରେ ଛଟପଟ ହୋଇ କାନ୍ଦ ବୋବାଳି କରୁଛେ। ହେଲେ ମୁକୁଳି ପାରୁନେ।

ମନୁଆ କହିଲା, ତା'ଉପାୟ ତତେ ଯଦି ଜଣାଅଛି କହୁନୁ।

ବୁଦ୍ଧିଆ କହିଲା: ଆଗ କଥା ଓ କାମକୁ ଗୋଟିଏ କର। ପରିବେଶର ସ୍ୱଚ୍ଛତା ଆଗରୁ ନିଜ ସ୍ୱଚ୍ଛତାକୁ ଦେଖ। ଭଲ ଚରିତ୍ର ହିଁ ଭଲ ଚିତ୍ରରେ ଆସେ। ସେମିତି ନିଜକୁ ଦେଖିବାକୁ କିଏ ନ ଚାହେଁ ? ଅଳସ ଓ ଅକାମ ଭଲ କାମର ବାଟ ଓଗାଳି ଠିଆ ହୁଏ। ସ୍ୱାର୍ଥ ଶତ୍ରୁ ସାଜେ। କର୍ମକୁ ଧର୍ମ ବୋଲି ବିଚାର କଲେ ସବୁ ବଦଳିଯିବ। ହାତଛଡା ହୋଇଥିବା ସୁଖ ପୁଣି ପାଖ ଫେରି ଆସିବ। ପଶୁପକ୍ଷୀ ଓ ଜୀବଜନ୍ତୁଙ୍କ ଦ୍ୱାରା ବଣଜଙ୍ଗଲ ସୃଷ୍ଟି ହୋଇପାରୁଛି। ଆମେ ମଣିଷ କାହିଁ ନୂଆ ଜଙ୍ଗଲ ତିଆରି କରିବା ବଦଳରେ ଗଛ କାଟି ପଦା କରିଦେବା କ'ଣ ଠିକ୍ ? ମାଟି ବା ଗୋବର ଗୋଳା ଭିତରେ ମଞ୍ଜିକୁ ଭରି ବଲ୍ କରି ଶୁଖାଇ ରଖ। ବର୍ଷା ଦିନ ଆଗରୁ ଯୁଆଡ଼େ ଯାଉଛ ସେଆଡ଼େ ସେସବୁକୁ ଫିଙ୍ଗିଦିଅ। ଦେଖିବ, ଦିନ କେତେଟାରେ ପୁଣି ଧରା ହସି ଉଠିବ। ଋତୁଚକ୍ର ଠିକ୍ ଗୁଳାରେ ଗଡ଼ି ବର୍ଷା କରିବ। ଫସଲ ଫଳିବ। ଦୁଃଖ ଛୁ' ମାରିବ। ବଣଭୋଜି ପାଇଁ ଜାଗାର ଅଭାବ ରହିବନି।

ସମସ୍ତେ ଏକ ସ୍ୱରରେ କହିଲେ: ବଣଭୋଜି ପାଇଁ ଆଗ ଏ କାମରେ ଲାଗିଯିବା।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ବିଜୟ ହଜାରେ ଟ୍ରଫିରେ ବିରାଟ କୋହଲିଙ୍କ ଧୂଆଁଧାର ଶତକ



**ନୂଆଦିଲ୍ଲୀ**

ବିରାଟ କୋହଲିଙ୍କ ବ୍ୟାଟ୍ ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ। ଏହା ଅନ୍ତର୍ଜାତୀୟ କ୍ରିକେଟ୍ ହେଉ କି ଘରୋଇ କ୍ରିକେଟ୍ ସବୁ ସ୍ଥାନରେ ସେ ଜଲୱା ଦେଖାଉଛନ୍ତି। ବିଜୟ ହଜାରେ ଟ୍ରଫିରେ ବିରାଟ କୋହଲି ଆନ୍ଧ୍ରପ୍ରଦେଶ ବିପକ୍ଷରେ ଏକ ଉଲ୍ଲେଖନୀୟ ଶତକ ହାସଲ କରିଥିଲେ। ସେ ମାତ୍ର ୮୩ ବଲ୍‌ରେ ତାଙ୍କର ଶତକ ହାସଲ କରିଥିଲେ। କୋହଲି ୧୫ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିଛନ୍ତି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ ୧୬ ବର୍ଷ ପରେ ବିଜୟ ହଜାରେ ଟ୍ରଫିରେ ଏକ ଶତକ ହାସଲ କରିଛନ୍ତି।

ବିରାଟ କୋହଲି ଶେଷ ଥର ପାଇଁ ୨୦୦୯ ମସିହାରେ ବିଜୟ ହଜାରେ ଟ୍ରଫିରେ ଶତକ ମାରିଥିଲେ। ଏହି ମ୍ୟାଚ୍ ହରିୟାଣା ବିପକ୍ଷରେ ଥିଲା, ଯେଉଁଠାରେ ସେ ୧୨୪ ରନ୍ କରିଥିଲେ। ସେହି ସିଜନରେ ସେ ୪ଟି ଶତକ ସହିତ ୫୩୪ ରନ୍ ସଂଗ୍ରହ କରିଥିଲେ। ଏବେ କୋହଲି ପୁଣି ଥରେ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍ ପାଇଁ ପ୍ରସ୍ତୁତି ପାଇଁ କୋହଲି ଏହି ଟୁର୍ଣ୍ଣାମେଣ୍ଟ ଖେଳୁଛନ୍ତି।

ବିରାଟ କୋହଲି ୨୦୧୬ରେ ଯେପରି ଶତକ ପରେ ଶତକ ଲଗାଇଥିଲେ ବର୍ତ୍ତମାନ ସେପରି ସ୍ଥିତି ଦେଖାଯାଇଛି। ଡାହାଣହାତୀ ବ୍ୟାଟସମ୍ୟାନ୍ ବର୍ତ୍ତମାନ ବିଧ୍ୱଂସକାରୀ ଫର୍ମରେ ଅଛନ୍ତି। ସେ ତାଙ୍କର ଶେଷ ଚାରିଟି ଦିନିକିଆ ଇନିଂସରେ ତିନୋଟି ଶତକ ହାସଲ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ, ସେ ଲଗାତାର ଦୁଇଟି ଶତକ ହାସଲ କରିଛନ୍ତି। ସେ ତୃତୀୟ ଦିନିକିଆରେ ଅପରାଜିତ ୬୫ ରନ କରିଛନ୍ତି ଏବଂ ଏବେ ସେ ବିଜୟ ହଜାରେ ଟ୍ରଫିରେ ମଧ୍ୟ ଏକ ଶତକ ହାସଲ କରିଛନ୍ତି।

## ବିଜୟ ହଜାରେ ଟ୍ରଫିରେ ବୈଭବ ବିସ୍ଫୋରଣ

# ୧୯୦ ରନ୍ କରି ଭାଙ୍ଗିଲେ ଡିଭିଲିୟର୍ସଙ୍କ ରେକର୍ଡ

**ନୂଆଦିଲ୍ଲୀ**

ବିଜୟ ହଜାରେ ଟ୍ରଫି ୨୦୨୫-୨୬ ବୈଭବ ସୂର୍ଯ୍ୟବଂଶୀ ଏବଂ ତାଙ୍କ ଦଳ ବିହାର ପାଇଁ ଏକ ଭଲ ଆରମ୍ଭ ହୋଇଛି। ବିହାରର ଉପ-ଅଧିନାୟକ ବୈଭବ ସୂର୍ଯ୍ୟବଂଶୀଙ୍କ ଅରୁଣାଚଳ ପ୍ରଦେଶ ବିପକ୍ଷରେ ପ୍ରଭାବଶାଳୀ ପ୍ରଦର୍ଶନ ତାଙ୍କ କ୍ୟାରିୟରର ସର୍ବୋଚ୍ଚ ଲିଷ୍ଟ ଏ ସ୍କୋର କରିଥିଲା। ସେ ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ୧୦ ବଲ ପୂର୍ବରୁ ଏବି ଡିଭିଲିୟର୍ସଙ୍କ ଲିଷ୍ଟ ଏ ରେକର୍ଡ ଭାଙ୍ଗିଥିଲେ। ୧୪ ବର୍ଷୀୟ ବାମହାତୀ ବ୍ୟାଟ୍‌ସମ୍ୟାନ ଡିଭିଲିୟର୍ସଙ୍କ ରେକର୍ଡ ଭାଙ୍ଗିଥିଲେ ଏବଂ ତାଙ୍କର ସର୍ବୋଚ୍ଚ ଲିଷ୍ଟ ଏ ସ୍କୋର ମଧ୍ୟ ରେକର୍ଡ କରିଥିଲେ।



୧୪ ବର୍ଷ ୨୭୨ ଦିନ ବୟସରେ, ବୈଭବ ସୂର୍ଯ୍ୟବଂଶୀ ପ୍ରଥମେ ଲିଷ୍ଟ ଏ କ୍ରିକେଟରେ ଦ୍ରୁତତମ ଶତକର ରେକର୍ଡ ଭାଙ୍ଗି ନିଜ ଦେଶୀୟ ଅମ୍ବାତି ରାୟୁଡୁ ଏବଂ ପୂର୍ବତନ ପାକିସ୍ତାନ ଅଧିନାୟକ ଏବଂ ବିଶ୍ୱର ଏକ ନମ୍ବର ବ୍ୟାଟ୍‌ସମ୍ୟାନ ବାବର ଆଜମଙ୍କ ରେକର୍ଡ ଭାଙ୍ଗିଥିଲେ। ଏହା ପରେ ସେ ଦ୍ରୁତତମ ୧୫୦ ସ୍କୋର କରି ଦକ୍ଷିଣ ଆଫ୍ରିକାର ଏବି ଡିଭିଲିୟର୍ସ ଏବଂ ଇଂଲଣ୍ଡର ଜୋସ ବଟଲରଙ୍କୁ ପଛରେ ପକାଇ ଦେଇଥିଲେ।

ବୈଭବ ସୂର୍ଯ୍ୟବଂଶୀ ଅରୁଣାଚଳ ପ୍ରଦେଶ ବିପକ୍ଷରେ ବିପର୍ଯ୍ୟୟ ଘଟାଇଥିଲେ, ମାତ୍ର ୮୪ ବଲ୍‌ରେ ୧୯୦ ରନ କରିଥିଲେ। ୨୨୬ରୁ ଅଧିକ ଷ୍ଟ୍ରାଇକ ରେଟ୍‌ରେ ଖେଳି ବୈଭବ ସୂର୍ଯ୍ୟବଂଶୀଙ୍କ ଇନିଂସରେ ୧୫ ଛକା ଏବଂ ୧୬ ଛକା ଅନ୍ତର୍ଭୁକ୍ତ ଥିଲା। ଏହା ବିଜୟ ହଜାରେ ଟ୍ରଫି କିମ୍ବା ଲିଷ୍ଟ ଏ କ୍ରିକେଟ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଥମ ଶତକ। ଏହା ବ୍ୟତୀତ, ଏହା ତାଙ୍କ ଲିଷ୍ଟ ଏ କ୍ୟାରିୟରର ସର୍ବଶ୍ରେଷ୍ଠ ସ୍କୋର ମଧ୍ୟ। ଲିଷ୍ଟ ଏ କ୍ରିକେଟରେ ତାଙ୍କର ପୂର୍ବ ସର୍ବାଧିକ ସ୍କୋର ୭୧ ଥିଲା।

ଅରୁଣାଚଳ ପ୍ରଦେଶ ବିପକ୍ଷରେ ଏହି ଇନିଂସ ସମୟରେ, ବୈଭବ ଏବି ଡିଭିଲିୟର୍ସଙ୍କ ରେକର୍ଡ ମଧ୍ୟ ଭାଙ୍ଗିଥିଲେ। ବୈଭବ ସୂର୍ଯ୍ୟବଂଶୀ ଏବେ ଲିଷ୍ଟ ଏ କ୍ରିକେଟରେ ୧୫୦ ସ୍କୋର କରିବାରେ ଦ୍ରୁତତମ କ୍ରିକେଟର ହୋଇସାରିଛନ୍ତି। ଏହି ରେକର୍ଡ ପୂର୍ବରୁ ଏବି ଡିଭିଲିୟର୍ସଙ୍କ ନାମରେ ଥିଲା। ଡିଭିଲିୟର୍ସ ୨୦୧୫ ପୁରୁଷ ଏକଦିବସୀୟ ବିଶ୍ୱକପରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୬୪ ବଲରେ ୧୫୦ ରନ କରିଥିଲେ। ୧୦ ବର୍ଷ ପରେ, ୨୦୨୫ରେ, ବୈଭବ ସୂର୍ଯ୍ୟବଂଶୀ ଅରୁଣାଚଳ ପ୍ରଦେଶ ବିପକ୍ଷରେ ମାତ୍ର ୫୪ ବଲରେ ୧୫୦ ରନ କରିଥିଲେ। ସେ ଲିଷ୍ଟ ଏ କ୍ରିକେଟରେ ଦ୍ରୁତତମ ୧୫୦ ରନ କରିବାର ରେକର୍ଡ ଭାଙ୍ଗିବା ପାଇଁ ଏବି ଡିଭିଲିୟର୍ସଙ୍କଠାରୁ ୧୦ ବଲ କମ୍ ଖେଳିଥିଲେ।

# ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅମରଦୀପଙ୍କୁ ମିଳିଲା ସ୍ୱର୍ଣ୍ଣ ପଦକ




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମବଙ୍ଗର କାଲିମପଙ୍ଗ ଠାରେ ଗତ ୨୦ ଓ ୨୧ ତାରିଖରେ ତୃତୀୟ କାଲିମପଙ୍ଗ ଆନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିନିଅର ବାଳକ ବିଭାଗରେ ଏକେଏସ୍ ଟାଏକୋଣ୍ଡୋ ଏକାଡେମୀର ବିଶ୍ୱରଞ୍ଜନ ଅମରଦୀପ୍ ଅନ୍ତର୍ଜାତୀୟ ସ୍ତରରେ 'ପୁମସେ' ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଭାରତ ପାଇଁ ଗୌରବ ଅର୍ଜନ କରିଛନ୍ତି। ଗ୍ରାଣ୍ଡମାଷ୍ଟର ଅଶୋକ କୁମାର ସାହୁ ସମ୍ପାଦକ (ଖୋର୍ଦ୍ଧା ଜିଲ୍ଲା ଟାଏକୋଣ୍ଡୋ ଆସୋସିଏସନର ପ୍ରତିଷ୍ଠାତା ତଥା ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଅନ୍ତର୍ଜାତୀୟ ପ୍ରଶିକ୍ଷକ) ବିଶ୍ୱ ଟାଏକୋଣ୍ଡୋ ମହାସଂଘର ବିଚାରକ (ବିଶ୍ୱ ଟାଇକୋଣ୍ଡୋ ଫେଡେରେସନ) ଏବଂ ଦଳ ସଞ୍ଚାଳକ ଭାରତୀ ଜଗଦେବଙ୍କ ନେତୃତ୍ୱରେ ଏହି ସଫଳତା ହାସଲ କରିଛନ୍ତି। ଅମରଦୀପ ଖୋର୍ଦ୍ଧା ଜିଲ୍ଲା ଗୁରୁଜଙ୍ଗ ଗ୍ରାମର ଦିଲ୍ଲୀପ କୁମାର ସାହୁ ଓ କଳ୍ପନା ମହାନ୍ତିଙ୍କ କନିଷ୍ଠ ପୁତ୍ର ଅଟନ୍ତି। ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ପୁରୀର ସାଂସଦ ଡଃ. ସମ୍ବିତ ପାତ୍ର ଅମରଦୀପଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଶୀର୍ବାଦ ପ୍ରଦାନ କରିଛନ୍ତି। ଓଡ଼ିଶାର କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଅମରଦୀପ ତାଙ୍କର ଏହି ସଫଳତା ପଛରେ ତାଙ୍କ ଗୁରୁ ଗ୍ରାଣ୍ଡମାଷ୍ଟର ଅଶୋକ କୁମାର ସାହୁଙ୍କର ପରିମାର୍ଜିତ ଶିକ୍ଷା ଏବଂ ପ୍ରେରଣା ଦାୟକ ଉତ୍ତମ କୌଶଳ ବିଦ୍ୟା ଯୋଗୁ ଏହା ସମ୍ଭବ ହୋଇପାରିଛି।

# ଡବ୍ଲୁପିଏଲ୍ ୨୦୨୬ : ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେବେ ବିଶ୍ୱକପ ନାୟିକା ଜେମିମା ରୋଡ୍ରିଗ୍ସ

**ନୂଆଦିଲ୍ଲୀ**

ଆଗାମୀ ଡବ୍ଲ୍ୟୁପିଏଲ୍ ସିଜନ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ନୂଆ ଅଧିନାୟିକା ନିଯୁକ୍ତ କରିଛି। ଦଳର ପ୍ରମୁଖ ସଦସ୍ୟା ତଥା ଭାରତ ବିଶ୍ୱକପ ହିରୋ ଜେମିମା ରୋଡ୍ରିଗ୍ସଙ୍କୁ ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ପ୍ରଥମ ୩ଟି ସିଜନରେ ଅଷ୍ଟ୍ରେଲିଆର ମେଗ ଲ୍ୟାନିଂ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ନେତୃତ୍ୱ ନେଇଥିଲେ। ୩ଟି ଯାକ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସ ଫାଇନାଲ୍‌ରେ ପ୍ରବେଶ କରିଥିଲେ ହେଁ ଚାମ୍ପିଅନ୍ ହୋଇ ପାରିନଥିଲା। ଏଥର କ୍ୟାପିଟାଲ୍ସ ତାଙ୍କୁ ରିଟେନ କରିନଥିଲା। ନୂଆ ସିଜନ ପୂର୍ବରୁ ଭାରତୀୟ ଖେଳାଳିଙ୍କୁ ଅଧିନାୟକ ନିଯୁକ୍ତ କରିବାକୁ ଦିଲ୍ଲୀ କ୍ୟାପିଟାଲ୍ସ ଯୋଜନା କରିଥିଲା। ତେଣୁ ଜେମିମା ଅଧିନାୟିକା ନିଯୁକ୍ତ ହେବା ବହୁ ପୂର୍ବରୁ ଅନୁମାନ କରାଯାଉଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଆସନ୍ତା ୧୦ ତାରିଖରେ ଅଭିଯାନ ଆରମ୍ଭ କରିବ। ପ୍ରଥମ ମ୍ୟାଚରେ ଦଳ ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ। ଦିଲ୍ଲୀ ପାଇଁ ଡବ୍ଲୁପିଏଲରେ



ଜେମିମା ତାଙ୍କର ସମସ୍ତ ମ୍ୟାଚ ଖେଳିଛନ୍ତି। ସେ ୨୭ ମ୍ୟାଚରେ ୨୮.୧୬ ହାରରେ ୫୦୭ ରନ୍ କରିଛନ୍ତି। ୬୯ ତାଙ୍କର ସର୍ବାଧିକ ସ୍କୋର।

ଅଧିନାୟକତ୍ୱ ଦାୟିତ୍ୱ ମିଳିବା ପରେ ଜେମିମା କହିଛନ୍ତି, 'ମୋ ଉପରେ ଏହି ବିଶ୍ୱାସ-ଭରସା କରିବା ଭଲ ଲାଗୁଛି।' ଦିଲ୍ଲୀ କ୍ୟାପିଟାଲ୍ସ ମାଲିକଙ୍କ ପାର୍ଥ ଜିନ୍ଦଲଙ୍କ ସହିତ କଥାବାର୍ତ୍ତାରେ ରୋଡ୍ରିଗ୍ସ କହିଛନ୍ତି, 'ମୁଁ ଜାଣେ ଉଉ ମୋ ପାଇଁ କ'ଣ କରିଛି ଏବଂ ଉଉ ସବୁବେଳେ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ରଖିବ ଏବଂ ମୁଁ ଦଳ ପାଇଁ ମୋର ସମସ୍ତ ଚେଷ୍ଟା କରୁଛି।'

୨୮ ଦିନରେ ମୋଟ ୨୨ଟି ମ୍ୟାଚ୍ ଖେଳାଯିବ- ଡବ୍ଲୁପିଏଲ ୨୦୨୬ ସିଜିନର ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦଘାଟନୀ ମ୍ୟାଚ ଖେଳାଯିବ। ୨୮ ଦିନିଆ ଟୁର୍ଣ୍ଣାମେଣ୍ଟରେ ଫାଇନାଲ୍ ସମେତ ୨୨ଟି ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ଦୁଇଟି ସ୍ଥାନରେ ଅନୁଷ୍ଠିତ ହେବ। ନଭି ମୁମ୍ବାଇ ଷ୍ଟାଡିୟମ୍ ପ୍ରଥମ ୧୧ଟି ମ୍ୟାଚ୍ ଆୟୋଜନ କରିବ। ଫାଇନାଲ୍ ଭଦୋଦରା ଷ୍ଟାଡିୟମରେ ଖେଳାଯିବ। ଜାନୁଆରୀ ୧୦ ଏବଂ ୧୭ ତାରିଖରେ ଦୁଇ ଦିନ ଡବଲହେଡର୍ ଖେଳାଯିବ। ପ୍ରତ୍ୟେକ ଦିନ ଗୋଟିଏ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଫେବୃଆରୀ ୧ ତାରିଖରେ ଶେଷ ହେବ, ଏଲିମିନେଟର ମ୍ୟାଚ୍ ଫେବୃୟାରୀ ୩ ତାରିଖରେ ଏବଂ ଫାଇନାଲ୍ ଫେବୃୟାରୀ ୫ ତାରିଖରେ ଅନୁଷ୍ଠିତ ହେବ।

# ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ : ଚାରିଘରିଆ ଚାମ୍ପିଅନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ଅନ୍ତର୍ଗତ ନୂଆସାହିରେ ୩ଦିନ ଧରି ଅନୁଷ୍ଠିତ ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାର ମୋଟ ୧୬ଟି ଟିମ୍ ଏଥିରେ ଅଂଶ ଗ୍ରହଣ କରିଥିଲେ। ଚୌଦ୍ୱାର ବିଲଡେରୁଆଁର ଏମବିବିସି ଟିମ୍ ଓ ଚାରିଘରିଆ ଟିମ୍ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏମବିସିସି ପ୍ରଥମେ ବ୍ୟାଟିଙ୍ଗ ଆରମ୍ଭ କରି ନିର୍ଦ୍ଧାରିତ ସୀମିତ ଓଭରରେ ୪୭ରନ କରିଥିବା ବେଳେ ଚାରିଘରିଆ ୪୮ରନ କରି ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ବିଷ୍ଣୁ ଚରଣ ପରିଡ଼ା, ସୁବାଷ ବାରିକ, ଅଜୟ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ରଜତ ପଣ୍ଡା, ଦୁଃଶାସନ ସାହୁ, ଜ୍ଞାନେନ୍ଦ୍ର ବଳ ଖେଳ ପରିଚାଳନା କରିଥିଲେ ଏବଂ ଡାନିଏଲ ପାଢ଼ୀ, ସୁଜିତ୍ କୁମାର ବେହେରା, ସୁଧାନନ୍ଦ ପଣ୍ଡା, ଅମୂଲ୍ୟ ବେହେରା, ଦ୍ୱିତିରଞ୍ଜନ ବେହେରା, ଦୀପ୍ତି ରଞ୍ଜନ ସାମଲ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ୨୭ରୁ ରାଜ୍ୟ ସ୍ତରୀୟ ଜନଜାତି କ୍ରୀଡ଼ା-୨୦୨୫

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଜନଜାତି ସମାଜରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନିତ କରି ଆଗକୁ ବଢାଇବା ପାଇଁ ପ୍ରତିବର୍ଷ ପରି ଏ ବର୍ଷ ରାଜ୍ୟ ସ୍ତରୀୟ ଜନଜାତି କ୍ରୀଡ଼ା-୨୦୨୫ ଆମ୍ବେଦକର ଷ୍ଟାଡିୟମ, ଖଲିଆପାଲି, ଭାଲେର ରୋଡ, ବଲାଙ୍ଗୀର ଠାରେ ଡିସେମ୍ବର ୨୭ ଓ ୨୮ ଦୁଇଦିନ ଧରି ଚାଲିବ। ଏଥିରେ ୧୯ଟି ଜିଲ୍ଲାରୁ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ପୁଅ ଓ ଝିଅ ଭାଗ ନେବେ। ଏଠାରେ ତୀରନ୍ଦାଜ ଓ କବାଡି (ଜୁନିଅର ସବ-ଜୁନିଅର ପୁଅ ଓ ଝିଅ) ଓ ଖୋ-ଖୋ (ଜୁନିଅର ସବ-ଜୁନିଅର ପୁଅ ଓ ଝିଅ) ଏହି କ୍ରୀଡ଼ା ପ୍ରତିଯୋଗିତା ୨୭ ତାରିଖ ପୂର୍ବାହ୍ନ ୧୧ଟାରେ ଉଦ୍‌ଘାଟିତ ହେବ ଏବଂ ୨୮ ତାରିଖ ଅପରାହ୍ଣ ୨ଟା ୩୦ରେ ସମାପନ ହେବ। ବନବାସୀ କଲ୍ୟାଣ ଆଶ୍ରମର ପ୍ରତିଯୋଗିତାରୁ ବହୁ ପ୍ରତିଭା ଚୟନୀତ ହୋଇ ସାଇ କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେବା ସହ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି।

ଓଡ଼ିଶାରେ ବନବାସୀ କଲ୍ୟାଣ ଆଶ୍ରମ ମୁଖ୍ୟତଃ ବନବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟରତ। ବନବାସୀ କଲ୍ୟାଣ ଆଶ୍ରମ ସର୍ବପ୍ରଥମେ ୧୯୫୨ ମସିହା ଡିସେମ୍ବର ୨୬ ତାରିଖ ଯଶପୁର, ଛତିଶଗଡ଼ରେ ସ୍ଥାପିତ ହୋଇ ବର୍ତ୍ତମାନ ସମଗ୍ର ଭାରତ ବର୍ଷରେ ଜନଜାତି ସମାଜର ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟ ଦିଗରେ କାର୍ଯ୍ୟକରି ଆସୁଛି।

ବଲାଙ୍ଗୀର ଜିଲ୍ଲାରେ ଆୟୋଜିତ ହେବାକୁ ଯାଉଥିବା ଉକ୍ତ ବନବାସୀ କ୍ରୀଡ଼ା ପ୍ରତିଯୋଗିତାର ପ୍ରତିଯୋଗୀମାନେ ଡିସେମ୍ବର ୨୬ ତାରିଖ ସକାଳେ ପହଞ୍ଚିବେ। ଅପରାହ୍ନ ୩ଟା ୩୦ରେ ଅଗ୍ରସେନ ଭବନରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରିବ। ଏହି ଶୋଭାଯାତ୍ରା ହସ୍ପିଟାଲ ଛକ, ପାଟଣେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ପୁରୁଣା ବସ୍‌ଷ୍ଟାଣ୍ଡ, ଭାଗିରଥୀ ଛକ ଦେଇ ଶିଶୁ ମନ୍ଦିର କଦମ୍ବ ପଡ଼ାରେ ସମାପ୍ତ ହେବ। ଡିସେମ୍ବର ୨୭ ତାରିଖ ସକାଳ ୯ଟା ରେ ପ୍ରତିଯୋଗିତା ଆରମ୍ଭ ହେବ। ପୂର୍ବାହ୍ନ ୧୧ଟା ୩୦ରେ ଉଦ୍‌ଘାଟନୀ ସଭାର ଆୟୋଜନରେ ମୁଖ୍ୟ ଅତିଥି ଓଡ଼ିଶା ସରକାରର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏବଂ ମୁଖ୍ୟ ବକ୍ତା ବନବାସୀ କଲ୍ୟାଣ ଆଶ୍ରମ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ଡଃ. ପୁରୁଷୋତ୍ତମ ଅଗ୍ରୱାଲ ଉପସ୍ଥିତ ରହିବ। ଅପରାହ୍ନରେ କ୍ରୀଡ଼ା ପ୍ରତିଯୋଗିତା ଏବଂ ସନ୍ଧ୍ୟା ୭ଟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବ। ଡିସେମ୍ବର ୨୮ ତାରିଖ ସକାଳ ୯ଟା ଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କ୍ରୀଡ଼ା ପ୍ରତିଯୋଗିତା ଓ ଅପରାହ୍ନ ୨ଟା ୩୦ ରେ ପୁରସ୍କାର ବିତରଣ ଏବଂ ସମାପନ ସମାରୋହର ଆୟୋଜନରେ ମୁଖ୍ୟ ଅତିଥି ଓଡ଼ିଶା ସରକାରର ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ ଏବଂ ମୁଖ୍ୟ ବକ୍ତା ଭାବରେ ଅଖିଳ ଭାରତୀୟ ସହ ଖେଳକୁଦ ପ୍ରମୁଖ ପଙ୍କଜ ସିଂହ ତଥା ବିଶିଷ୍ଟ ଅତିଥି ଗୌରୀ ଶଙ୍କର ମାଝୀ (ବିଧାୟକ ନବରଙ୍ଗପୁର) ଏବଂ ରୂପ ଭତ୍ରା (ବିଧାୟକ କୋଟପାଡ଼) ଉପସ୍ଥିତ ରହିବେ। ଆଡ଼ଭୋକେଟ ମହେନ୍ଦ୍ର ଅଗ୍ରୱାଲଙ୍କ ସଂଯୋଜନାରେ ଏହି ଜନଜାତି ପ୍ରାନ୍ତୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଡକ୍ଟର ପୁରୁଷୋତ୍ତମ ଅଗ୍ରୱାଲ, ସଂଗଠନ ସମ୍ପାଦକ କୃଷ୍ଣ ଚନ୍ଦ୍ର ଭାଟି ଓ ସଂଯୋଜକ ରବି ଅଗ୍ରୱାଲ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।

# ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଚାମ୍ପିଅନସିପ୍ ପାଇଁ ପ୍ରସ୍ତୁତି ବୈଠକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ରାମଧୁନ କ୍ଲବର ସମ୍ପାଦକ ପୀୟୂଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ହେବାକୁ ଥିବା ୨୭ତମ ରାମଧୁନ କପ୍ ଫୁଟବଲ ଚାମ୍ପିଅନସିପ୍ ପାଇଁ ସ୍ଥାନୀୟ ରାମଧୁନ କ୍ଲବ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷ ଅନୁଷ୍ଠିତ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟ ଓ ବ୍ୟୟ ଉପରେ ଆଲୋଚନା କରାଯିବା ସହିତ ଚଳିତ ବର୍ଷ ହେବାକୁଥିବା ଟୁର୍ଣ୍ଣାମେଣ୍ଟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା। ୧୬ ଫେବୃଆରୀ ୨୦୨୬ ରୁ ୨୨ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଗାନ୍ଧୀ ଷ୍ଟାଡିୟମ ସୋନପୁର ଠାରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ସର୍ବମୋଟ ୮ଟି ଖ୍ୟାତିସମ୍ପନ୍ନ ଫୁଟବଲ ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ ଏବଂ ଏହି ୮ଟି ଦଳରୁ ୪ଟି



ଫୁଟବଲ ଦଳ ଖେଳାଳି ରାଜ୍ୟ ବାହାରୁ ଆସିବେ ବୋଲି ପ୍ରସ୍ତାବ ଆଗତ ହୋଇଥିଲା। ଏହା ସହିତ ପ୍ରତ୍ୟେକ ଦିନ ଗୋଟିଏ ମ୍ୟାଚ୍ ଖେଳାଯିବ ବୋଲି ସଦସ୍ୟମାନେ ନିଜନିଜର ମତାମତ ରଖିଥିଲେ। ପ୍ରତ୍ୟକଦିନ ସୁବର୍ଣ୍ଣପୁର ଜିଲ୍ଲା ତଥା ରାଜ୍ୟ ସ୍ତରରେ କ୍ରୀଡ଼ା, ଶିକ୍ଷା, କଳା ଓ ସଂଗୀତ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ନିଆଗଲା। ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟର ବଜେଟ୍ ଆନୁମାନିକ ଭାବରେ ୧୩ ଲକ୍ଷ ଟଙ୍କା ରଖାଯାଇଛି। ଶେଷରେ ସମସ୍ତେ ଏହି ଫୁଟବଲ ଚାମ୍ପିଅନସିପ୍‌କୁ ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ସମସ୍ତ ସାହାଯ୍ୟ ସହଯୋଗ କରିବେ ବୋଲି ନିଜ ନିଜର ମତ ପ୍ରକାଶ କରିଥିଲେ।

ଏହି ପ୍ରସ୍ତୁତି ବୈଠକକୁ ବିକାଶ ପଣ୍ଡା ପରିଚାଳନା କରିଥିବା ବେଳେ ରାମଧୁନ କ୍ଲବ ଉପଦେଷ୍ଟା ସୁବାସ ବିଶ୍ୱାଳ, ଭୁକଲୁ ବକ୍ସି, ତ୍ରିଲୋଚନ ଷାଣ୍ଡ, ରାଜେଶ ଥାନାପତି, ସଭାପତି ରାଜୀବ ସାହୁ, ଉପ ସଭାପତି କମଳାକାନ୍ତ ସାହୁ, ହୃଷିକେଶ ପଣ୍ଡା, ଜୟ ନାରାୟଣ ପାଢ଼ୀ, ରାଜ କୁମାର ନାଏକ, ସହ ସମ୍ପାଦକ ତ୍ରିନାଥ ନାଏକ, କାଶୀନାଥ ମିଶ୍ର, ରାଜ କୁମାର ସିଂ, ବିକାଶ ପାଢ଼ୀ, ରବି ନାରାୟଣ ଦେହୁରୀ, ଗୁରୁ ଦଳେଇ, କୋଷାଧ୍ୟକ୍ଷ ସୁମନ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଅନିଲ ସାହୁ, ରେହେମଦ ମହମ୍ମଦ, ଚନ୍ଦନ ବେହେରା, ରିପୁନ ନାଏକ, ସଦା ସାହୁ, ରବି ଗୁରୁ, ରଞ୍ଜିତ ସାହୁ, ଅଶିକ ମହମ୍ମଦ, ଚାହାତ ମଜାଲଦାର, ରାଜୀବ ପଟ୍ଟନାୟକ, ଅନିଲ ମହାରଣା, ମହେନ୍ଦ୍ର ଘଣ୍ଟୁୱାଲ, ଶିଶିର ମହାନ୍ତି, ଉତ୍ତମ ନାଏକ, ବାସୁ ଥପା, ଦେବ ନାଏକ, ଅଂଶୁମାନ ପଣ୍ଡା, ଆୟୁଷମାନ ପଣ୍ଡା, ପାରଷ ମହାନନ୍ଦ, ରନୋକ ନାଗ, ପ୍ରେମ ନାଏକ ସମେତ ରାମଧୁନ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

GOVERNMENT OF ODISHA
Office of the Superintending Engineer
Bhanjanagar (R&B) Division, Bhanjanagar.
(Phone/Fax: (06821) 241133 / E -mail: eernbbngr@yahoo.in)
Ltr. No.12234 Dtd. 18.12.2025
B-864
INVITATIONS FOR BIDS (IFB)
E-Procurement Bid Identification No. S.E -BNJ-R&B-20/ 2025-26.

1. Name of work :- Construction of 02 Nos. of E-type Quarters for Revenue Staff of :' Bhanjanagar Sub-Collector Office at Bhanjanagar, Dist-Ganjam.
2. No. of works :- 01 No. Building Work
3. No. of Covers :- Double Cover
4. Estimated cost :- Rs.66.76 lakhs
5. Period of Completion :- Six calendar months.
6 Date of time of availability of bid document in the portal :- From 12.00 Noon of dated 26.12.2025 to 5.00 PM. of dated 04.01.2026.
7. Last date/time for receipt of bids in the portal :- Up to 5.00 PM. of dated 04.01.2026.
8. Date of opening of bid documents :- At 11.00 A.M. of dated 05.01.2026.
9. Class of Contractor :- "B" Class Contractor
10. Name and address of officer inviting Bid :- Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in.
The Addendum / Corrigendum if any will be hosted in the website only.
Sd/- Superintending Engineer, Bhanjanagar (R&B) Division
OIPR-34015/11/0037/2526

OFFICE OF THE NOTIFIED AREA COUNCIL, DHARMAGARH
DIST-KALAHANDI, PIN-766015
'e'-Procurement NOTICE.
Bid Identification No. DHM / O4/ 2025-26
C-1876

The Executive Officer on behalf of DharmagarhNAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works : **02 (Two) numbers**
2. Estimated Costs : **16.83 Lakh to 16.94 Lakh**
3. Period of completion : As per NIT
4. Date and time of availability of the bid documents in the portal : **From 11.00 A.M. of 23.12.2025 to 05.00 PM of 07.01.2026**
5. Last Date/ Time for receipt of bids in the portal : **05.00 PM of 07.01.2026**
6. Bids will be opened on : **11.00 AM of Dt 09.01.2026**
7. Name and address of the officer inviting bid : **Executive Officer, DharmagarhNAC**

Sd/- Executive Officer
Dharmagarh NAC
OIPR-13163/11/0022/2526

OFFICE OF THE SUPERINTENDING ENGINEER, RWS & S DIVISION, BARGARH
Email :- eerwss_bgh@.nic.in. Ph (O):-06646 233220, FAX 06646 234626
No. 4784 / Dt 19.12.2025
O-1836
GOVERNMENT OF ODISHA "e" PROCUREMENT NOTICE
Bid Identification No Dt of 2025-26

The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class **'C'** or **'B'** registered with any department of State Government or equivalent class of Central Govt.etc. to be eventually drawn up in PI Contract Form for the below work as per terms and condition noted below.

1. Name of the work. Addition Alteration & Renovation of Conference hall at RWS&S Division Bargarh Approx. Estimated cost: - **Rs 9.61 lakh.**
2. Date and time of availability of document in the portal :- **Dt 29.12.2025** to **Dt 12.01.2026** up to 5.**00 P.M**
3. Last date/ time for receipt of bids in the portal :- **Dt 12.01.2026** up to **5.00 P.M**
4. Date & time of Opening of Tender :- **Dt 13.01.2026** at **11.00 A.M.**
5. Name and address of the Officer Inviting Bid Superintending Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal "http//tendersorissa.gov.in".
The authority reserves the right to reject any or all the tenders without assigning any reason thereof.
Sd/- Superintending Engineer
RWS & S Division, Bargarh
OIPR-25018/11/0009/2526

# ଫିଟନେସ୍ ଏବଂ ସାମୁହିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବ ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ 'ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍ ଭୁବନେଶ୍ୱର-୨୦୨୬'ର ଆଗାମୀ ଦ୍ୱିତୀୟ ସଂସ୍କରଣ ସମ୍ବନ୍ଧରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋର୍ସା), ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା ୧ ଫେବୃୟାରୀ ୨୦୨୬ରେ ଆଇଆଇଟି ଭୁବନେଶ୍ୱର ସହଯୋଗରେ ଆୟୋଜିତ ହେଉଛି।

ସାମ୍ବାଦିକ ସମ୍ମିଳନୀ ସମୟରେ ମଣ୍ଡଳ ରେଳ ପ୍ରବନ୍ଧକ ସୂଚନା ଦେଇ କହିଛନ୍ତି ଯେ ଏହି ପ୍ରମୁଖ କ୍ରୀଡ଼ା ଇଭେଣ୍ଟର ଲକ୍ଷ୍ୟ ନାଗରିକମାନଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା ସହିତ ଫିଟନେସ୍, ସୁସ୍ଥତା ଏବଂ ସାମୁହିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା। ଏହି ଅବସରରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ତଥା କ୍ରୀଡ଼ା ଅଧିକାରୀ ଅନିଲ କୁମାର ଏସ୍ ଏବଂ ମଣ୍ଡଳ ମେକାନିକାଲ୍ ଇଞ୍ଜିନିୟର (କୋଚିଂ) ତଥା ସହକାରୀ କ୍ରୀଡ଼ା ଅଧିକାରୀ ମନୀଷ କୁମାର ମୀନା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ବିବରଣୀ ସମ୍ବନ୍ଧରେ ଆଲୋକପାତ କରାଇଥିଲେ।

ଏହି ମାରାଥନରେ ଚାରୋଟି ଦୌଡ଼ ବର୍ଗ ରହିବ - ୨୧.୧ କି.ମି. ହାଫ୍ ମାରାଥନ୍, ୧୦ କି.ମି. ହାଫ୍ ମାରାଥନ୍, ୫ କି.ମି. ମଜା




ଦୌଡ଼ ଏବଂ ୨ କି.ମି. ପାରିବାରିକ ଦୌଡ଼ ଅନ୍ତର୍ଭୁକ୍ତ ଯାହା ଦେଶର ବିଭିନ୍ନ ପ୍ରାନ୍ତରୁ ବୃତ୍ତିଗତ ଦୌଡ଼କୁଦ ଖେଳାଳି, ରେଳ କର୍ମଚାରୀ, ଛାତ୍ରଛାତ୍ରୀ, ପରିବାର ଏବଂ ଫିଟନେସ୍ ଉତ୍ସାହୀମାନଙ୍କୁ ଉତ୍ସାହିତ କରିବ। ୨୧.୧ କିମି ଏବଂ ୧୦ କିମି ହାଫ୍ ମାରାଥନ୍ ସମୟସୀମା ଅନୁଯାୟୀ ହେବ ଯାହା ପ୍ରମାଣିତ ଚିପ୍-ଆଧାରିତ ସମୟ ପ୍ରଣାଳୀ ସହିତ ପରିଚାଳିତ ହେବ।

ଏହି ଇଭେଣ୍ଟ ଇକୋର୍ସା କ୍ରିକେଟ୍ ଷ୍ଟାଡିୟମ, ଖୋର୍ଦ୍ଧା ରୋଡ୍‌ରେ ଆରମ୍ଭ ହୋଇ ଏକ ସୁନ୍ଦର ଏବଂ ସୁରକ୍ଷିତ ମାର୍ଗ ସହିତ ଆଇଆଇଟି ଭୁବନେଶ୍ୱର ମାର୍ଗ ଦେଇ ଗତି କରିବ ଏବଂ ବ୍ରହ୍ମପୁରାରେ ଏକ ଟ-ଟର୍ଣ୍ଣ ନେଇ ପୁନର୍ବାର ଷ୍ଟାଡିୟମକୁ ଫେରି ଶେଷ ହେବ। ଅଂଶଗ୍ରହଣକାରୀଙ୍କ ସୁରକ୍ଷା ଏବଂ ସୁବିଧା ପାଇଁ ଟ୍ରାଫିକ୍ ପରିଚାଳନା, ହାଇଡ୍ରେସନ୍ ଷ୍ଟେସନ୍, ଚିକିତ୍ସା ସୁବିଧା ଏବଂ ସ୍ୱେଚ୍ଛାସେବୀ ସହାୟତା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯିବ।

୨୧.୧ କିମି ଏବଂ ୧୦ କିମି ବର୍ଗ (ପୁରୁଷ ଏବଂ ମହିଳା)ରେ ବିଜେତାମାନଙ୍କୁ ମୋଟ ୨.୩୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସମସ୍ତ ପଞ୍ଜିକୃତ ଅଂଶଗ୍ରହଣକାରୀ ପ୍ରିମିୟମ୍ ଇଭେଣ୍ଟ ଟି-ସାର୍ଟ, ଫିନିସର୍ ପଦକ, ରିଫ୍ରେଶମେଣ୍ଟ୍, ଇ-ସାର୍ଟିଫିକେଟ୍ ଏବଂ ବୃତ୍ତିଗତ ଦୌଡ଼ ଫଟୋଗ୍ରାଫ୍ ପାଇବେ।

ପଞ୍ଜିକରଣ ବିବରଣୀ : ୨୧.୧ କିଲୋମିଟର ହାଫ୍ ମାରାଥନ୍ (ସମୟସୀମା) : ୬୯୯ (୧୮ ବର୍ଷ ଏବଂ ତଦୁର୍ଦ୍ଧ୍ୱ)। ୧୦ କିଲୋମିଟର ଦୌଡ଼ (ସମୟସୀମା) : ୫୯୯ (୧୮ ବର୍ଷ ଏବଂ ତଦୁର୍ଦ୍ଧ୍ୱ)। ୫ କିଲୋମିଟର ମଜା ଦୌଡ଼ (ସମୟସୀମା ନୁହେଁ) : ୪୯୯ (୧୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ)। ୨ କିଲୋମିଟର ପାରିବାରିକ ଦୌଡ଼ (ସମୟସୀମା ନୁହେଁ) : ୩୯୯ (୮ ବର୍ଷ ଏବଂ ତଦୁର୍ଦ୍ଧ୍ୱ)। ପଞ୍ଜିକରଣ ଖୋଲା ଅଛି ଏବଂ ୧୫ ଜାନୁଆରୀ ୨୦୨୬ରେ ବନ୍ଦ ହେବ।

ଡିଆରଏମ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଭାରତୀୟ ରେଳବାଇର କ୍ରୀଡ଼ା ପ୍ରୋତ୍ସାହନ, ସାଧାରଣ ସମ୍ପର୍କ ଏବଂ ସୁସ୍ଥ ଜୀବନଶୈଳୀ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବାବେଳେ ଆଇଆଇଟି ଭୁବନେଶ୍ୱର ଭଳି ପ୍ରମୁଖ ପ୍ରତିଷ୍ଠାନ ସହିତ ସହଯୋଗକୁ ମଧ୍ୟ ସୁଦୃଢ଼ କରୁଛି।

ଦୌଡ଼କୁଦ ଖେଳାଳି, ଫିଟନେସ୍ ଉତ୍ସାହୀ ଏବଂ ଓଡ଼ିଶାର ନାଗରିକମାନଙ୍କୁ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍ ଭୁବନେଶ୍ୱର-୨୦୨୬କୁ ସଫଳ ମଣ୍ଡିତ କରିବାକୁ ଉତ୍ସାହିତ କରାଯାଉଛି।

ଅଧିକ ବିବରଣୀ ପାଇଁ, ଅଂଶଗ୍ରହଣକାରୀ ମାନେ ଅଫିସିଆଲ୍ ଇଭେଣ୍ଟ ୱେବସାଇଟ୍- khurdaroadhalfmarathon.com ପରିଦର୍ଶନ କରିପାରିବେ କିମ୍ବା ୮୪୫୫୮୮୭୯୫୯ରେ ଆୟୋଜକଙ୍କ ସହିତ ଯୋଗାଯୋଗ କରିପାରିବେ।



## ରାଜ୍ୟର ୪୯୧ଟି ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ

# ତୃଣମୂଳସ୍ତରରେ ବିକାଶର କେନ୍ଦ୍ରବିନ୍ଦୁ ଅଙ୍ଗନବାଡ଼ି : ଉପମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ତୃଣମୂଳସ୍ତରର ବିକାଶର କେନ୍ଦ୍ରବିନ୍ଦୁ ହେଉଛି ଅଙ୍ଗନବାଡ଼ି । ଅଙ୍ଗନବାଡ଼ି ଭିତ୍ତିଭୂମି ବିକାଶ ଉପରେ ଫୋକସ ଦେଇ ଗ୍ରାମୀଣ ବିକାଶକୁ ସୁଦୃଢ କରିବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତ ପ୍ରକାଶ କରିଛନ୍ତି। ବୁଧବାର ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କରକମଳରେ ପଞ୍ଚାୟତରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଉପସ୍ଥିତିରେ ରାଜ୍ୟର ୪୯୧ଟି ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟନ ହୋଇଯାଇଛି । ଅଙ୍ଗନବାଡ଼ିକୁ ସଶକ୍ତ କରି ସେଥିରେ ସ୍ୱଚ୍ଛତା, ଶୌଚାଳୟ, ପାନୀୟ ଜଳ ସୁବିଧା, ବିଦ୍ୟୁତ ସେବା, ପୁଷ୍ଟି ବଗିଚା ଆଦିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଅଙ୍ଗନବାଡ଼ି କେନ୍ଦ୍ରକୁ ବିକଶିତ ଗାଁ ବିକଶିତ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ମତ ପ୍ରକାଶ କରିଛନ୍ତି । ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ଶିଶୁମାନଙ୍କ ପ୍ରାକ୍ ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶ ଅଙ୍ଗନବାଡ଼ିର ଭିତ୍ତିଭୂମି ଉପରେ ନିର୍ଭର କରୁଛି ବୋଲି ସେ ଦୃଢ ମତ ରଖିଛନ୍ତି । ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଆୟୁକ୍ତ ତଥା ଶାସନ ସଚିବ ଗିରିଶ ଏସ.ଏନ, ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶିକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଏହାସହ ଆଭାଷୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୧ଟି, ବାଲେଶ୍ୱର ଜିଲ୍ଲାରେ ୬୩, ବରଗଡ଼ରେ ୩୬, ଭଦ୍ରକରେ ୨୮, କଟକରେ ୨୪ଟି, ଗଜପତିରେ ୧୦, ଜଗତସିଂହପୁରରେ ୩୪, ଯାଜପୁରରେ ୨୦, କେନ୍ଦ୍ରାପଡ଼ାରେ ୧୯, ଖୋର୍ଦ୍ଧାରେ ୨୩, ପୁରୀରେ ୨୪, ନୟାଗଡ଼ରେ ୧୪, କୋରାପୁଟରେ ୧୮, କେନ୍ଦ୍ରାପଡ଼ାରେ ୧୯, କନ୍ଧମାଳରେ ୧୬, ଗଜପତିରେ୧୦, ସୁନ୍ଦରଗଡରେ ୪, ସୁବର୍ଣ୍ଣପୁରରେ ୧୧, ସମ୍ବଲପୁରରେ ୯, ରାୟଗଡାରେ ୧, ନୂଆପଡ଼ାରେ ୨, ନବରଙ୍ଗପୁର ୩, ମାଲକାନଗିରିରେ ୧, କେଉଁଝରରେ ୫, ଢେଙ୍କାନାଳରେ ୨, ବଲାଙ୍ଗୀରିରେ ୭, ଅନୁଗୁଳରେ ୬ ଅଙ୍ଗନବାଡିକୁ ଉଦଘାଟନ କରାଯାଇଛି। ଏଯାବତ ଦୁଇଟି ପର୍ଯ୍ୟାୟରେ ୧୪୦୪ଅଙ୍ଗନବାଡିକୁ ସଶକ୍ତ କରାଯାଇଛି। ସେପ୍ଟେମ୍ବର ମାସରେ ପ୍ରଥମ ପର୍ଯ୍ୟାୟରେ ୯୧୩ଟି ଅଙ୍ଗନବାଡି ଓ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୪୯୧ ଅଙ୍ଗନବାଡି ଉଦଘାଟନ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବରପୁତ୍ର ଐତିହ୍ୟ ଗ୍ରାମ୍ୟ ଯୋଜନାକୁ କ୍ୟାବିନେଟ୍ ମୋହର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବରପୁତ୍ର ଐତିହ୍ୟ ଗ୍ରାମ୍ୟ ଯୋଜନା ଉପରେ ବାଜିଲା କ୍ୟାବିନେଟ୍ ମୋହର। ରାଜ୍ୟ କ୍ୟାବିନେଟ୍ ବୈଠକ ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୂଚନା ଦେଇଛନ୍ତି। ବରପୁତ୍ରମାନଙ୍କ ଗାଁରେ ତିଆରି ହେବ ପ୍ରତିମୂର୍ତ୍ତି ଓ ସଂଗ୍ରହାଳୟ। ପ୍ରଥମ ପର୍ଯ୍ୟାୟରେ ୨୬ ବରପୁତ୍ରଙ୍କ ଗାଁରେ ଯୋଜନା ଆରମ୍ଭ ହୋଇଛି। ପ୍ରତି ବରପୁତ୍ର ଐତିହ୍ୟ ଗ୍ରାମ୍ୟ ପାଇଁ ୧୫ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୧୧ଟି ନିବେଶ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି । ସିଙ୍ଗିଲ ଉଇଣ୍ଡୋ କ୍ଲିଅରାନ୍ସ ଦ୍ୱାରା ୧୩୩୩ କୋଟି ନିବେଶକୁ ଅନୁମୋଦନ କରିଛନ୍ତି ସରକାର। ଏହା ଦ୍ୱାରା ସାତ ହଜାର ଚାରିଶହରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ।

# ବିଶ୍ୱ ବଜାରରେ ଓଡ଼ିଶା ଉତ୍ପାଦର ପ୍ରଚାର ଦିଗରେ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଲୋକସେବା ଭବନଠାରେ ନ୍ୟୁଜିଲ୍ୟାଣ୍ଡର ଅକଲ୍ୟାଣ୍ଡରେ ଭାରତର ବାଣିଜ୍ୟିକ ଦୂତ ଦାୟିତ୍ୱରେ ରହିଥିବା ଡକ୍ଟର ମଦନ ମୋହନ ସେଠୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ନ୍ୟୁଜିଲ୍ୟାଣ୍ଡ ଓ ଓଡ଼ିଶା ମଧ୍ୟରେ ପ୍ରଯୁକ୍ତି ବିଦ୍ୟାର ଆଦାନ ପ୍ରଦାନ ନେଇ ଆଲୋଚନା ହୋଇଥିଲା । ବିଶ୍ୱ ବଜାରରେ ଓଡ଼ିଶା ଉତ୍ପାଦର ପ୍ରଚାର ପ୍ରସାର ଦିଗରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ। ନ୍ୟୁଜିଲ୍ୟାଣ୍ଡଠାରେ ରାଜ୍ୟର ହସ୍ତକଳା ପ୍ରଦର୍ଶନୀ ନେଇ ମଧ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରସ୍ତାବ ରଖିଥିଲେ । ନ୍ୟୁଜିଲ୍ୟାଣ୍ଡର ଦକ୍ଷତା ବିକାଶ, କୃଷି, ଦୁଗ୍ଧ ଜାତୀୟ ଦ୍ରବ୍ୟ ଉତ୍ପାଦନ, ଶିଳ୍ପର ଅଭିବୃଦ୍ଧି ଓ ପୁଞ୍ଜିନିବେଶ ନେଇ ବିଭିନ୍ନ ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା । ସୂଚନାଯୋଗ୍ୟ ଯେ, ଅକଲ୍ୟାଣ୍ଡରେ ଭାରତର ବାଣିଜ୍ୟିକ ଦୂତ ଦାୟିତ୍ୱରେ ରହିଥିବା ଡକ୍ଟର ମଦନ ମୋହନ ସେଠୀ ଚଳିତ ମାସ ୨୧ତାରିଖରୁ ୨୮ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ରହିଛନ୍ତି।

# ଚାନ୍ଦବାଲି ଦୁଷ୍କର୍ମ ଓ ହତ୍ୟା ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ନବୀନ ଦାବି କରିଛନ୍ତି। ଏକ୍ସରେ ନବୀନ ପଟ୍ଟନାୟକ ଲେଖିଛନ୍ତି ଭଦ୍ରକ, ଚାନ୍ଦବାଲିରେ ୧୧ ବର୍ଷର ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ଅତ୍ୟନ୍ତ ବିଭତ୍ସ। ଏହା ସଭ୍ୟ ସମାଜକୁ ଦୋହଲାଇ ଦେଇଛି। ଦିନକୁ ଦିନ ଓଡ଼ିଶାରେ ବଢୁଥିବା ଦୁଷ୍କର୍ମ ପରି ଘଟଣା ଏବଂ ଏଥିରେ ସରକାରଙ୍କ ଅପାରଗତା ସମସ୍ତଙ୍କୁ ବିଚଳିତ ଓ ଆତଙ୍କିତ କରିଦେଇଛି। ମହିଳାଙ୍କ ସୁରକ୍ଷା ଏବଂ ଦୃଢ଼ ଆଇନଶୃଙ୍ଖଳା ପାଇଁ ଦିନେ ସୁନାମ ସାଉଁଟୁଥିବା ଓଡ଼ିଶାର ଛବି ଆଜି ସାରା ଦୁନିଆ ଆଗରେ କଳଙ୍କିତ ହେଉଛି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ବେଳେ ବିଜେପି ସରକାରର ସ୍ଥାଣୁତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ? କେତେ ଆଉ ନିରୀହ ଜୀବନ ଗଲେ ସରକାରଙ୍କ ନିଦ ଭାଙ୍ଗିବ? ଓଡ଼ିଶାର ମା'ଭଉଣୀମାନେ ସୁରକ୍ଷା ଚାହୁଁଛନ୍ତି, ଡବଲ୍ ଇଞ୍ଜିନ୍ ସରକାରର ମିଛ ବାହାସ୍ଫୋଟ ନୁହେଁ। ସ୍ଥିତି ଆହୁରି ବିଗିଡ଼ିବା ଆଗରୁ ସରକାର ଆଗୁଆ ତତ୍ପର ହୋଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରନ୍ତୁ।

# ଯାତ୍ରୀ ସେବାକୁ ସୁଦୃଢ଼ କରୁଛି ଖୋର୍ଦ୍ଧା ରୋଡ ମେମୁ କାର୍ ସେଡ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବତଟ ରେଳପଥର ଏକମାତ୍ର ମେମୁ ରକ୍ଷଣାବେକ୍ଷଣ ସୁବିଧା, ଖୋର୍ଦ୍ଧା ରୋଡ ମେମୁ କାର୍ ସେଡ୍ ସମଗ୍ର ଓଡ଼ିଶାରେ ଦୈନିକ ଯାତ୍ରୀ ଏବଂ ଉପନଗରୀୟ ଟ୍ରେନ୍ ସେବାକୁ ବଜାୟ ରଖିବା ଏବଂ ଟ୍ରେନ ଚଳାଚଳ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ନିର୍ଭରଯୋଗ୍ୟ ମେମୁ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଏହି ସେଡ୍ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଏବଂ ପୁରୀରେ ବାର୍ଷିକ ରଥଯାତ୍ରା ଉତ୍ସବ ସମେତ ଯାତ୍ରୀ ଭିଡ଼ ସମୟରେ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ଏହି ମେମୁ ସେଡ୍ ୨୨ ଜୁନ୍ ୨୦୧୮ ରେ ପାରମ୍ପରିକ ମେମୁ ରେକ୍ ସହିତ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ଡିସେମ୍ବର ୨୦୨୧ ରୁ ୩-ଫେଜ୍ ମେମୁ କୋଚ୍ ରକ୍ଷଣାବେକ୍ଷଣ ଆରମ୍ଭ କରିଥିଲା । ବର୍ତ୍ତମାନ, ଏହା ୨୦୦ କୋଚ୍ ବିଶିଷ୍ଟ ୫୦ ଟି ମେମୁ ୟୁନିଟ୍ ରକ୍ଷଣାବେକ୍ଷଣ କରେ ଏବଂ ପ୍ରତିଦିନ ପ୍ରାୟ ୧.୩୨ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇବା ପାଇଁ ୪୨ ଟି ଅପ୍ ଏବଂ ଡାଉନ୍ ମେମୁ ପାସେଞ୍ଜର ଟ୍ରେନ୍ ସେବାର ପରିଚାଳନାକୁ ସମର୍ଥନ କରେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢିଲା ପିୟୁସିସି...

କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଅବଧିକୁ ବୃଦ୍ଧି କରାଯାଇଥିବାରୁ ଜନସାଧାରଣ ବିବ୍ରତ ନ ହୋଇ ସୁବିଧାରେ ଯାଞ୍ଚ କରାଇବେ ବୋଲି ଆଶା କରାଯାଉଛି। ଫେବୃୟାରୀ ୧ ପୂର୍ବରୁ କୌଣସି ପେଟ୍ରୋଲ ପମ୍ପରେ କାହାକୁ ମଧ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଇନ୍ଧନ ଦେବାକୁ ମନା କରାଯାଇପାରିବ ନାହିଁ। ଏହି ସମୟରେ ପ୍ରଦୂଷଣ ସାର୍ଟିଫିକେଟ ସଂକ୍ରାନ୍ତରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି।

### ସହରଗୁଡ଼ିକ 'ଗ୍ରୋଥ୍ ହବ୍'...

କୃଷି ଓ ମତ୍ସ୍ୟ ଉଦ୍ୟୋଗ, ମାନୁଫାକଚରିଙ୍ଗ୍, ପରିବହନ, ବନ୍ଦର ଭିତ୍ତିକ ଶିଳ୍ପ, କେମିକାଲ୍ସ, ଟେକ୍ସଟାଇଲ୍, ଆଇ.ଟି ଭଳି ଅନେକ ଶିଳ୍ପାନୁଷ୍ଠାନ ଗଢ଼ି ଉଠିବ। ଏସବୁ ଅଞ୍ଚଳଗୁଡ଼ିକରେ ପର୍ଯ୍ୟଟନ କ୍ଷେତ୍ରରେ ମଧ ଅଭିବୃଦ୍ଧି ଘଟିବ। ବୈଠକରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ସହିତ ନିୟମିତ ଯୋଗାଯୋଗରେ ରହି ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନୂଆ ନୀତି ଆଣିବା ସହିତ ଆବଶ୍ୟକସ୍ଥଳେ ପ୍ରଚଳିତ ନୀତିରେ ସଂଶୋଧନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଏସବୁ ଅଞ୍ଚଳଗୁଡ଼ିକରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ କହିଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ମହାକାଶକୁ ଗଲା ଭାରତର...

ଅଦ୍ୟାବଧି ଲୋ ଆର୍ଥ ଅର୍ବିଟ୍‌ରେ ମୁତୟନ ହୋଇଥିବା ସର୍ବବୃହତ। ପୂର୍ବ ଆଣ୍ଟିନାର ଡାଟା କ୍ଷମତାଠାରୁ ଏହା ୧୦ ଗୁଣ ଅଧିକ କ୍ଷମତାସମ୍ପନ୍ନ। ଷ୍ଟାରଲିଙ୍କ୍ କିମ୍ବା ୱାନୱେବ୍‌ଠୁ ଭିନ୍ନ, ଏଏସଟି ସ୍ପେସ୍‌ମୋବାଇଲର ଟେକ୍ନୋଲୋଜି ଦୈନନ୍ଦିନ ସ୍ମାର୍ଟଫୋନରେ ସିଧାସଳଖ ସଂଯୋଗ କରେ। ଏହି ମିଶନ୍ ନାମୀ ବ୍ୟବସାୟିକ ଉତ୍‌କ୍ଷେପଣ ଜଗତରେ ଭାରତର ଏଣ୍ଟ୍ରିର ସଙ୍କେତ, ଯାହା ଅରବ ଡଲାର ବିଶ୍ୱ ବଜାରରେ ଭାଗିଦାରୀ ନିମନ୍ତେ ସ୍ପେସ୍‌ଏକ୍ସ, ଏରିୟନ୍‌ସ୍ପେସ୍ ଏବଂ ରୋସକସମୋସ୍ ଭଳି ବଡ଼ କମ୍ପାନିଙ୍କ ସହ ପ୍ରତିଯୋଗିତା କରୁଛି। ମିଶନ୍ ସଫଳ ହେଲେ ସଂଯୋଗତାକୁ ନୂଆ ପରିଚୟ ଦେବ। ସ୍ମାର୍ଟଫୋନ୍ ସିଧା ସ୍ପେସ୍ ସହ କନେକ୍ଟ ହେବ। ବିପର୍ଯ୍ୟୟ ପରିଚାଳନା ନୂଆ ଶକ୍ତି ମିଳିବ। ଦୁର୍ଗମ ଅଞ୍ଚଳରେ ଦ୍ରୁତ ଇଣ୍ଟରନେଟ୍ ପହଞ୍ଚିବ। ମୋବାଇଲ୍ ନେଟ୍‌ୱାର୍କର ପରିଭାଷା ସମ୍ପୂର୍ଣ୍ଣ ବଦଳିଯିବ।

# ପଲ୍ୟୁସନ ସାର୍ଟିଫିକେଟ ପୂର୍ବରୁ ଟ୍ରାଫିକ ଥାନାରେ ଲୋକଙ୍କ ଲମ୍ବା ଲାଇନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପଲ୍ୟୁସନ ସାର୍ଟିଫିକେଟ ପୂର୍ବରୁ ଟ୍ରାଫିକ ଥାନାରେ ଲୋକଙ୍କ ଲମ୍ବା ଲାଇନ ଲାଗିଛି। ଦୀର୍ଘ ଦିନରୁ ବକେୟା ଥିବା ଚାଲାଣ ଭରିବାକୁ ଏଭଳି ଭିଡ଼ ଦେଖିବାକୁ ମିଳିଛି। ଦୀର୍ଘଦିନ ହେବ ଚାଲାଣ ଭରୁ ନଥିବା ଗାଡି ଚାଳକ ଆଜି ଟ୍ରାଫିକ ଥାନାରେ ଲାଇନ ଲଗାଇ ଫାଇନ ଭରୁଛନ୍ତି । ପଲ୍ୟୁସନ ପୂର୍ବରୁ ଗାଡିର ଚାଲାଣ କ୍ଲିୟର କରିବାକୁ ପଡିବ ବୋଲି ଏବେ ଲୋକଙ୍କ ଚେତା ପଶିଛି ।

## ଚାନ୍ଦବାଲି ଘଟଣାକୁ ନିନ୍ଦା କଲା ବିଜେଡି ଓ କଂଗ୍ରେସ

# ଆଜି ସକାଳ ୬ଟାରୁ ଦିନ ୧୨ଟା ଯାଏଁ ଚାନ୍ଦବାଲି ବନ୍ଦ




**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଞ୍ଚଳରେ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ଘଟଣାକୁ ନେଇ ଗୁରୁବାର ଚାନ୍ଦବାଲି ବନ୍ଦ ଡାକରା ଦେଇଛି ବିଜେଡି ଓ କଂଗ୍ରେସ। ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଚାନ୍ଦବାଲି ବନ୍ଦ ଡାକରା ଦେଇଛି ଦଳ। ଏହି ଦିନ କଳା ଦିବସ ପାଳନ କରିବ ବିଜେଡି । ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ । ଚାନ୍ଦବାଲିରେ ଏହି ଘଟଣା ଲଜ୍ଜାଜନକ। ଚୋରା ନିଶା ବେପାର ପାଇଁ ଏତେ ବଡ ଲଜ୍ଜାଜନକ ଘଟଣା ଘଟିଲା । ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ଘଟଣାକୁ ନେଇ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହି ଦିନ କଳା ଦିବସ ପାଳନ କରିବ ବିଜେଡି।

ସେହିପରି କଂଗ୍ରେସର ବରିଷ୍ଠ ନେତା ଦିଗମ୍ବର ଦାସ ଘଟଣାକୁ ନିନ୍ଦା କରିବା ସହ ପୋଲିସ ପ୍ରଶାସନ ଓ ବିଜେପି ସରକାରଙ୍କୁ ଦାୟୀ କରିଛି। ପୀଡିତା ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ନ୍ୟାୟ ଦାବି କରିଛନ୍ତି। ଏହାସହ ଗୁରୁବାର ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ଚାନ୍ଦବାଲି ବନ୍ଦ ଡାକରା ଦିଆଯାଇଛି ।

# ଅନୁଗୋଳ ପି.ଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

**ଅନୁଗୋଳ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅନୁଗୋଳ ଜିଲ୍ଲାରେ ସରକାରୀ ସ୍ତରରେ ଶିକ୍ଷାର ମାନ ବୃଦ୍ଧି କରିବା ସହ ପ୍ରତିଟି ପିଲାଙ୍କୁ ବୈଜ୍ଞାନିକ ଓ ବୌଦ୍ଧିକ ଶିକ୍ଷା ସହ ଯୋଡ଼ିବା ଆମର ସଂକଳ୍ପ । ବୁଧବାର ଅନୁଗୋଳ ଗସ୍ତ ଅବସରରେ ପି.ଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ନବନିର୍ମିତ ବହୁମୁଖୀ ସଭାଗୃହ ଓ 'ବିବେକାନନ୍ଦ ପାର୍କ'ର ଉଦଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଛନ୍ତି ଯେ, ଠିକ୍ ଦୁଇ ବର୍ଷ ପୂର୍ବେ ୨୪ ଡିସେମ୍ବର ୨୦୨୩ରେ ଏହି ବହୁମୁଖୀ ହଲ୍‌ର ପରିକଳ୍ପନା କରାଯାଇଥିଲା, ଯାହା ଆଜି ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି । ଏହି ଅତ୍ୟାଧୁନିକ ସଭାଗୃହ ଛାତ୍ରଛାତ୍ରୀଙ୍କ କଳାତ୍ମକ ପ୍ରତିଭା ଓ ବୌଦ୍ଧିକ କ୍ଷମତାକୁ ବିକଶିତ କରିବାରେ ଏକ ମୁଖ୍ୟ ମାଧ୍ୟମ ହେବ। ବିଦ୍ୟାଳୟରେ ପିଲାମାନଙ୍କୁ ଏକବିଂଶ ଶତାବ୍ଦୀର ଆହ୍ୱାନ ପାଇଁ ପ୍ରସ୍ତୁତ କରିବାକୁ ସ୍କିଲ୍ ଲ୍ୟାବ୍ ଓ ଅଟଳ ଟିଙ୍କରିଂ ଲ୍ୟାବ୍ ସ୍ଥାପିତ ହୋଇଛି । ଆଗାମୀ ଦିନରେ ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢାଇବା ଉଦ୍ଦେଶ୍ୟରେ ଡିଏମଏଫ ଓ ସିଏସଆର ପାଣ୍ଠି ସହାୟତାରେ ଅନୁଗୋଳ ଜିଲ୍ଲାରେ ଅଧିକରୁ ଅଧିକ ଅଟଳ ଟିଙ୍କରିଂ ଲ୍ୟାବ୍ ସ୍ଥାପନ କରାଯିବ । ଜାତୀୟ ଶିକ୍ଷା ନୀତି ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମାତୃଭାଷାରେ ଶିକ୍ଷାଦାନ ହିଁ ବିକଶିତ ଭାରତର ମୂଳଦୁଆ । ମାକାଉଲେଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷା ପଦ୍ଧତି ଭାରତୀୟ ସଂସ୍କୃତିକୁ ଧ୍ୱଂସ କରିବାକୁ ଚେଷ୍ଟା କରିଥିବା ବେଳେ ଆଜିର ଜାତୀୟ ଶିକ୍ଷା ନୀତି ପିଲାମାନଙ୍କୁ ମାତୃଭାଷା ମାଧ୍ୟମରେ ଆତ୍ମବିଶ୍ୱାସୀ କରୁଛି । ତାଳଚେର ଓ ଅନୁଗୋଳର ସମୃଦ୍ଧ ସାହିତ୍ୟିକ ଓ ସାଂସ୍କୃତିକ ଐତିହ୍ୟକୁ ସ୍ମରଣ କରି ସେ କହିଛନ୍ତି ଯେ, ମାତୃଭାଷା ସଶକ୍ତ ହେଲେ ହିଁ ଆମେ ସବୁ ଭାଷାକୁ ବୁଝିପାରିବା । ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳରେ ସମ୍ବଳର ଅଭାବ ନାହିଁ, କେବଳ ସଠିକ୍ ଯୋଜନାର ଆବଶ୍ୟକତା ଅଛି। ଅନୁଗୋଳର ବିକାଶର ଚାବିକାଠି ଆମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତର୍ନିହିତ । ନବୋଦୟ ବିଦ୍ୟାଳୟ ଗୁଡ଼ିକରେ କୌଣସି ପକ୍ଷପାତିତା ନାହିଁ ଏବଂ ଏଠାରେ ପଢୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ହିଁ ଆଗାମୀ ଦିନରେ ବିଶ୍ୱ ଦରବାରରେ ଭାରତର ନେତୃତ୍ୱ ନେବେ । ଏହି ଅବସରରେ ଶ୍ରୀ ପ୍ରଧାନ ବିବେକାନନ୍ଦ ପାର୍କ ପରିସରରେ ଯୁବଶକ୍ତିର ପ୍ରେରଣାଦାତା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିର ଅନାବରଣ କରିଥିଲେ। ସ୍ୱାମୀଜୀ କହୁଥିଲେ- 'ଉଠ, ଜାଗ୍ରତ ହୁଅ ଏବଂ ଲକ୍ଷ୍ୟ ସ୍ଥଳରେ ନ ପହଞ୍ଚିବା ଯାଏଁ ସ୍ଥିର ହୋଇ ବସିରୁହ ନାହିଁ ।" ଏହି ପ୍ରତିମା ଆଗାମୀ ପିଢ଼ିର ଛାତ୍ରଛାତ୍ରୀଙ୍କୁ ଦେଶସେବା ଓ ଜ୍ଞାନ ଆହରଣ ପାଇଁ ସଦାସର୍ବଦା ଉତ୍ସାହିତ କରିବ ବୋଲି ଶିକ୍ଷା ମନ୍ତ୍ରୀ କହିଥିଲେ। ଏହାବ୍ୟତୀତ ଶ୍ରୀ ପ୍ରଧାନ ବିଦ୍ୟାଳୟ ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ କରିବା ସହ 'ଏକ ପେଡ୍ ମାଆ କେ ନାମ' ଅଭିଯାନରେ ବୃକ୍ଷରୋପଣ କରିଥିଲେ ।

# ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀଙ୍କ ପରଲୋକରେ ଏନ୍-୪ ବିକାଶ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ. ରେବତୀ ପ୍ରସାଦ ମହାନ୍ତିଙ୍କର ଭୁବନେଶ୍ୱର ଏନ୍-୪ ଅଞ୍ଚଳରେ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୯୧ ବୟସରେ ଗତ ଶୁକ୍ରବାର ପରଲୋକ ଘଟିଛି । ଏନ୍-୪ରେ ନିଜ ଘରେ ଥିବାବେଳେ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା କରାଯାଉଥିଲା।

ଏନ୍-୪ ବିକାଶ ପରିଷଦ, ଆଇ.ଆର.ସି ଭିଲେଜ ତରଫରୁ ଗତ ରବିବାର ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉକ୍ତ ଅଞ୍ଚଳରେ ତଥା ଏନ୍-୪ ବିକାଶ ପରିଷଦର ସଦସ୍ୟମାନଙ୍କ ତରଫରୁ ଜଗବନ୍ଧୁ ଷଡ଼ଙ୍ଗୀ (ବିକାଶ ମଞ୍ଚର ସଭାପତି), ସୁବାସ ଚନ୍ଦ୍ର ମଲ୍ଲିକ (ସଭାପତି), ଅଞ୍ଜନ ଦେବତା (ଉପସଭାପତି), ନିତ୍ୟାନନ୍ଦ ବରାଳ (ସାଧାରଣ ସମ୍ପାଦକ), ଚିତରଞ୍ଜନ ପ୍ରଧାନ, ସୁଶାନ୍ତ କୁମାର ଦାସ, ନଗେନ୍ଦ୍ର କୁମାର ମିଶ୍ର, ଡା. ରାମ କୁମାର ମହାପାତ୍ର, ଝିଅ ଶର୍ମିଷ୍ଠା ମହାନ୍ତି, ଦେବଯାନୀ ମହାନ୍ତି, ଜାମାତା ଇତ୍ୟାଦି ସ୍ୱର୍ଗତ ମହାନ୍ତିଙ୍କର ଓଡ଼ିଶାକୁ ଓ ଏନ୍-୪ ଅଞ୍ଚଳକୁ ଅବଦାନ ସମ୍ବନ୍ଧରେ ଅବତାରଣା କରିଥିଲେ । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଅମାୟିକ ଲୋକ ଥିଲେ । ମୃତ୍ୟୁ ବେଳକୁ ତାଙ୍କର ପତ୍ନୀ ବିଣାପାଣୀ ମହାନ୍ତି, ଝିଅ ଓ ଜ୍ୱାଇଁ ମାନେ ଓ ଏନ୍-୪ ଅଞ୍ଚଳର ଅନେକ ବାସିନ୍ଦା ଉପସ୍ଥିତ ଥିଲେ । ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗ ଦ୍ୱାରରେ ସଂସ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁରେ ଏନ୍-୪ ଓ ଭୁବନେଶ୍ୱର ତଥା ତାଙ୍କ ଗ୍ରାମ ଭୁଇଁ ସାଇଲୋ (ତେଣ୍ଟାକୁଡା, କଟକ) ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା ।

# ଚିଲିକା ଉନ୍ନୟନ ପ୍ରାଧିକରଣର କାର୍ଯ୍ୟନିର୍ବାହୀ କମିଟି ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ବୁଧବାର ଚିଲିକା ଉନ୍ନୟନ ପ୍ରାଧିକରଣର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ଏବଂ ସମସ୍ତ ପ୍ରକ୍ରିୟା ଏବଂ ନିର୍ଦ୍ଦେଶାବଳୀ ଅନୁସରଣ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଚିଲିକା ବିକାଶ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ। ଚିଲିକା ଉନ୍ନୟନ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଏମ୍. ଯୋଗଜୟାନନ୍ଦ ଲୁଣାପାଣି ସ୍ତରର ରକ୍ଷଣାବେକ୍ଷଣ, ତଦାରଖ, ନିର୍ବାପନ କାର୍ଯ୍ୟ, ମତ୍ସ୍ୟ ସମ୍ପଦ ବିକାଶ ଏବଂ ସାମାଜିକ ଆର୍ଥିକ ବିକାଶ କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ।

# ଶିଳ୍ପ ସୁରକ୍ଷା ଓ ଶୂନ୍ୟ ଦୁର୍ଘଟଣା ପାଇଁ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ଯାଜପୁର, ନ୍ୟୁଜ ବ୍ୟୁରୋ**



ଶିଳ୍ପ କାରଖାନାରେ କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଦୁର୍ଘଟଣା ରୋକିବା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଶ୍ରମ ବିଭାଗ ଓ ଜିନ୍ଦଲ ଷ୍ଟେନଲେସର ମିଳିତ ସହଯୋଗରେ ଏକ ଜିଲ୍ଲା ସ୍ତରୀୟ ସଚେତନତା ତଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମ 'ସୁରକ୍ଷା-୨୦୨୫' ଆୟୋଜିତ ହୋଇଛି। ସ୍ଥାନୀୟ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଯାଜପୁର ଯୁଗ୍ମ ଶ୍ରମ କମିଶନର ଶିବ ଶଙ୍କର ମିଶ୍ର, ଡିଭିଜନାଲ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ, ଆଇଜିଏଫପି ନିର୍ଦ୍ଦେଶକ ବିକେ ସାହୁ, ଜେଏସଏଲର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ, ଜେଏସଏଲର ବିଜନେସ ମୁଖ୍ୟ ଅବନୀନ୍ଦ୍ର କୁମାର ସିଂ ଯୋଗ ଦେଇଥିଲେ। ଡିଭିଜନାଲ ଶ୍ରମ କମିଶନର ଶ୍ରୀ ଆଚାର୍ଯ୍ୟ ସ୍ୱାଗତ ବକ୍ତବ୍ୟ ଦେବା ସହ କର୍ମକ୍ଷେତ୍ରରେ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ପରେ ସୁରକ୍ଷା ସମ୍ବନ୍ଧୀୟ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ ସେବାନିବୃତ୍ତ ଅଗ୍ନିଶମ ଅଧିକାରୀ, ସ୍ପର୍ଶ ହସ୍ପିଟାଲର ଡାକ୍ତର ରଞ୍ଜନ ସାହୁ, ଏନଏଲୟୁ ଦିଲ୍ଲୀର ଡ. ମାନ୍ ଏବଂ ପୂର୍ବତନ ଇଏସଆଇସି କମିଶନର ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ନିଯୋଜନ ଅଧିକାରୀ, ଜିଲ୍ଲା ଶ୍ରମ ବିଭାଗର ଅଧିକାରୀଗଣ ତଥା ବିଭିନ୍ନ କମ୍ପାନୀ ଓ ପ୍ଲାଣ୍ଟର ସେଫ୍ଟି ମୁଖ୍ୟ ତଥା ମାନବ ସମ୍ବଳ ଅଧିକାରୀଗଣ ଉପସ୍ଥିତ ଥିଲେ। ଡିଭିଜନାଲ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିୟନ୍ତ୍ରିତ ବଜାର କମିଟୀ, ବରଗଡ

ବିଶ୍ୱ ପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଂଚ ଧନୁଯାତ୍ରାର ୭୮ ତମ ବର୍ଷ ପୂର୍ତ୍ତି ଅବସରରେ ବରଗଡ ନିୟନ୍ତ୍ରିତ ବଜାର କମିଟୀ ଅଞ୍ଚଳର ସମସ୍ତ ଚାଷୀ ଭାଇ-ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହ ଚାଷୀ ଭାଇମାନେ ବଜାର ପ୍ରାଙ୍ଗଣ / ଧାନକ୍ରୟ କେନ୍ଦ୍ର ମାଧ୍ୟମରେ ନିଜର କଷ୍ଟୋପାର୍ଜିତ ବିକ୍ରିଯୋଗ୍ୟ ବଜାର ବଳକା ଧାନକୁ ବିକ୍ରୟ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ଦର (MSP) ଓ ଇନ୍‌ପୁଟ୍ ସହାୟତା ପାଇ ଲାଭବାନ ହୁଅନ୍ତୁ।

ଗୋବିନ୍ଦ ନାଗ
ସଂପାଦକ
ନିୟନ୍ତ୍ରିତ ବଜାର କମିଟି
ବରଗଡ

ମଧୁଛନ୍ଦା ସାହୁ ଓ.ପ୍ର.ସେ
ଅତିରିକ୍ତ ଜିଲ୍ଲାପାଳ, ବରଗଡ
ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି,
ବରଗଡ

ଭୁବନେଶ୍ୱର
୨୫ ଡିସେମ୍ବର,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସରିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ

**କଟକ, ୨୪/୧୨ ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ ଶେଷ ହୋଇଛି । ମରାମତି କାମ ସରିବା ପରେ ରତ୍ନଭଣ୍ଡାରକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି ବୋଲି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି । ଅପରପକ୍ଷରେ ରତ୍ନଭଣ୍ଡାରରୁ ଅଳଙ୍କାର କଢ଼ାଯାଇଛି କିନ୍ତୁ ଏହାର ଗଣତିମଣତି ଏ ପର୍ଯ୍ୟନ୍ତ ହୋଇନଥିବା ମଧ୍ୟ ରାଜ୍ୟ ସରକାର ଜବାବ ରଖିଥିଲେ । ଗଣତିମଣତି ପାଇଁ ରାଜ୍ୟ ସରକାର ଏକ ଏସ୍‌ଓପି ପ୍ରସ୍ତୁତ କରିଛନ୍ତି । ଏହି ଏସ୍‌ଓପି ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଅଦାଲତଙ୍କୁ ଅବଗତ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ କୁହାଯାଇଥିଲା । ଏହି ଜବାବ ପରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ଶୀତ ଅବକାଶ ପରକୁ ଧାର୍ଯ୍ୟ କରିଛନ୍ତି । ପୁରୀ ସର୍କଲ ଏଏସ୍‌ଆଇର ପ୍ରତ୍ନତତ୍ତ୍ୱ ଅଧୀକ୍ଷକ ଡି.ବି.ଗଡ଼ନାୟକ ସତ୍ୟପାଠ ଦାଖଲ କରି ଦର୍ଶାଇଥିଲେ ଯେ, ମରାମତି ପାଇଁ ଏଏସ୍‌ଆଇକୁ ୨୦୨୪ ଡିସେମ୍ବର ୧୭ରେ ରତ୍ନଭଣ୍ଡାର ହସ୍ତାନ୍ତର କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ରତ୍ନଭଣ୍ଡାର ମରାମତି କାମ ୨୦୨୪ ଡିସେମ୍ବର ୧୭ ତାରିଖରୁ ୨୦୨୫ ଏପ୍ରିଲ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ପୁଣି ଚଳିତବର୍ଷ ରଥଯାତ୍ରା ସମୟରେ ଅର୍ଥାତ ୨୦୨୫ ଜୁନ୍ ୨୮ ତାରିଖରୁ ରତ୍ନଭଣ୍ଡାରକୁ ଖୋଲାଯାଇ ତାହାର ମରାମତି କରାଯାଇଥିଲା । ଏହି ସମୟରେ ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଶେଷ ହୋଇଛି ।

ଗତ ଜୁଲାଇ ୬ ତାରିଖରେ ରତ୍ନଭଣ୍ଡାରକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି ବୋଲି ଏଏସ୍‌ଆଇ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା । ଏହାପରେ ରତ୍ନଭଣ୍ଡାରରୁ କଢ଼ା ଯାଇଥିବା ଅଳଙ୍କାରର ଏ ପର୍ଯ୍ୟନ୍ତ ଗଣତିମଣତି ହୋଇନଥିବାରୁ ଆବେଦନକାରୀ ଦିଲୀପ କୁମାର ବରାଳ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରାଜ୍ୟ ସରକାର ଜବାବ ରଖିଥିଲେ ଯେ, ଏସ୍‌ଓପି ପ୍ରସ୍ତୁତ ପରେ ଗଣତିମଣତି କାର୍ଯ୍ୟ କିପରି କରାଯିବ ତାହା ସ୍ଥିର ହେବ । ପରବର୍ତ୍ତୀ ଶୁଣାଣିରେ ଅଦାଲତଙ୍କୁ ଏସଂପର୍କରେ ଅବଗତ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ପରିଚାଳନା କରୁଛନ୍ତି । ଅନ୍ୟପକ୍ଷରେ ଡିସେମ୍ବର ୨୭ ତାରିଖରେ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟିର ବୈଠକ ବସି ଚିଠା ଏସ୍‌ଓପି ବିଷୟରେ ଆଲୋଚନା କରିବାକୁ ଧାର୍ଯ୍ୟ ହୋଇଛି ବୋଲି ସୂଚନା ମିଳିଛି ।

# କଳା ତାଲିକାଭୁକ୍ତ ହେଲା ସିଲିକନ୍ ଟେକ୍ ଲ୍ୟାବ୍ ପ୍ରାଇଭେଟ୍ ଲିମିଟେଡ୍

**କଟକ,୨୪/୧୨ ନ୍ୟୁଜ ବ୍ୟୁରୋ**

ଏଏସ୍‌ଓ ପରୀକ୍ଷା କେଳେଙ୍କାରୀ ପ୍ରସଙ୍ଗ । କଳା ତାଲିକାଭୁକ୍ତ ହେଲା ସିଲିକନ୍ ଟେକ୍ ଲ୍ୟାବ୍ ପ୍ରାଇଭେଟ୍ ଲିମିଟେଡ । ୫ ବର୍ଷ ପାଇଁ କଳା ତାଲିକାଭୁକ୍ତ କଲେ ହାଇକୋର୍ଟ । ଏଏସ୍‌ଓ ପରୀକ୍ଷାରେ ଅନିୟମିତତା କରିଥିବା ନେଇ ମିଳିଥିଲା ପ୍ରମାଣ । ତେବେ ୨୦୨୫ ମେ' ଚୁକ୍ତି ଅନୁଯାୟୀ ଏହି ସଂସ୍ଥାକୁ ପରୀକ୍ଷା ପରିଚାଳନା ପାଇଁ ଅନୁମତି ମିଳିଥିଲା । ଚଳିତ ବର୍ଷ ଜୁଲାଇ ମାସରେ ଏଏସ୍‌ଓ ପଦବୀ ପାଇଁ ଏଠାରେ ମୁଖ୍ୟ ଲିଖିତ ପରୀକ୍ଷା କରାଯାଇଥିଲା । ତେବେ ସଂସ୍ଥା ବିରୁଦ୍ଧରେ ଗୋପନୀୟତା ଭଙ୍ଗ କରିବାର ଅଭିଯୋଗ ହୋଇଥିଲା । ଯାହା ପ୍ରମାଣିତ ହେବା ପରେ ସଂସ୍ଥାକୁ ୫ ବର୍ଷ ପାଇଁ କଳା ତାଲିକାଭୁକ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଥାଉକି, ଗତ ଜୁଲାଇ ୧୩ ତାରିଖରେ ଏଏସଓ ମେନ୍ ପରୀକ୍ଷା ହୋଇଥିଲା । ପରୀକ୍ଷା ପରିଚାଳନା ପାଇଁ ନିୟୋଜିତ ସଂସ୍ଥା ଉପରେ ହାଇକୋର୍ଟ ସନ୍ଦେହ ପ୍ରକାଶ କରି ପରୀକ୍ଷା ପ୍ରକ୍ରିୟାରେ ନିରପେକ୍ଷତା ଅବଲମ୍ବନ ପାଇଁ ମୁଖ୍ୟ ଲିଖିତ ପରୀକ୍ଷାକୁ ବାତିଲ କରିବାକୁ ହାଇକୋର୍ଟ ନିଷ୍ପତ୍ତି ନେଇଥିଲେ । ତେବେ ଗତ ମେ ୪ ତାରିଖରେ ଅନୁଷ୍ଠିତ ପ୍ରିଲିମିନାରୀ ପରୀକ୍ଷାରେ ମନୋନୀତ ହୋଇଥିବା ୭୧୧୩ ଜଣ ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ଦେଇଥିଲେ ।



## ଖଣି ମନ୍ତ୍ରଣାଳୟ ସଚିବଙ୍କ ନାଲ୍‌କୋ ଗସ୍ତ

# ସମ୍ପ୍ରସାରଣ କାର୍ଯ୍ୟ ଏବଂ କମ୍ପାନୀର ଅଭିବୃଦ୍ଧି ସମ୍ପର୍କରେ ସମୀକ୍ଷା






**ଭୁବନେଶ୍ୱର,୨୪/୧୨ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସଚିବ ପୀୟୁଷ ଗୋୟଲ ବୁଧବାର ଭୁବନେଶ୍ୱରସ୍ଥିତ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି । ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଗୋୟଲଙ୍କ ନାଲ୍‌କୋ ମୁଖ୍ୟାଳୟକୁ ଏହା ପ୍ରଥମ ଗସ୍ତ । ଗସ୍ତ ସମୟରେ ସେ ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ । ସେ କମ୍ପାନୀର ସମ୍ପ୍ରସାରଣ ତଥା ପରିଚାଳନାଗତ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଥିଲେ । ବୈଠକରେ କମ୍ପାନୀ ବୋର୍ଡର ସଦସ୍ୟ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଶ୍ରୀ ଗୋୟଲ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ, ଉତ୍ପାଦନ ଲକ୍ଷ୍ୟ ହାସଲ ଏବଂ ପରିଚାଳନାଗତ ଦକ୍ଷତାର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ନାଲ୍‌କୋର ସାମୂହିକ ସଫଳତା ତଥା ଭୌତିକ ଏବଂ ଆର୍ଥିକ କ୍ଷେତ୍ର ଗୁଡ଼ିକରେ ଦୃଢ଼ ପ୍ରଦର୍ଶନ ପାଇଁ ପ୍ରଶଂସା କରିଥିଲେ । ଶ୍ରୀ ଗୋୟଲ ନାଲ୍‌କୋ ସମୂହକୁ କାର୍ଯ୍ୟର ସମସ୍ତ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଶ୍ରୀ ଗୋୟଲ ପରିବେଶଗତ ସୁରକ୍ଷା ଦିଗରେ ପ୍ରତିବଦ୍ଧତାକୁ ଦର୍ଶାଇ ଏକ ଚାରାମଧ ରୋପଣ କରିଥିଲେ । ଏହି ଗସ୍ତ ସମୟରେ ସେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଅନ୍ୟ ଏକ ବୈଠକରେ ଯୋଗଦେବା ସହ ଦାମନଯୋଡ଼ିସ୍ଥିତ ମାଇନ୍ସ ଓ ରିଫାଇନେରୀ କମ୍ପ୍ଲେକ୍ସ ତଥା ଅନୁଗୋଳରେ ଥିବା ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସରେ ନାଲ୍‌କୋର ସମ୍ପ୍ରସାରଣ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ସେ ନିଲାମ ହୋଇଥିବା ପ୍ରମୁଖ ଖଣିଜ ବ୍ଲକଗୁଡ଼ିକର କାର୍ଯ୍ୟକ୍ଷମତା ସମ୍ପର୍କରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଭାରତ ସରକାରଙ୍କ ଏଜେନ୍ସି ଏବଂ ନିଲାମ ହୋଇଥିବା ବ୍ଲକଗୁଡ଼ିକର ବିଡରଙ୍କ ସହିତ ଏକ ଖଣି କ୍ଷେତ୍ର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା ମଧ୍ୟ କରିଥିଲେ ।

# କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନନ୍ହିପରୀ-୨୦୨୫ : ପାଇଲେ ୧୦ଲକ୍ଷ ପୁରସ୍କାର

## ପ୍ରଥମ ଉପବିଜେତାଙ୍କୁ ୫ଲକ୍ଷ ଓ ଦ୍ୱିତୀୟ ଉପବିଜେତାଙ୍କୁ ୩ଲକ୍ଷ ଅର୍ଥରାଶି ପୁରସ୍କାର

**ଭୁବନେଶ୍ୱର, ୨୪ ।୧୨ ନ୍ୟୁଜ ବ୍ୟୁରୋ**



କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୨୫ ଟାଇଟଲ୍ ହାସଲ୍ କରିଛନ୍ତି । କିଟ୍ ଫିଲ୍ମ ଆଣ୍ଡ ଫେସନ ସ୍କୁଲ୍ ପକ୍ଷରୁ ଆୟୋଜିତ 'କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ' ୨୦୨୫ର ଫାଇନାଲ୍ ତଥା ମେଗା ରାଉଣ୍ଡ ଶେଷ ହୋଇଛି । ଫାଇନାଲ୍ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସମୃଦ୍ଧି ନନ୍ହିପରୀ ମୁକୁଟ ସହ ୧୦ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି । ସେମିଫାଇନାଲ୍‌କୁ ୩୫ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ୍ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ । ମଧ୍ୟପ୍ରଦେଶର ପ୍ରାଞ୍ଜଳ ଶର୍ମା ପ୍ରଥମ ଉପବିଜେତା ହୋଇଥିବା ବେଳେ ତେଲେଙ୍ଗାନାର ପି ପ୍ରାର୍ଥିନୀ ଦ୍ୱିତୀୟ ଉପବିଜେତା ହୋଇଥିଲେ । ଏହି ଦୁଇ ଉପବିଜେତାଙ୍କୁ ଯଥାକ୍ରମେ ୫ ଲକ୍ଷ ଓ ୩ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା । ଫାଇନାଲ୍ ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା । ଏହି ଅବସରରେ କିଟ୍ ନନ୍ହିପରୀ ମୁଖ୍ୟ ପୃଷ୍ଠପୋଷକ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଫାଇନାଲ୍ ରାଉଣ୍ଡରେ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୪ ବିଜେତା ନିକିତା ପରୱାଲ୍, ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୩ ବିଜେତା ନନ୍ଦିନୀ ଗୁପ୍ତା, ଫେମିନା ମିସ୍ ଇଣ୍ଡିଆ ୨୦୨୪ ପ୍ରଥମ ଉପବିଜେତା ରେଖା ପାଣ୍ଡେ, ଅଲିମ୍ପିଆନ୍ ଅମିତ ରୋହିଦାସ, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଡା. ଜୟନ୍ତ କୁମାର ଦାସ ପ୍ରମୁଖ ଜୁରୀ ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ) ପାଇଁ ତ୍ରିଶା ଜୈନ (ରାଜସ୍ଥାନ), ଲିଟିଲ୍ ମିସ୍ ଫଟୋଜେନିକ ପାଇଁ ପ୍ରାଞ୍ଜଳ ଶର୍ମା (ମଧ୍ୟପ୍ରଦେଶ), ଲିଟିଲ୍ ମିସ୍ ସେଲ୍‌ଫି ପାଇଁ (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍) ସୁଦେଷ୍ଣା ଗୁରୁଙ୍ଗ (ସିକିମ), ଲିଟିଲ୍ ମିସ୍ ମୋନାଲିସା ଖୁସାଲୀ ଗୁର୍ଜର (ରାଜସ୍ଥାନ), ଲିଟିଲ୍ ମିସ୍ ଉଇଜ୍‌କିଡ୍ (କୁଇଜ୍‌ରେ ସର୍ବାଧିକ ନମ୍ବର) ଆହାନା ସିଂହ ଚୌହାନ (ଦିଲ୍ଲୀ), ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ) ଶର୍ମିଷ୍ଠା ସାଇକିଆ (ଆସାମ), ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ) ସମୃଦ୍ଧି ତ୍ରିପାଠୀ (କର୍ଣ୍ଣାଟକ), ମିସ୍ ପର୍ସନାଲିଟି ଜିୟା ନେଭାନୀ (ରାଜସ୍ଥାନ), ମିସ୍ ଫେସନ ସ୍ୱର୍ଣ୍ଣିକା ଖୋଲିୟା (ଓଡ଼ିଶା) ଏବଂ ମିସ୍ ଫିଟ୍ ପାଇଁ ଯଶଶ୍ରୀ ସାଗରିକା (ଓଡ଼ିଶା) ପୁରସ୍କୃତ ହୋଇଥିଲେ । ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ୨୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଏଥର ମୋଟ ୫୬ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା । ସେଥିରୁ ଟାଇଟଲ୍ ବିଜୟିନୀଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରେ ଯେ କୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶତ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୧୮ ଲକ୍ଷ ଟଙ୍କା, ୧୦ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ମୋଟ ୨୮ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ପ୍ରଥମ ରନର୍ସ ଅପ୍‌ଙ୍କୁ ସମୁଦାୟ ପୁରସ୍କାର ରାଶି ୧୪ ଲକ୍ଷ ଥିବା ବେଳେ ୫ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ଏବଂ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ କରାଯିବ । ଦ୍ୱିତୀୟ ରନର୍ସଅପ୍‌ଙ୍କୁ ମୋଟ ପୁରସ୍କାର ରାଶି ୧୨ଲକ୍ଷ ଟଙ୍କା ଥିବା ବେଳେ ୩ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ର ବ୍ୟବସ୍ଥା ରହିଛି । ଅନ୍ୟାନ୍ୟ ବର୍ଗରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍ ଏନ୍ ମହାନ୍ତି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଡ ପ୍ରବୋଧ ମହାନ୍ତି, ଇଭୋସର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଏମ୍‌ଜିଏମ୍ ମିନେରାଲ୍‌ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ନନ୍ହିପରୀ ପ୍ରତିଷ୍ଠାତା ମଳୟ ମହାପାତ୍ର, ନନ୍ହିପରୀ କୋର କମିଟି ସଦସ୍ୟା ଡ. ଶ୍ରଦ୍ଧାଞ୍ଜଳି ନାୟକ ଓ ସୋମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ୧ କୋଟି ୧୪ଲକ୍ଷ ଟଙ୍କାର ବେଆଇନ ସାମଗ୍ରୀ ଜବତ

**ଭୁବନେଶ୍ୱର,୨୪/୧୨ ନ୍ୟୁଜ ବ୍ୟୁରୋ**

ଅବକାରୀ ବିଭାଗ ଓ ପୁଲିସ ବିଭାଗର ମିଳିତ ସହଯୋଗରେ ସାରା ରାଜ୍ୟରେ ଚାଲୁଥିବା ସ୍ୱତନ୍ତ୍ର ଚଢ଼ଉ ଅଭିଯାନର ଚତୁର୍ଥ ଦିନ ବୁଧବାର ହୋଇଥିବା ଚଢ଼ଉରେ ମୋଟ ୧,୧୪,୬୨,୯୭୪ ଟଙ୍କାର ବେଆଇନ ମାଦକ ଦ୍ରବ୍ୟ ଓ ସାମଗ୍ରୀ ଜବତ ହୋଇଛି । ଏହି କାର୍ଯ୍ୟାନୁଷ୍ଠାନରେ ଏନ୍‌ଡିପିଏସ୍ ଆକ୍ଟ ଅଧୀନରେ ୪ଟି ମାମଲା ସହ ମୋଟ ୨୩୯ଟି ମାମଲା ରୁଜୁ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ୧୩୪ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୩ଟି ଗାଡ଼ିକୁ ଜବତ କରାଯାଇଛି । ଚଢ଼ଉ ଅଭିଯାନରେ ୧୦,୨୮୪ଲିଟର ବେଆଇନ ଦେଶୀ ମଦ, ୪୨୨ଲିଟର ଡ୍ୟୁଟି-ପେଡ ଲିକ୍ୟୁଆର, ୨୨କିଲୋଗ୍ରାମ ଭାଙ୍ଗ, ୮୧,୬୦୦ଲିଟର ମହୁଲ ପୋଚ ଓ ୪,୧୩୦କିଲୋଗ୍ରାମ ଗୁଡ଼ ପୋଚ ଜବତ କରାଯାଇଛି । ଏଥି ସହିତ ୬୨କିଲୋଗ୍ରାମ ଗଞ୍ଜେଇ ମଧ୍ୟ ଜବତ କରାଯାଇଛି ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପ୍ରକଳ୍ପର ସମୀକ୍ଷା : ୭୯୬ କୋଟି ଟଙ୍କା ମଞ୍ଜୁର



**ଭୁବନେଶ୍ୱର, ୨୪।୧୨ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପ୍ରକଳ୍ପର ଉଚ୍ଚସ୍ତରୀୟ ସମୀକ୍ଷା କରାଯାଇଛି । ରାଜ୍ୟର ସହରାଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନ ପ୍ରକଳ୍ପଗୁଡ଼ିକର ବୁଧବାର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଖାରବେଳ ଭବନରେ ଅନୁଷ୍ଠିତ ଉକ୍ତ ବୈଠକରେ ଗୃହନିର୍ମାଣ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟର ସମସ୍ତ ପୌର ସଂସ୍ଥା ଭିଡିଓ କନଫରେନ୍ସିଂ ମାଧ୍ୟମରେ ସଭାରେ ଅଂଶଗ୍ରହଣ କରିଥିଲେ । ସମୀକ୍ଷାରୁ ପ୍ରକାଶ ଯେ, ଚଳିତ ଆର୍ଥିକ ବର୍ଷ ପାଇଁ ଏମ୍‌ଏସ୍‌ବିୱାଇ ପାଇଁ ୧, ୨୦୦ କୋଟିର ବ୍ୟବସ୍ଥା କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ୬, ୭୦୦ଟି ପ୍ରକଳ୍ପ ଅନୁମୋଦିତ ହୋଇଛି ଏବଂ ୭୯୬ କୋଟି ଟଙ୍କା ମଞ୍ଜୁର କରାଯାଇଛି । ମନ୍ତ୍ରୀ ଡ. ମହାପାତ୍ର ସମସ୍ତ ପୌରସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ତ୍ୱରାନ୍ୱିତ ହେବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଳମ୍ବ ପ୍ରତି ଶୂନ୍ୟ ସହିଷ୍ଣୁତା ରହିବ ବୋଲି ସେ ସ୍ପଷ୍ଟ କରିଥିଲେ । ସେହିପରି ପ୍ରକଳ୍ପର ଗୁଣବତ୍ତାରେ କୌଣସି ପ୍ରକାର ସାଲିସ୍ ଗ୍ରହଣୀୟ ନୁହଁ ବୋଲି ସେ ଜୋର ଦେଇ କହିଥିଲେ, କାରଣ ଏହି ଯୋଜନା ସହରବାସୀଙ୍କ ଆକାଂକ୍ଷା ପୂରଣ ଓ ସହରୀ ଢାଞ୍ଚାର ରୂପାନ୍ତର ପାଇଁ ଉଦ୍ଦିଷ୍ଟ । ମନ୍ତ୍ରୀ ଆହୁରି କହିଥିଲେ ଯେ, ୟୁଏଲ୍‌ବିଏସ୍‌ମାନଙ୍କ ଦ୍ୱାରା ପ୍ରସ୍ତାବିତ ସମସ୍ତ ପ୍ରକଳ୍ପକୁ ସରକାରଙ୍କ ଅନୁମୋଦନ ସହ ଆବଶ୍ୟକ ଅର୍ଥ ସହାୟତା ମିଳିଛି । ତେଣୁ ଅନୁମୋଦନ ପର୍ଯ୍ୟାୟରୁ ସିଧାସଳଖ ତଳସ୍ତରରେ କାର୍ଯ୍ୟ ଆରମ୍ଭ କରିବାକୁ ସେ ପୌର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏମ୍‌ଏସ୍‌ବିୱାଇ ଅଧୀନରେ ମାନକ, ଡିଜାଇନ, ପ୍ରାଯୁକ୍ତିକ ମାନଦଣ୍ଡ ଓ ଉନ୍ନତ ନିର୍ମାଣ ଗୁଣବତ୍ତା ପାଳନ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ । ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଅଗ୍ରିମ ପରିକଳ୍ପନା, ଟିମ୍ ୱାର୍କ ଓ ବିଭାଗୀୟ ସମନ୍ୱୟ ଉପରେ ଜୋର ଦେଇ କହିଥିଲେ ଯେ, ଏହା ମାଧ୍ୟମରେ ସହରାଞ୍ଚଳ ଦୃଶ୍ୟମାନ ଉନ୍ନତି ସମ୍ଭବ ହେବ । ସେ ୟୁଏଲ୍‌ବିମାନଙ୍କୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ମଞ୍ଜୁରିପ୍ରାପ୍ତ ଅର୍ଥର ସମ୍ପୂର୍ଣ୍ଣ ସଦୁପଯୋଗ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାର ସୁଚିନ୍ତିତ, ସମୟବଦ୍ଧ ଓ ଗୁଣବତ୍ତାଭିତ୍ତିକ ସହରୀ ବିକାଶ ପ୍ରତି ନିଜ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ଏବଂ ଏମ୍‌ଏସ୍‌ବିୱାଇ ଅଧୀନ ପ୍ରକଳ୍ପଗୁଡ଼ିକ ରାଜ୍ୟର ସମସ୍ତ ସହରବାସୀଙ୍କୁ ସ୍ପଷ୍ଟ ଓ ସ୍ଥାୟୀ ଲାଭ ପ୍ରଦାନ କରିବ ବୋଲି ଆଶା ପ୍ରକାଶ କରିଛନ୍ତି ।

# ବନ୍ଧୁକ ସମେତ ୧୪୬ ବଜ୍ରକପ୍ତା କାତି ଜବତ : ୬ ଗିରଫ

**ନୀଳଗିରି,୨୪/୧୨ ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ନୀଳଗିରି ଅଞ୍ଚଳର କୁଳଡିହା ବନ ବିଭାଗକୁ ବଡ଼ ସଫଳତା ମିଳିଛି । କୁଳଡିହା ଅଭୟାରଣ୍ୟରେ ୬ ଶିକାରୀ ଓ ବେପାରୀ ଗିରଫ ହୋଇଛନ୍ତି । ସେମାନଙ୍କଠାରୁ ୧୪୬ ବଜ୍ରକାପ୍ତା କାତି, ଦେଶୀ ବନ୍ଧୁକ, ଝିଙ୍କ କାଠି, ଧନୁତୀର, ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ୨ ସପ୍ତାହ ମଧ୍ୟରେ ୨୨ ଜଣ ଶିକାରୀ ଓ ବେପାରୀ ଗିରଫ ହେଲେଣି । ଏଆଇ କ୍ୟାମେରାରୁ ପ୍ରଥମେ ୩ ଜଣ ଶିକାରୀ ଗିରଫ ପରେ ଫୋନ୍ ଟ୍ରାକ୍ ମାଧ୍ୟମରେ ଜଣକ ପରେ ଜଣେ ଶିକାରୀ ଧରାପଡୁଛନ୍ତି । ଏ ପର୍ଯ୍ୟନ୍ତ ଗୁହାଳିଆ, ହାତୀଖୁଲିଆ, ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳରୁ ୨୨ ଜଣ ଶିକାରୀ ଓ ବେପାରୀ ଗିରଫ ହେଲେଣି । ଏପରିକି ହାତୀର ଗଳିତ ଶବ ଖୋଳି ହାଡ଼ ବାହାର କରି ଏହାକୁ ହାତୀଦାନ୍ତ ନିର୍ମାଣ ପାଇଁ ଏକ ରାକେଟ୍ ସକ୍ରିୟ ଥିବା ଜଣାପଡ଼ିଥିଲା । ଆଗକୁ ଆହୁରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସିଏଫ୍ ଶୋଭନଦିଗନ୍ତ ଚାନ୍ଦ କହିଛନ୍ତି ।



# ଚାନ୍ଦବାଲି ଲଜ୍ଜା; ଅଭିଯୁକ୍ତକୁ ଧରିବା ଚ୍ୟାଲେଞ୍ଜିଂ ଥିଲା

**ଭୁବନେଶ୍ୱର,୨୪/୧୨ ନ୍ୟୁଜ ବ୍ୟୁରୋ**

ଭଦ୍ରକ ଚାନ୍ଦବାଲିରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର । ୧୦ ବର୍ଷର ନାବାଳିକାକୁ ହତ୍ୟା ଘଟଣାରେ ଭଦ୍ରକ ଏସ୍‌ପି ଓ ସମ୍ପୂର୍ଣ୍ଣ ଟିମ୍ ତଦନ୍ତ ଦାୟିତ୍ୱ ନେଇଥିଲେ । ନାବାଳିକାଙ୍କ ବାପାଙ୍କ ଏତଲାରେ ପୋକ୍ସୋ ମାମଲା ରୁଜୁ ହୋଇଥିଲା । ଅଭିଯୁକ୍ତକୁ ଠାବ କରିବା ଚାଲେଞ୍ଜ ଥିଲା ବୋଲି କହିଛନ୍ତି ପୂର୍ବାଞ୍ଚଳ ଡିଆଇଜି । ପ୍ରତିକ୍ରିୟା ଦେଇ ଡିଆଇଜି କହିଛନ୍ତି, "ଲୋକେ ଉତ୍ତେଜିତ ଥିଲେ, ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିଛୁ । ବହୁତ୍ ଟିମ୍ ଗଠନ ହୋଇଥିଲା । ସାକ୍ଷୀ କେହି ନଥିଲେ । ୧୨ ଘଣ୍ଟାରେ ଅଭିଯୁକ୍ତକୁ ଗିରଫ କରାଯାଇଛି । ବଳିଷ୍ଠ ପ୍ରମାଣ ପାଇଁ ଡାକ୍ତର ଶବ ବ୍ୟବଚ୍ଛେଦ କରିବେ । ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛି । ବର୍ତ୍ତମାନ ସୁଦ୍ଧା ଜଣେ ଅଭିଯୁକ୍ତର ସଂପୃକ୍ତି ପ୍ରମାଣ ମିଳିଛି । ଅଧିକ ଲୋକଙ୍କ ସଂପୃକ୍ତିକୁ ନେଇ ତଦନ୍ତ ଚାଲିଛି । ଅଭିଯୁକ୍ତ ନିକଟରୁ ସମ୍ବେଦନଶୀଳ ସାମଗ୍ରୀ ପାଇଛୁ । ଅଭିଯୁକ୍ତ ଘଟଣା ସ୍ୱୀକାର କରିଛି ।'' ଭଦ୍ରକ ଚାନ୍ଦବାଲିରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିବା ଜଣାପଡ଼ିଛି । ଜଗତସିଂହପୁରରୁ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ । ଘଟଣାକୁ ନେଇ ଚାନ୍ଦବାଲିରେ ରାସ୍ତାରୋକ ଓ ଉତ୍ତେଜନା ଦେଖା ଦେଇଛି । ଗାଁରେ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । ଉତ୍ତେଜନାକୁ ଦେଖି ବେଆଇନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି ।






**ବାର୍ତ୍ତା**

**ରାୟଗଡ଼ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ଚଇତି-୨୦୨୫**

ରାୟଗଡ଼ର ମୋର ପ୍ରିୟ ଜିଲ୍ଲାବାସୀଙ୍କୁ ନମସ୍କାର ଓ ଅଭିନନ୍ଦନ । ରାୟଗଡ଼ ଜିଲ୍ଲା ଲୋକ ମହୋତ୍ସବ 'ଚଇତି - ୨୦୨୫' ଓ 'ପଲ୍ଲିଶ୍ରୀ ମେଳା' ଆସନ୍ତା ଡିସେମ୍ବର ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜିସିଡି ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ମହୋତ୍ସବ ହେଉଛି ଆମ ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା ଏବଂ ବିକାଶର ପ୍ରତୀକ । ଚଇତି ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳାରେ ଯୋଗଦେଇ ଆପଣମାନେ ଆମ ଆଦିବାସୀ ସଂସ୍କୃତିର ବୈଶିଷ୍ଟ୍ୟ, ହସ୍ତଶିଳ୍ପ ଓ ଜିଲ୍ଲାର ପ୍ରଗତିକୁ ଅନୁଭବ କରିପାରିବେ । ଏହି ପାଞ୍ଚ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ କଳାକାରଙ୍କ ସହ ଅନ୍ୟ ରାଜ୍ୟର କଳାକାରଙ୍କ ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ସୃଷ୍ଟି କରିବ । ଏତଦ ବ୍ୟତୀତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ହସ୍ତ ଶିଳ୍ପ ହସ୍ତକଳା କାରିଗର ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରିବଟା କରିବାର ସୁଯୋଗ ପାଇବେ । ଏହି ଉତ୍ସବରେ ସମସ୍ତ ଜିଲ୍ଲାବାସୀଙ୍କୁ ଯୋଗଦେବା ନିମନ୍ତେ ଆମନ୍ତ୍ରଣ କରୁଅଛି ।

ଆଶୁତୋଷ କୁଲକର୍ଣ୍ଣୀ, (ଭା.ପ୍ର.ସେ),
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼